


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୯ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 19 AUGUST 2021
Vol.No. 32 ■ No. 211 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବନ୍ଧୁକ ମୂନରେ ଶାସନ ଛଡାଇନେଇଥିବା ତାଲିବାନୀଙ୍କୁ ବଡ ବିରୋଧ

### ପ୍ରଥମ ଥର ପାଇଁ ଜଲାଲାବାଦରେ ରାସ୍ତାକୁ ଓହ୍ଲାଇଲେ ସାଧାରଣ ଲୋକ ତାଲିବାନ ପତାକା କାଢ଼ି ଲଗାଇଲେ ଆଫଗାନ ପତାକା



ନୂଆଦିଲ୍ଲୀ,୧୮/୦୮ : ଆଜି ପ୍ରଥମ ଥର ପାଇଁ ଆଫଗାନିସ୍ତାନରେ ତାଲିବାନ ବିରୋଧୀ ପ୍ରତିବାଦ ଦେଖିବାକୁ ମିଳିଛି । ପଶ୍ଚିମ ଆଫଗାନର ଜଲାଲାବାଦ ନାମକ ସହରର ଏକ ଛକରେ ବିକ୍ଷୋଭକାରୀ ମାନେ ତାଲିବାନ ବିରୋଧୀ ନାରା ଦେବା ସହ ଦେଶର ପତାକା ଉଡାଇଥିଲେ । କାବୁଲ ଠାରୁ ୧୫୦କିଲୋମିଟର ଦୂର ଜଲାଲାବାଦରେ ଏହି ପ୍ରତିବାଦ ଚାଲିଥିବାବେଳେ ତାଲିବାନୀ ମାନେ ଗୁଳି ଚଳାଇଥିଲେ । ଏଥିରେ ୩ଜଣଙ୍କର ମୃତ୍ୟୁ ହୋଇଛି । ତାଲିବାନୀଙ୍କ ବିରୋଧରେ ଏଭଳି ପ୍ରତିବାଦ ପ୍ରଥମ ବୋଲି କୁହାଯାଉଛି । ଗତ କିଛିଦିନ ହେଲା ହାତରେ ବନ୍ଧୁକ ଧରି ତାଲିବାନୀମାନେ ଆଫଗାନ ରାସ୍ତାରେ ପଇଁତରା ମାରୁଥିବାର ଖବର ଆମେ ଜାଣିଛେ । ହେଲେ ଏହାରି ଭିତରେ ଆଫଗାନିସ୍ତାନର ଜଲାଲାବାଦରୁ ସାଧାରଣ ନାଗରିକଙ୍କ ପ୍ରତିବାଦ ସାମ୍ନାକୁ ଆସିଛି । ତାଲିବାନର କାବୁଲ ଦଖଲ ପରେ ଏହା ପ୍ରଥମ ବଡ ପ୍ରତିବାଦ । ତାଲିବାନ ବିରୋଧୀ ନାରା ଦେଇ ସାଙ୍ଗରେ ଜାତୀୟ ପତାକା ଧରି ଆଗକୁ ବଢୁଛନ୍ତି ଆଫଗାନିସ୍ତାନର ସାଧାରଣ ନାଗରିକ । ଜଲାଲାବାଦ ସହରରେ କିଛି ଲୋକ ତାଲିବାନକୁ ଖୋଲାଖୋଲି ବିରୋଧ କରିଛନ୍ତି । ହାତରେ ହତିଆର ଧରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରଠାରୁ କ୍ଷମତା ଛଡାଇ ନେଇଥିବା ଦୁର୍ଦ୍ଧର୍ଷ ଆତଙ୍କବାଦୀ ଗୋଷ୍ଠୀଙ୍କ ବିରୋଧରେ ସାଧାରଣ ନାଗରିକଙ୍କ ନିର୍ଭିକ ସ୍ୱର ଶୁଭିଛି । ଜୀବନ ବିକଳରେ ଲୋକେ ଅନ୍ୟଦେଶର ଉଦ୍ଧାରକାରୀ ବିମାନରେ ଝୁଲି ବାହାରକୁ ଚାଲିଯିବାକୁ ବ୍ୟାକୁଳ ହେଉଥିବାର ଚିତ୍ର ଭିତରେ ଏହି ଚିତ୍ର ବି ସାମ୍ନାକୁ ଆସିଛି । ଯେଉଁଠି ଜଲାଲାବାଦର ଏକ ଉଚ୍ଚ ସ୍ମାରକୀରେ ତାଲିବାନ ପତାକାକୁ ଖୋଲି ଆଫଗାନିସ୍ତାନର ଜାତୀୟ ପତାକା ଉଡାଇବାକୁ ସାହସ ଜୁଟାଇଛନ୍ତି କିଛି ସାଧାରଣ ନାଗରିକ । ୮ ସେକେଣ୍ଡର ଏକ ଭିଡିଓକୁ ଟ୍ୱିଟ କରିଛି ଏକ ସ୍ଥାନୀୟ ଗଣମାଧ୍ୟମ ପାଝୱୋକ ଆଫଗାନ୍ ନ୍ୟୁଜ । ନାଲି, ନୀଳ ଓ କଳା ରଙ୍ଗର ଆଫଗାନ ଜାତୀୟ ପତାକାକୁ ଇଡାଇ କିଛି ଲୋକ ତାଲିବାନ ବିରୋଧରେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ଶୁଣାଇ ଦେଇଛନ୍ତି । ଦୀର୍ଘ ୨୦ ବର୍ଷ ପରେ ଆଫଗାନକୁ ପୁଣି କବଜାକୁ ନେଇଥିବା ତାଲିବାନ ଏଭଳି ଖୋଲା ଆହ୍ୱାନକୁ କେମିତି ହଜମ କରିପାରିଥାନ୍ତା । ଗତ ରବିବାର ତାଲିବାନର କାବୁଲ ଦଖଲ ପରେ ଏହା ପ୍ରଥମ ବଡ ପ୍ରତିବାଦ ଶୋଭାଯାତ୍ରା । ତେଣୁ ଲୋକଙ୍କୁ ଏଭଳି କରୁଥିବା ଦେଖି ତତକ୍ଷଣାତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଇଥିଲେ ତାଲିବାନୀ ସୈନିକ । ଧମାଧମ ଗୁଳିମାଡରେ ଛତ୍ରଭଙ୍ଗ ଦେଇଥିଲେ ପ୍ରତିବାଦକାରୀ । ଆଖିବୁଜା ଗୁଳିମାଡରେ କିଛି ଲୋକଙ୍କ ମୃତ୍ୟୁ ହେବା ସହ କେତେକ ଆହତ ହୋଇଥିବା କୁହାଯାଉଛି । କୁହାଯାଉଛି କାବୁଲରେ ତାଲିବାନ ଓ ଆଫଗାନିସ୍ତାର ପୂର୍ବତନ ରାଷ୍ଟ୍ରପତି ହମିଦ କାର୍ଜାଇଙ୍କ ସହ ଅନ୍ୟକିଛି ନେତାଙ୍କୁ ନେଇ ଆଲୋଚନା ଚାଲିଛି । ମିଳିତ ସରକାର ଚଳାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଜଲାଲାବାଦରେ ଏଭଳି ପ୍ରତିବାଦ ଓ ଗୁଳିକାଣ୍ଡ ହୋଇଛି । କାହାରି କିଛି କ୍ଷତି କରାଯିବ ନାହିଁ ବୋଲି ତାଲିବାନର ପ୍ରତିଶ୍ରୁତି ସତ୍ତ୍ୱେ ସାଧାରଣ ନାଗରିକ ବିଶ୍ୱାସ କରିପାରୁନାହାନ୍ତି ।

## ଏଣିକି ଝିଅ ମାନେ ଏନଡିଏ ପ୍ରବେଶ ପରୀକ୍ଷା ଦେଇପାରିବେ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୮/୦୮ : ଏଣିକି ଝିଅ ମାନେ ନେଶନାଲ ଡିଫେନ୍ସ ଏକାଡ଼େମୀ (ଏନଡିଏ) ପ୍ରବେଶ ପରୀକ୍ଷା ଦେଇପାରିବେ । ଏନେଇ ଅନୁମତି ପ୍ରଦାନ କରିଛନ୍ତି ସୁପ୍ରିମକୋର୍ଟ । ଏହି ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ମହିଳାଙ୍କୁ ସମାନ ଅବସର ପ୍ରଦାନ କ୍ଷେତ୍ରରେ ସେନାର ଉଦାସିନତା ମନୋବୃତି ସମ୍ପର୍କରେ ଆଲୋଚନା କରିଥିଲେ କୋର୍ଟ । ସେନା ନିଜର ଆଭିମୁଖ୍ୟରେ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ୧୭ ଫେବୃଆରୀ ୨୦୨୦ ରେ ସୁପ୍ରିମକୋର୍ଟ ସେନାରେ ମହିଳାଙ୍କ କମାଣ୍ଡିଂ ପଦ ଉପରେ ସ୍ଥାୟୀ କମିଶନ ଦିଆଯିବା ନେଇ ନିର୍ଦ୍ଦେଶ ଜାରୀ କରିଥିଲେ । ଜଷ୍ଟିସ୍ ଡିବାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିଜର ନିଷ୍ପତି ଶୁଣାଇ କହିଥିଲେ ଯେ, ମହିଳାଙ୍କୁ ଯୁଦ୍ଧ ବ୍ୟତୀତ ସମସ୍ତ କ୍ଷେତ୍ରରେ ସ୍ଥାୟୀ କମିଶନ ଦିଆଯାଉ ।

## ପେଗାସସ ମାମଲାରେ ପଶ୍ଚିମବଙ୍ଗ ସରକାରଙ୍କୁ ନୋଟିସ୍

ନୂଆଦିଲ୍ଲୀ,୧୮/୦୮ (ନି.ପ୍ର): ସୁପ୍ରିମକୋର୍ଟ ପେଗାସସ୍ ଜାସୁସୀ ମାମଲାରେ ପଶ୍ଚିମବଙ୍ଗ ସରକାରଙ୍କ ଯାଂଚ ପେନାଲକୁ ଭାଙ୍ଗିବା ଶୁଣାଣୀ କରି ପଶ୍ଚିମବଙ୍ଗ ସରକାରଙ୍କୁ ନୋଟିସ୍ ଜାରି କରିଛି । ଗ୍ଲୋବଲ ବିଲେଜ ଫାଉଣ୍ଡେସନ ନାମକ ଏନ୍‌ଜିଓ ଆବେଦନ ଦାୟର କରିଛି । ଆବେଦନରେ କୁହାଯାଇଛି ଯେ ଏହି ମାମଲାର ଯାଂଚ ରାଷ୍ଟ୍ରୀୟ ସ୍ତରରେ ଟେକ୍‌ନିକାଲ ବିଶେଷଜ୍ଞ ଦ୍ୱାରା କରିବା ଦରକାର । ଆବେଦନରେ କୁହାଯାଇଛି ଯେ ଏହି ବିଷୟରେ ଗମ୍ଭୀରତା ଏବଂ ଦେଶର ନାଗରିକ ଉପରେ ତାଙ୍କ ପ୍ରଭାବ ତଥା ସୀମା ଆରପଟେ ହେବା ପରିଣାମକୁ ଦେଖି ପେଗାସସ ମାମଲାର ଗମ୍ଭୀର ଯାଂଚର ଆବଶ୍ୟକତା ରହିଛି । ତା'ର ଅଲଗା ଅଲଗା ଯାଂଚ ହୋଇପାରିବ ନାହିଁ ଯେମିତି ପଶ୍ଚିମବଙ୍ଗ ସରକାର ଦ୍ୱାରା ଯାଂଚ କରାଯିବାର କୋଶିସ୍ କରାଯାଉଛି । ଉଲ୍ଲେଖନୀୟ ଯେ ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟର ପୂର୍ବତନ ଜଜ୍ ଜଷ୍ଟିସ୍ ମଦନ ବି ଲୌକୁରଙ୍କ ଅଧ୍ୟକ୍ଷତାରେ ଏକ ଯାଂଚ ପେନାଲ୍ ଗଠନ କରାଯାଇଛି ।

## ଟଙ୍କା ଗାଡ଼ି ହାଇଜାକ କରି ୨୪ ଲକ୍ଷ ଟଙ୍କା ଲୁଟ

ବ୍ରହ୍ମପୁର,୧୮/୦୮ (ନି.ପ୍ର): ଗଞ୍ଜାମର ଗୋଳନ୍ଥରା ନିକଟରେ ବଡ଼ଧରଣର ଲୁଟ୍ ହୋଇଛି । ଡ୍ରାଇଭରକୁ ନିଶା ଦେଇ ଟଙ୍କା ଗାଡ଼ି ଅପହରଣ କରାଯାଇଛି । ଏଟିଏମ୍‌ରେ ଟଙ୍କା ଭରିବାକୁ ନିୟୋଜିତ ଗାଡ଼ି ଅପହରଣ ହୋଇଛି । ଗାଡ଼ିକୁ ଠାବ କରିଛି ପୁଲିସ । ୨୪ ଲକ୍ଷ ଟଙ୍କା ଗାଏବ ହୋଇଛି । ସୂଚନା ଅନୁଯାୟୀ, ଆଜି ସକାଳେ ଏଟିଏମ୍‌ରେ ଟଙ୍କା ଭରିବାକୁ ଏଜିଏସ୍ ସଂସ୍ଥା ଗାଡ଼ି ବାହାରିଥିଲା । ଗାଡ଼ିରେ ୨୬ ଲକ୍ଷ ଥିଲା । ଡ୍ରାଇଭର ସହ ୪ କର୍ମଚାରୀ ଥିଲେ । ଗୋଟିଏ ଇଞ୍ଜଗରେ ୨ ଲକ୍ଷ ଲୋଡ୍ କରି ଅନ୍ୟ ଏଟିଏମ୍‌କୁ ଯାଉଥିଲେ । ୩ ଜଣ ଏଟିଏମ୍ ଭିତରକୁ ଯାଇଥିବା ବେଳେ ଗାଡ଼ିରେ ଡ୍ରାଇଭର ଥିଲେ । ▶▶ପୃଷ୍ଠା ୭

## ପିଲାଙ୍କୁ କରୋନା ହେଲେ କଣ ଦେଖାଯିବ ଲକ୍ଷଣ ?

### ବାନ୍ତି, ପତଳା ଝାଡା ହେବା ସହ ଲାଲ ପଡିପାରେ ଆଖି



ଭୁବନେଶ୍ୱର,୧୮/୦୮(ନି.ପ୍ର): ଗତ ଚାରି ଦିନ ହେଲା ରାଜ୍ୟରେ ଛୋଟ ପିଲାଙ୍କ ସଂକ୍ରମଣ ଉପର ମୁହାଁ ରହିଛି । ଚାରି ଦିନରେ ମୋଟ ୪୭୬ ଜଣ ଛୋଟ ପିଲା କରୋନା ସଂକ୍ରମିତ ହେଲେଣି । ଆଗକୁ ଏହି ସଂକ୍ରମଣ ବଢିପାରେ ବୋଲି ଆକଳନ କରି ପ୍ରସ୍ତୁତ ହେଉଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କରୋନା ହେଲେ କଣ ରହିବ ଛୋଟ ପିଲାଙ୍କ ଲକ୍ଷଣ ? ଶିଶୁ ବିଶେଷଜ୍ଞ ତଥା ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି, କରୋନାରୁ ରକ୍ଷା ପାଇଁ ଅଭିଭାବକ ପିଲାଙ୍କୁ ସଂକ୍ରମଣଠୁଁ ଦୂରେଇ ରଖନ୍ତୁ । ବୟସ୍କ ଓ ଯୁବକଙ୍କ ଅପେକ୍ଷା ଛୋଟ ପିଲାଙ୍କର ଭିନ୍ନ ଲକ୍ଷଣ ରହୁଛି...ପିଲାଙ୍କୁ ବାନ୍ତି, ପତଳା ଝାଡା ହେବା, ଜ୍ୱର ରହିବା, କାଶ ଛିଙ୍କ ହେବା, ନାକରୁ ପାଣି ବାହାରିବା, ତଂଟି ଦରଜ୍ୱ ହେବା, ଆଖି ଲାଲ ପଡିବା.ଦେହରେ ନାଲି ରଙ୍ଗ ପଡିବା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ଭଳି ଏଭଳି ଲକ୍ଷଣ ରହିବ କେମିତି କରିବେ ଚିକିତ୍ସା ? ଗୁରୁତର ସଂକ୍ରମିତ ହୋଇନଥିବା ଛୋଟ ପିଲାଙ୍କୁ ଘରୋଇ ସଂଗରୋଧରେ ରହିପାରିବେ ପାଞ୍ଚ ବର୍ଷର ତଳ ପିଲାଙ୍କୁ ମାସ୍କ ଦରକାର ନାହିଁ । ଛୋଟ ପିଲାଙ୍କ ▶▶ପୃଷ୍ଠା ୭

## ବିଜେପିରେ ୩ ନୂଆ ମୁଖପାତ୍ର ନିଯୁକ୍ତ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଦଳୀୟ ମିଡଆ ବିଭାଗକୁ ଆହୁରି ଅଧିକ ସୁଦୃଢ କରିବା ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ୩ ଜଣଙ୍କୁ ରାଜ୍ୟ ମୁଖପାତ୍ର ଦାୟୀତ୍ୱ ପ୍ରଦାନ କରାଯାଇଛି ।ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ରମାରଂଜନ ବଳିୟାରସିଂହ, ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ ଉପାଧ୍ୟକ୍ଷା ଶ୍ରୀମତୀ ଉର୍ମିଳା ମହାପାତ୍ର ଏବଂ ଯୁବନେତା ରାଜେନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ମୁଖପାତ୍ର ଦାୟୀତ୍ୱ ପ୍ରଦାନ କରାଯାଇଛି ।

## ୟୁଟ୍ୟୁବ୍ ରେ ପାଠ ପଢିବେ ଯୁକ୍ତ ୨ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଏଣିକି ୟୁଟ୍ୟୁବ୍ ରେ ପାଠ ପଢିବେ ଯୁକ୍ତ ୨ ଛାତ୍ରଛାତ୍ରୀ । ଉଭୟ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପିଲା ୟୁଟ୍ୟୁବ୍ ରୁ ପାଠ ପଢିବେ ବୋଲି ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ । ପୂର୍ବରୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ୟୁ ଟ୍ୟୁବରେ ପାଠ ପଢିବା ପରେ ସଫଳତା ମଳିଛି । ଏଣୁ ଯୁକ୍ତ ଦୁଇ ପିଲାଙ୍କୁ ୟୁ ଟ୍ୟୁବରେ ପାଠ ପଢାଇବା ପାଇଁ ନିଷ୍ପତି ହୋଇଛି । ଯେଉଁମାନେ କରୋନା ପାଇଁ କ୍ଲାସ କରିପାରୁ ନାହାଁନ୍ତି ସେମାନେ ଘରେ ରହି ୟୁ ଟ୍ୟୁବରେ ସମସ୍ତ ସିଲାବସ ପଢ଼ିପାରିବେ । ଯାହା ଫଳରେ ଛାତ୍ରଛାତ୍ରୀ ମାନେ ଅଧିକ ଉପକୃତ ହୋଇପାରିବେ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି । ବର୍ତମାନ ଦ୍ୱାଦଶ ଶ୍ରେଣୀର ଅଫଲାଇନ୍ କ୍ଲାସ୍ ଚାଲିଛି । ଅଭିଭାବକଙ୍କ ଅନୁମତି ଆଣି ଛାତ୍ରଛାତ୍ରୀ ସ୍କୁଲକୁ ଆସୁଛନ୍ତି ।

## ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ : ଜଣେ ଗିରଫ



ବାଲେଶ୍ୱର,୧୮/୦୮ (ନି.ପ୍ର): ବାଲେଶ୍ୱର ଅବକାରୀ ବିଭାଗକୁ ଗତକାଲି ମିଳିଛି ବଡ ସଫଳତା । ଗତକାଲି ଏକ ବିଶେଷ ସୂତ୍ରରୁ ଖବର ପାଇ ବାଲେଶ୍ୱର ଅବକାରୀ ବିଭାଗର ଏକ ୧୪ଜଣିଆ ଟିମ ଜଳେଶ୍ୱର ରାଜପୁର ଅଂଚଳରେ ଚଢ଼ାଉ କରି ୬୨୦ଗ୍ରାମ ବ୍ରାଉନ ସୁଗର ଜବତ କରିବା ସହିତ ଜଣେ ବେପାରୀଙ୍କୁ ଗିରଫ କରିଛି । ଏଥି ସହିତ ଜଳେଶ୍ୱର ପୋଲିସ ମଧ ମିଳିତ ଚଡାଉ କରି ୭୮୦ଗ୍ରାମ ବ୍ରାଉନ ସୁଗର ଜବତ କରିଛନ୍ତି ବୋଲି ଅବକାରୀ ଡେପୁଟି କମିଶନର ତଥା ଜିଲ୍ଲା ଅବକାରୀ ଅଧିକ୍ଷକ ଅଶୋକ କୁମାର ଶତପଥି ସୂଚନା ଦେଇଛନ୍ତି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫୦୯ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ସେ କହିଛନ୍ତି । ଏନେଇ ଏକ ମାମଲା ରୁଜୁ ସହ ଗୁରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ସେପ୍ଟେମ୍ବର ପହିଲାରୁ ଖୋଲିବ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର

### କେବଳ ଦୁଇଟି ଡୋଜ୍ ଟିକା ନେଇଥିବା ଲୋକ କରିପାରିବେ ପ୍ରବେଶ

ଭୁବନେଶ୍ୱର,୧୮/୦୮(ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧ ତାରିଖ ଠାରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଖୋଲିବ । ମନ୍ଦିର ଭିତରେ ଏବଂ ପରିସରରେ ଶ୍ରଦ୍ଧାଳୁମାନେ କୋଭିଡ କଟକଣାକୁ ବାଧ୍ୟତାମୂଳକ ଭାବେ ପାଳନ କରିବେ । କୋଭିଡ-୧୯ର ଦୁଇଟି ଡୋଜ୍ ନେଇଥିବା ଭକ୍ତ କେବଳ ମନ୍ଦିର ଭିତରକୁ ପ୍ରବେଶ କରିପାରିବେ । କୋଭିଡ କଟକଣା କଡ଼ାକଡ଼ି କରିବାକୁ ପ୍ରଶାସନର ନିର୍ଦ୍ଦେଶ ହୋଇଛି । ଶ୍ରଦ୍ଧାଳୁମାନେ ଗର୍ଭଗୃହ ଭିତରକୁ ପ୍ରବେଶ କରିପାରିବେ ନାହିଁ । ସୂଚନାଯୋଗ୍ୟ, ରାଜ୍ୟରେ ତଥା ଭୁବନେଶ୍ୱରରେ କରୋନା ସଂକ୍ରମଣ ପୂର୍ବାପେକ୍ଷା ସାଧାରଣ ହୋଇଥିବାରୁ ପ୍ରଶାସନ ତରଫରୁ ଶ୍ରୀଲିଙ୍ଗରାଜ ମନ୍ଦିର ଖୋଲିବା ନେଇ ନିଷ୍ପତି ହୋଇଛି । ଅଗଷ୍ଟ ମାସରେ ରାଜଧାନୀରେ କରୋନା ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି । ଚଳିତ ମାସ ଶେଷ ବେଳକୁ ଭୁବନେଶ୍ୱରରେ ▶▶ପୃଷ୍ଠା ୭

## ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି ବୈଠକ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଓଡ଼ିଶା ବିଧାନସଭାର ବିଭାଗୀୟ ଷ୍ଟାଣ୍ଡିଂ କମିଟି – ୭ର ଏକ ବୈଠକ ବିଧାନସଭା ପ୍ରକୋଷ୍ଠ ୫୪ରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ପ୍ରଦୀପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗର ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ବିଧାୟକ ଶଶିଭୂଷଣ ବେହେରା, ଦାଶରଥୀ ଗମାଙ୍ଗୋ, ଧ୍ରୁବ ଚରଣ ସାହୁ, ଅଙ୍ଗଦ କହଁର, ଡ଼ଃ ମୁକେଶ ମହାଲିଙ୍ଗ, ସନାତନ ବିଜୁଳି, ବିଜୟ ଶଙ୍କର ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇଥିଲେ ।

## ଆଜିଠୁ ଦେଶବ୍ୟାପୀ 'ଜନ ଆଶୀର୍ବାଦ ଯାତ୍ରା'

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଆସନ୍ତାକାଲି (ଗୁରୁବାର) ଠାରୁ ଦେଶବ୍ୟାପୀ ଆରମ୍ଭ ହେବାକୁ ଯାଉଛି ବିଜେପିର ଜନ ଆଶୀର୍ବାଦ ଯାତ୍ରା । ନୂତନ ଭାବେ ଦାୟୀତ୍ୱ ଗ୍ରହଣ କରିଥିବା ସମସ୍ତ କେନ୍ଦ୍ରମନ୍ତ୍ରୀମାନେ ଦେଶର ପ୍ରାୟ ୨୧୨ଟି ସଂସଦୀୟ କ୍ଷେତ୍ରକୁ ଯାଇ ଜନ ଆଶୀର୍ବାଦ ଲୋଡିବେ । ଏହି ଜନ ଆଶୀର୍ବାଦ ଯାତ୍ରା ୧୪୨ ଦିନ ଯାଏଁ ଚାଲିବ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀମାନେ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସଂପର୍କରେ ସାଧାରଣ ଲୋକଙ୍କୁ ଅବଗତ ମଧ୍ୟ କରିବେ । ଜନ ଆଶୀର୍ବାଦ ଯାତ୍ରା ଅବସରରେ ଆସନ୍ତାକାଲି ୨ ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଶ୍ୱିନୀ ବୈଷ୍ଣବ ୩ ଦିନିଆ ଗସ୍ତରେ ଆସୁଛନ୍ତି । ୧୯ ତାରିଖ ସକାଳେ ଉଭୟ ମନ୍ତ୍ରୀ ଭୁବନେଶ୍ୱରଠାରେ ପହଂଚିବା ପରେ ସିଧାସଳଖ ପୁରୀ ଗସ୍ତ କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବେ । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୧୯ ତାରିଖ ସଂଧ୍ୟାରେ ରେଳ ଯୋଗେ ରାୟଗଡା ଗସ୍ତ କରିବେ । ୨୦ ତାରିଖ ସକାଳୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କୋରାପୁଟ ଗସ୍ତ କରି ରାତ୍ରଯାପନ କରିବେ । ୨୧ ତାରିଖରେ ଜୟପୁର, ନବରଙ୍ଗପୁର ଦେଇ ଗସ୍ତ କରି ଭବାନୀପାଟଣାରେ ରାତ୍ରଯାପନ କରିବେ । ୨୨ ତାରିଖ ଦିନ ଶ୍ରୀ ବୈଷ୍ଣବ କେସିଙ୍ଗା, ଟିଟିଲାଗଡ, କଂଟାବାଜୀ, ପାଟଣାଗଡ ଦେଇ ବଲାଙ୍ଗୀରଠାରେ ପହଂଚିବେ । ୨୨ ତାରିଖ ସଂଧ୍ୟାରେ ଶ୍ରୀ ବୈଷ୍ଣବ ବଲାଙ୍ଗୀରରୁ ଭୁବନେଶ୍ୱର ଫେରି ଆସି ଦିଲ୍ଲୀ ପ୍ରତ୍ୟାବର୍ତନ କରିବେ । ଏହି ଜନ ଆଶୀର୍ବାଦ ଯାତ୍ରା ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ୭ଟି ଜିଲ୍ଲା, ୬ଟି ଲୋକସଭା ଅଂଚଳରେ ୧୧୫ଟି ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ସଭା ଓ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଜିଲ୍ଲାର ବିଭିନ୍ନ ସ୍ଥାନ ଗସ୍ତ କରିବେ ।

## ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର,୧୮/୦୮ (ନି.ପ୍ର): ଆସନ୍ତା ୨୪ଘଂଟା ମଧ୍ୟରେ ରାଜ୍ୟର ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର ଓ ବରଗଡ଼ ଆଦି ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଅଗଷ୍ଟ ୧୯ରୁ ୨୦ ତାରିଖ ମଧ୍ୟରେ ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକୁ ବି ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଚାରା ଉତ୍ପାଦନ

ମାଲକାନଗିରି,୧୮/୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ସ୍ୱାଭିମାନ ଅଂଚଳ ସମେତ ବିଭିନ୍ନ ଉପାନ୍ତ ଅଂଚଳରେ ଅପପୃଷ୍ଟିକୁ ରୋକିବାକୁ ଓଡିଶା ଜୀବିକା ମିଶନ ଆନୁକୂଲ୍ୟରେ ନିଉଟ୍ରି ଗାର୍ଡେନ ଦୁଇ ବର୍ଷ ହେଲା କରାଯାଇଛି । ଅପପୃଷ୍ଟି ଆଶଙ୍କା ଥିବା ଚିହ୍ନଟ ପରିବାରକୁ ବାରରୁ ଉର୍ଦ୍ଧ୍ୱ ପ୍ରକାରର ବିହନ ଯୋଗାଇ ଗୋଟିଏ ପରିବାରର ଘର ଚାରି ପାଖ ବାରିରେ କମ୍ ଜାଗାରେ ଗୋଲାକାର ବୃହତ ତଥା କ୍ଷୁଦ୍ର ବେଡ଼ ପ୍ରସ୍ତୁତ କରି ଜୈବିକ ଦେଶୀ ଗାଈ ଗୋବର ଓ ଗାଈ ମୂତ୍ର ବ୍ୟବହୃତରେ ହାଣ୍ଡିଖତ, ଜୀବମୃତ, ବିହନ ବିଶୋଧନର ପ୍ରୟୋଗ କରି ଜଣେ ରକ୍ତ ହୀନତା ଗର୍ଭବତୀ ମହିଳା, ଛୋଟ ଶିଶୁ, କିଶୋରୀ ବାଳିକା ତଥା ପ୍ରସୂତି ମାଙ୍କୁ ଆବଶ୍ୟକୀୟ ପୃଷ୍ଟିଯୁକ୍ତ ଖାଦ୍ୟ ଯୋଗାଇବା ପାଇଁ ଉକ୍ତ ନିଉଟ୍ରି ଗାର୍ଡେନ ମାଧମରେ କରାଯାଇଆସୁଥିଲା । ମାତ୍ର କେତେକ କ୍ଷେତ୍ରରେ ଅମୃତ ଭଣ୍ଡା, କଦଳୀ, ସଜନା ଓ ଆମ୍ବ ଅନ୍ୟ ଦୂର ସ୍ଥାନରୁ ଆଣିବା ତଥା ଚାରା ଅଭାବ ଦୃଷ୍ଟି କୋଣରୁ ଚଳିତ ବର୍ଷ ଉକ୍ତ ଚାରା ଅଭାବ ପୂରଣ କରିବା ପାଇଁ ଚିତ୍ରକୋଣ୍ଡା ତଥା ସ୍ୱାଭିମାନ ଅଂଚଳରେ ଚିହ୍ନଟ କରାଯାଇଥିବା ପରିବାରକୁ ଚାରା ଯୋଗାଇବା ନିମନ୍ତେ ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ଏପିଡି ବାଲାଜୀ ପଟ୍ଟନାୟକ ତଥା ଓଡିଶା ଜୀବିକା ମିଶନ ର ଜିଲା ପ୍ରକଳ୍ପ ପରିଚାଳକ ପବିତ୍ର ମୋହନ ବରୁଆଙ୍କ ମିଳିତ ନିଷ୍ପତି ତଥା ଉଦ୍ୟମ ରେ ଚିତ୍ରକୋଣ୍ଡା ବିଡ଼ିଓ ରାହୁଲ ମଣ୍ଡଳଙ୍କ ସହଯୋଗରେ ଚିତ୍ରକୋଣ୍ଡା ଓଡିଶା ଜୀବିକା ମିଶନ ର ବିପିଏମ ପର୍ଶୁରାମ ବେହେରା ଓ ବିଏଲସି ସୋମନାଥ କୁମ୍ଭାରଙ୍କ ପରିଚାଳନା ରେ ବଡପଦର ପଚାଂାୟତ ସାରିଆପାଲି ଗ୍ରାମର ତିନିଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଯଥା - ମା ସନ୍ତୋଷୀ, ସେରାବାଲି ଓ ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ବତିଶ ଜଣ ମହିଳା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ବିଭିନ୍ନ ପଚାଂୟତ ଗାଁ ଗାଁକୁ ଚାରା ଯୋଗାଇବାକୁ ସାରିଆପାଲି ଠାରେ ବାର ହଜାର ପରିମାଣର ଅମୃତ ଭଣ୍ଡା, ସଜନା ଗଛର ନର୍ସରୀ ପ୍ରସ୍ତୁତ କରି ବ୍ଲକର ସମସ୍ତ ପରିବାର କୁ ଆବଶ୍ୟକ ମୂଲ୍ୟରେ ଯୋଗାଇବା ନିମନ୍ତେ ଉକ୍ତ ତିନିଗୋଟି ଗୋଷ୍ଠୀର ବତିଶ ଜଣ ମହିଳା ଅଣ୍ଟା ଭିଡ଼ିଛନ୍ତି । ଉକ୍ତ ଚାରା ପ୍ରସ୍ତୁତ କରିବା ପାଇଁ ତାଙ୍କୁ ଚିତ୍ରକୋଣ୍ଡା ଓଡିଶା ଜୀବିକା ମିଶନ ତରଫରୁ ସହାୟତା ଯୋଗାଇ ଦିଆଯାଉଛି । ଉକ୍ତ ଏସଏଚଜି ମହିଳା ଙ୍କୁ ବଡପଦର ପଚାଂୟତ ଏମ.ବି.କେ. ସୁବାରାଓ ବାଘଟିଆ ପୂର୍ଣ୍ଣ ସହଯୋଗ କରୁଛନ୍ତି । ସେହିଭଳି ଚିତ୍ରକୋଣ୍ଡା ପଚାଂୟତ ରାଜଲ କୋଣ୍ଡା ଠାରେ ଦୁଇଟି ମହିଳା ଗୋଷ୍ଠୀ ଆମ୍ବ ଏବଂ କଦଳୀ ଚାରା ପ୍ରସ୍ତୁତ କରୁଛନ୍ତି ।

# ଷଡଯନ୍ତ୍ର ଅପରାଧ ମାମଲାରେ ୩ ଗିରଫ, ବାଇକ, ଟଙ୍କା, ମୋବାଇଲ ଜବତ

ଜୟପୁର,୧୮/୮ (ନି.ପ୍ର): ଷଡଯନ୍ତ୍ର କରି ମାଲିକଙ୍କ ଟଙ୍କା ଲୁଟ ମାମଲାରେ ୩ ଜଣକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ବୈପାରିଗୁଡା ଥାନା ଅନ୍ତର୍ଗତ ରାମଗିରୁ ଅଂଚଳର କୌଳାଶ ଚନ୍ଦ୍ର ଗୁନିଆ ଓ ରମେଶ ଚନ୍ଦ୍ର ଚାରକି ଓ କୁନ୍ଦୁରା ଅଂଚଳର ନକୁଳ ମଉରିଆ । ଏନେଇ ଆଜି ଜୟପୁର ଟାଉନ ଥାନାରେ ଏସଡିପିଓ ଅରୁପ ଅଭିଷେକ ବେହେରା ସାମ୍ବାଦିକ ସମ୍ମିଳନି କରି ସୁଚନା ଦେଇ କହିଛନ୍ତି ଯେ ଜୟପୁର ଜଣେ ବ୍ୟବସାୟି ପବନ ଆଗ୍ରଓାଲ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ ଡିଲରସିପର ଜିନିଷ ପ୍ରତ୍ୟେକ ଦିନ ପରି ଗତ ୭ ତାରିଖ ରେ ମଧ ମାଲକାନଗିରି ଯାଇଥିଲା । ଜିନିଷ ଦେଇ ଟଙ୍କା ଧରି ଫେରିବା ସମୟରେ ୮ ଲକ୍ଷ ଟଙ୍କା କେଉଁଠି ମିସ ହୋଇଛି । ଏନେଇ ଟାଉନ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଟାକ ର ଡ୍ରାଉଭର କୌଳାଶ ଚନ୍ଦ୍ର ଗୁନିଆକୁ ପୋଲିସ ସନ୍ଦେହ କରି ପଚରା ଉଚରା କରିଥିଲା । ପରେ ସେ ସବୁ କଥା ସ୍ୱିକାର କରିଥିଲା । ଗତ ୭ ତାରିଖରେ ୨ ଜଣ କର୍ମଚାରିଙ୍କ ସହ ଡ୍ରାଇଭର ଟଙ୍କା ଧରି ଫେରୁଥିବା ବେଳେ ଡ୍ରାଇଭର ଜଣକ ଆଗରୁ ଷଡଯନ୍ତ୍ର କରି ତାଙ୍କ ସାଙ୍ଗମାନଙ୍କୁ କହି ପ୍ଲାନ ରଚିଥିଲେ । ବୌପାରିଗୁଡା ଥାନା ଅନ୍ତର୍ଗତ କୋଟା ଛକ ନିକଟରେ ଟ୍ରକ ଷ୍ଟୋଲ କରିବାରୁ ସେ ମାନେ ଟ୍ରକରେ ଚଢି ଟଙ୍କା ଧରି ଗାଏବ ହୋଇ ଯାଇଥିଲେ । ଡ୍ରାଇଭର ସହ ୯ ଜଣ ଏହି ପ୍ଲାନ କରିଥିଲେ । ପରେ ପୋଲିସ ତଦନ୍ତରେ ଜାଣି ୩ ଜଣକୁ ଗିରଫ କରିଥିବା ବେଳେ ଅନ୍ୟ ୬ ଜଣକୁ ଶିଘ୍ର ଗିରଫ କରାଯିବ ବୋଲି ଏସଡିପିଓ ସୁଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ଠାରୁ ବାଇକ , ୨ଟ୍ ମୋବାଇଲ ୧ ଲକ୍ଷ ୫୫ ହଜାର ଟଙ୍କା ଜବତ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଛି । ଏହି ଖବରଦାତା ସମ୍ମିଳନିରେ ଟାଉନ ଥାନା ଅଧିକାରି ସଂଚୟ କୁମାର ମଣ୍ଡଳ ଉପସ୍ଥିତ ଥିଲେ ।

# ନେହେରୁ ଯୁବ କାର୍ଯ୍ୟକ୍ରମ ପରାମର୍ଶଦାତା ସମିତିର ତୃତୀୟ ବୈଠକ

ଘଟଗାଁ,୧୮/୮ (ନି.ପ୍ର): ନେହେରୁ ଯୁବକେନ୍ଦ୍ର ଯୁବ କାର୍ଯ୍ୟକ୍ରମ ପରାମର୍ଶଦାତା ସମିତିର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ଜୟନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଭାଗୃହରେ ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଯୁବ ସଂଯୋଜିକା ଯୋଗଦେଇ ବିବରଣୀ ପ୍ରଦାନ କରି ବର୍ତମାନ ପର୍ଯ୍ୟନ୍ତ ୨୫୦ ଯୁବ କ୍ଲବ ସ୍ଥାପନ କରାଯାଇ ସେଚ୍ଛାସେବୀମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରାଯାଇଥିବା ସହିତ ସ୍ୱଚ୍ଛ ଗ୍ରାମ ସବୁଜ ଗ୍ରାମ ଜଳ ସଂରକ୍ଷଣ ସଚେତନତା ଅଭିଯାନ ବିପର୍ଯ୍ୟୟ ପ୍ରଶମନ ଫିଟ୍, ଇଣ୍ଡିଆ ଯୁବ ପାର୍ଲିଆମେଣ୍ଟ କୋଭିଡି ଅନୁରୂପ ବ୍ୟବସ୍ଥା ଆଦି ସଂପର୍କରେ ସଚେତନତା କରାଯିବା ସହ ସମସ୍ତ ବ୍ଲକରେ କାର୍ଯ୍ୟକ୍ରମ ଚାଲୁ ରହିଥିବା ପ୍ରକାଶ କରିଥିଲେ । ଯୁବ ସଂଯୋଜିକା ବସୁନ୍ଧରା ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ବ୍ୟାପି କାର୍ଯ୍ୟକ୍ରମ ଜାରି ରହିଛି । ଡିଆରଡିଏର ନିର୍ଦ୍ଦେଶକ ବିରଞ୍ଚିନାରାୟଣ ଆଚାର୍ଯ୍ୟ ଯୋଗଦେଇ ସୁଚିନ୍ତିତ ପରାମର୍ଶ ଦେଇ ନେହେରୁ ଯୁବ କାର୍ଯ୍ୟକ୍ରମକୁ ଆହୁରି ଲୋକାଭିମୁଖି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ବୈଠକରେ ସମସ୍ତ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ତର୍ଜମା କରାଯିବା ପାଇଁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା ।

# ସାରର ଅଭାବି ବିକ୍ରି ନେଇ କୃଷକ କଲ୍ୟାଣ ମଂଚର ଉଦବେଗ

ଜୟପୁର, ୧୭ ଅଗଷ୍ଟ (ହି.ସ.) କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଉଦ୍ଦେଷ୍ୟରେ ମୁଖ୍ୟ କୃଷି ଅଧିକାରି ଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲାରେ ସାରର କଳାବଜାରି ବନ୍ଦ କରିବା ନେଇ ମଂଚ ତରଫରୁ ଦାବୀ ପତ୍ର କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଚଳିତ ଖରିଫ ଋତୁରେ ଅବିଭକ୍ତ କୋରାପୁଟ ଜିଲାରେ ସାର ଅଭାବ ଜନିତ ସମସ୍ୟାରୁ ବହୁ ଚାଷି ହଇରାଣ ହେଲେ । ପରବର୍ତ୍ତି ସମୟରେ ମୁଖ୍ୟମନ୍ତ୍ରୀ ଓ କୃଷି ମନ୍ତ୍ରୀ ଙ୍କ ହସ୍ତ କ୍ଷେପ ଫଳରେ ଯାହା ସାର ଆସିଲା ତାର ସିଂହ ଭାଗ କଳାବଜାରିର ହାତକୁ ଚାଲିଗଲ । ତେଣୁ ଚାଷି ବାଧ ହୋଇ ଡିଏପି ୧୪ ଶହରୁ ୧୫ ଶହ ଟଙ୍କା,ୟୁରିଆ ୪ ଶହରୁ ୮ ଶହ ଟଙ୍କା ,ଏମଓପି ୧୧ ଶହରୁ ୧୩ ଶହ ଟଙ୍କା ଦରରେ କିଣିବାକୁ ବାଧ ହେଲେ । ସରକାରି ଧାଯ୍ୟଦର କେବଳ କାଗଜ ପତ୍ର ରେ ସିମିତ ରହିଲା । ଉକ୍ତ ବିଷୟ ନେଇ କୃଷି ବିଭାଗ ସମବାୟ ବିଭାଗ ଓ ପ୍ରଶାସନ କୁ ଜଣାଇଲେ ସୁଦ୍ଧା କୌଣସି କାଯ୍ୟନୁଷ୍ଠାନ ଗ୍ରହଣ ନକରି ଅନ୍ଧ ଅଭିନୟ କରିବାରୁ କଳାବଜିରି ମାନଙ୍କ ଦୌରାତ୍ମ୍ୟ ଚାଷି ମାନଙ୍କୁ ଭୋଗ କରିବାକୁ ପଡୁଛି । ମନ୍ତ୍ରୀ ଙ୍କୁ ନିବେଦନ ଯେ ଜଣେ ପ୍ରଜାବତ୍ସଳ ଶାସକ ରୁପେ କ୍ଷାତି ରହିଛି । ତେଣୁ ସରକାର ଯଦି ଚାଷି କୁଳର ହିତ ଚାହୁଛନ୍ତି ତେବେ ସାରର କାଳ ବଜାରି ବନ୍ଦ କରି ସରକାରି ଧାଯ୍ୟ ଦରରେ ଚାଷି ଉପଯୁକ୍ତ ସମୟରେ ଆବଷ୍ୟକିୟ ସାର ପାଇପାରିବେ , ବର୍ତ୍ତମାନ କେବଳ ସରକାରି ସଂସ୍ଥା ସମବାୟ ସଂସ୍ଥା ଜରିଆରେ ହିଁ ସାର ବିକ୍ରୟ କରାଯାଉ, ସରକାରଙ୍କ ବିହନ, କୃଷି ଯନ୍ତ୍ର ପାତି,,ାନ୍ୟ ସରକାରି ରିହାତି ଯୋଜନା ପରି ସାର କୁ ମଧ ଡିବିଟି ମାଧ୍ୟମରେ ବିକ୍ରୟ କରାଯାଉ, ଜିଲାରେ ସମବାୟ ଡିଆରସିଏସ, ଏଆରସିଏସ, ଆରସିଏମଏସ, ମାର୍କଫେଡ,ଜେକ୍ୟୁସିଆଇ, କେସିସି ଲ୍ୟାମ୍ପ, ପିଏଏସିଏସ, କୃଷି ଅଧିକାରି ମାନେ ନିଜ ଜିଲାରେ ୧୦ ରୁ ୩୦ ବର୍ଷ ହେବ ରହି ଆସୁଥିବାରୁ ସେ ମାନଙ୍କ ସହ ଯୋଗରେ ସାରର କଳା ବଜାରି ହେଉଥିବାରୁ ସେ ମାନଙ୍କୁ କୋରାପୁଟ ଜିଲାରୁ ବାହାରକୁ ବଦଳି କରାଯାଉ, ସାର ଯୋଗାଣ ରେ ସମବାୟ ବିଭାଗକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ସାରର ଅବାବଗ ସଙ୍କଟ ସମୟରେ ବେଶରକାରି ବିତରକଙ୍କୁ କିପରି ହଜାର ହଜାର କ୍ୱାଇଂଟାଲ ସାର ଦିଆଯାଇ ଚାଷି ଙ୍କୁ ଚଢା ଦରରେ ବିକ୍ରୟ କରିବାରେ ସୁଯୋଗ ଦିଆଗଲା ତାହା ତଦନ୍ତ କରାଯାଉ, କୋରାପୁଟ ଜିଲା କୁନ୍ଦୁରା ଲ୍ୟାମ୍ପ ଆବଷ୍ୟକ ସାର ନ ଉଠାଇବାରୁ ବିଗତ ବର୍ଷ ଠାରୁ ବ୍ଲକର ବହୁ ଚାଷି ଲାମ୍ପରୁ ସାର ନପାଇ ଖୁଚୁରା ବିତରକଙ୍କ ଠାରୁ ଚଢା ଦରେ କ୍ରୟ କରିବାକୁ ବାଧ ହେଉଛନ୍ତି ।

# ଆଦର୍ଶ ଗୁରୁକୁଳରେ ସମ୍ବର୍ଦ୍ଧନା ଉତ୍ସବ

କେନ୍ଦ୍ରାପଡ଼ା,୧୮/୮ (ନି.ପ୍ର): କେନ୍ଦ୍ରାପଡା ସହର ତିନିମୁହାଣୀ ଠାରେ ଥିବା ଆଦର୍ଶ ଗୁରୁକୁଳ +୨ ବିଜ୍ଞାନ କଲେଜରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟ ରେ +୨ ବିଜ୍ଞାନରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି । ଅନୁଷ୍ଠିତ ଏହି ସଭାରେ କେନ୍ଦ୍ରାପଡା ମହା ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼ଃ ବିନାୟକ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଡ଼ଃ ନିତ୍ୟାନନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ଗୁରୁକୁଳ ଚାରି ଟେବୁଲ ଟ୍ରଷ୍ଟର ନିର୍ଦ୍ଦେଶକ ଅଭିମନ୍ୟୁ ଗୋଛାୟତ, ପ୍ରଶାନ୍ତ ସେଠୀ ପ୍ରମୁଖ ଯୋଗ ଦେଇ ଚଳିତ ବର୍ଷ ଜିଲ୍ଲାରେ +୨ ବିଜ୍ଞାନରେ ଜିଲ୍ଲାରେ ଦ୍ୱିତୀୟସ୍ଥାନ ଅଧିକାର କରିଥିବା ଓଁକାର ପ୍ରସାଦ,ଅନୁଷ୍ଠାନ ପକ୍ଷରୁ କୃତିତ୍ୱ ଅର୍ଜନ କରିଥିବା ଶୁଶ୍ରୀ ସ୍ୱରୂପା କର, ରାଜଲକ୍ଷ୍ମୀ ପଲାଇ, ଜ୍ୟୋର୍ତିମୟୀ ଦାସ, ଆଶୁତୋଷ ସ୍ୱାଇଁଙ୍କୁ ଅନୁଷ୍ଠାନ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଛି ।

# ବିଶ୍ୱ ଐତିହ୍ୟ ସହର ପୁରୀର ଚିତ୍ର : ଜାତୀୟ ରାଜପଥ ବାଟରେ ବସୁଛି ହାଟ

ପୁରୀ,୧୮/୮ (ନି.ପ୍ର): ବିଶ୍ୱସ୍ତରୀୟ ସହର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ସହରକୁ ସୌନ୍ଦର୍ଯ୍ୟକରଣ, ବଡ଼ଦାଣ୍ଡ ସୌନ୍ଦର୍ଯ୍ୟକରଣ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସ ଜାରି ରହିଛି । ସବୁଠାରୁ ଆଶ୍ଚର୍ଯ୍ୟର ଘଟଣା ବଡ଼ଦାଣ୍ଡକୁ ଜାତୀୟ ରାଜପଥ ଭାବେ ଘୋଷଣା କରାଯିବା ପରେ ଏହାର ରକ୍ଷଣାବେକ୍ଷଣ ଜାତୀୟ ରାଜପଥ ନେଉଛି । ଅନ୍ୟପକ୍ଷରେ ବଡ଼ଦାଣ୍ଡର ରାସ୍ତା ଉପରେ ଉଠାଦୋକାନି, ଖଟ, ଛତା, ଠେଲାଗାଡ଼ି, ବେଂଚ ଷ୍ଟୁଲ ପକାଇ ପ୍ରାୟ ୧୨ଶହ ଉଠାଦୋକାନି ବସୁଛନ୍ତି । ପର୍ଯ୍ୟଟକ ଆସିବା ସମୟରେ ଜାତୀୟ ରାଜପଥ ବାଟରେ ଏଭଳି ହାଟ ଦେଖି ବିସ୍ମିତ ହେଉଛନ୍ତି । ପୌରସଂସ୍ଥା ପକ୍ଷରୁ ରସିଦ କାଟି ମହାସୁଲ ବୃଦ୍ଧି କରାଯାଉଛି । ଦୋକାନିମାନେ ୧୦ଟଙ୍କାର ରସିଦ କାଟି ଦୁଇଶହ ବର୍ଗମିଟର ଜାଗା ମାଡ଼ିବସୁଛନ୍ତି । ରାସ୍ତା ଖୋଳି ବାଉଁଶ ପୋତି ପାଲ ଟାଣୁଛନ୍ତି । ବଡ଼ ବଡ଼ ଛତା ପୋତିବା ପାଇଁ ରାସ୍ତା ଖୋଳୁଛନ୍ତି । ପ୍ରତିବର୍ଷ ଖୋଳା ପୋତା ହେବାରୁ ରାସ୍ତା ଦବୁଛି । ଯାହା ଫଳରେ ରଥ ଯାଆସ ସମୟରେ ଖାଲରେ ପଡ଼ି ଚକ ଫାଟୁଛି । କରୋନା କଟକଣା କେବଳ କାଗଜପତ୍ରରେ ଥିବାବେଳେ ଦୋକନି ଓ ଗ୍ରାହକ କେହି କଟକଣା ମାନୁନାହାଁନ୍ତି । ବଡ଼ଶଙ୍ଖ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଅନେକ ସ୍ଥାୟୀ ବାସଗୃହ ରହିଛି । ବାସଗୃହରେ ଭଡ଼ାଟିଆମାନେ ରହୁଛନ୍ତି । ଘର ସମ୍ମୁଖରେ ୩ ଧାଡ଼ି କ୍ୟାବିନ ପଡ଼ିବା ଯୋଗୁଁ ଭଡ଼ାଟିଆ ମାନେ ଘର ପରିବର୍ତନ ସମୟରେ ଟ୍ରକ ଆଣି ପାରୁନାହାଁନ୍ତି । ଘର ଆଗରେ କ୍ୟାବିନ ପଡୁଥିବାରୁ ମୋଟର ସାଇକେଲ ନେବା ଆଣିବାରେ ଘୋର ଅସୁବିଧା ହେଉଛି ବୋଲି ବାସଗୃହ ମାଲିକମାନେ ଅଭିଯୋଗ କରୁଛନ୍ତି । ବଡ଼ଦାଣ୍ଡ ବଡ଼ଶଙ୍ଖ ଠାରେ ୩ ଶହ ଫୁଟରୁ ଅଧିକ ଓସାର ରହିଛି । ଦୁଇ ପାର୍ଶ୍ୱରେ ହାଇମାକ୍ସ ଲାଇଟ ଲଗାଯାଇଛି । କିନ୍ତୁ ତାହାର ଆଲୋକ ବଡ଼ଦାଣ୍ଡର ମଝି ଅଂଶକୁ ପଡୁନାହିଁ । ଯାହା ଫଳରେ ରାସ୍ତାରେ ଦୁର୍ଘଟଣା ଘଟୁଛି । ଭକ୍ତ ସେଡ୍ ଯେଭଳି ପୋତାଯାଇ ନଟ ଫିଟିଙ୍ଗ କରାଯାଉଛି ସେହିପରି ବଡ଼ଦାଣ୍ଡ ମଝିରେ ବିଦ୍ୟୁତ ଖୁଂଟ ଫିକ୍ସିଂ କରାଯାଇ ଆଲୋକ ପ୍ରଦାନ କରାଗଲେ ବଡ଼ଦାଣ୍ଡ ଅତି ସୁନ୍ଦର ଦେଖାଯାଆନ୍ତା ବୋଲି ବରିଷ୍ଠ ବୁଦ୍ଧିଜୀବୀ କହିଛନ୍ତି । ଏହା ସହ ରୋଡ଼ ଡ଼ିଭାଇଡ଼ର ବ୍ୟାରିକେଡ଼ ଏହି ଖୁଂଟ ସହ ଫିକ୍ସି କରାଗଲେ ଲୋକମାନେ ଆଉ ବ୍ୟାରିକେଡ଼ ଘୁଂଚାଇ ପାରନ୍ତେ ନାହିଁ । ବାଟରେ ହାଟ ବସୁଥିବାରୁ ଅଳିଆ ଚୋପା, ପୋଚାଷଡ଼ା ପରିବା ରାସ୍ତା ମଝିରେ ଡ଼ଷ୍ଟପିନ୍ ରେ ଗଦା କରୁଛନ୍ତି । ପୋଚା ଗନ୍ଧରେ ପର୍ଯ୍ୟଟକ ଓ ସହରବାସୀ ଅତିଷ୍ଠ ହେଉଛନ୍ତି । ଏମାରମଠ, ବଡ଼ଆଖେଡ଼ା ମଠ, ସାନଛତା ଓ ବଡ଼ ଛତା ମଠ ଉଚ୍ଛେଦ କରି ସରକାର ହାତକୁ ନେଇ ସୌନ୍ଦର୍ଯ୍ୟକରଣ କରୁଛନ୍ତି । ସେହିପରି ବଡ଼ଦାଣ୍ଡରେ ଥିବା ଅନ୍ୟମଠକୁ ଭାଙ୍ଗି ସେଠାରେ ମାର୍କେଟ କମ୍ପ୍ଲେକ୍ସ କରି ସମସ୍ତ ଉଠା ଦୋକାନିକୁ ଥଇଥାନ କରାଗଲେ ବଡ଼ଦାଣ୍ଡର ସୌନ୍ଦର୍ଯ୍ୟକରଣ ବଢିପାରନ୍ତା ବୋଲି ମତ ପ୍ରକାଶ ପାଇଛି ।

## ଖରସ୍ରୋତା ବିବାଦକୁ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା

କେନ୍ଦ୍ରାପଡ଼ା,୧୮/୮ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ରାଜକନିକା ଠାରେ ଖରସ୍ରୋତା ନଦୀରେ ନିର୍ମାଣ ହେବାକୁ ଥିବା ଜଳ ପ୍ରକଳ୍ପକୁ ତୀବ୍ର ବିରୋଧ କରାଯାଉ ଥିବା ପରିପ୍ରେକ୍ଷୀରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି । ଜିଲ୍ଲାପାଳ ଅମ୍ରିତ ଋତୁରାଜ ଙ୍କ ସହ ଆଲୋଚନା ସମୟରେ ଉତ୍କଳ ଗାନ୍ଧୀ ସ୍ମାରକ ନୀଧିର ସଭାପତି କ୍ରୀଷ୍ଣା ମହାନ୍ତି, ସଂପାଦକ ଦେବ ପ୍ରସାଦ ରାୟ , ଗାନ୍ଧୀ ଶାନ୍ତି ଫାଉଣ୍ଡସନ ଆବାହକ ଡ଼ଃ ବିଶ୍ୱଜିତ ରାୟ, ମାନସ ପଟ୍ଟନାୟକ, ଅଧାପ ଅଜୟ ସାମଲ, ସାମାଜିକ କର୍ମୀ ଆଦିକନ୍ଦ ରାଉଳ, ଦୌପଦୀ ରାଉତ ପ୍ରମୁଖ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ ।

# ମଡେଲ ଡିଗ୍ରୀ କଲେଜ୍ ନୂଆପଡ଼ା ଖଡ଼ିଆଳର ରାସ୍ତା ସହିତ ଅନ୍ୟାନ୍ୟ ସମସ୍ୟା ଉପରେ ଉପସ୍ଥାପନ

ନୂଆପଡ଼ା,୧୮/୮ (ନି.ପ୍ର): ସରକାରଙ୍କ ମୋଡେଲ ଡିଗ୍ରୀ କଲେଜ୍ ସ୍କିମ୍ ଦ୍ୱାରା ନୂଆପଡ଼ା ଜିଲ୍ଲାର ଖଡିଆଳ ଠାରେ ତିଆରି ହେଲା ଡିଗ୍ରୀ କଲେଜ୍। ଖର୍ଚ୍ଚ ହେଲା କୋଟି କୋଟି ଟଙ୍କା । ୨୦୧୬ ରୁ ନାମଲେଖା ଆରମ୍ଭ ହୋଇ ବର୍ତ୍ତମାନ ଶହ ଶହ ଛାତ୍ର-ଛାତ୍ରୀ ପାଠ ପଢୁଛନ୍ତି ଏହି ମହାବିଦ୍ୟାଳୟରେ କିନ୍ତୁ ଦୁଃଖର ବିଷୟ ଏହିକି ଯେ ଆଜି ପର୍ଯ୍ୟନ୍ତ ମହାବିଦ୍ୟାଳୟ କୁ ଯିବା ପାଇଁ ଉପଯୁକ୍ତ ରାସ୍ତା ଟେ ନାହିଁ। ଯାହା ଅଛି ତାହାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଖଡ଼ିଆଳ ୱାର୍ଡ ନମ୍ବର ୧୧ (ପୁଟୁପଡ଼ା) ଠାରୁ କଲେଜ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା କହିଲେ ନସରେ । ଟାଙ୍ଗରା ଭୂଇଁରେ ପଥର ଉପୁଡ଼ି ଅସଂଖ୍ୟ ଗର୍ତ୍ତମାନ ସୃଷ୍ଟି ହେଇଛି । ବର୍ତମାନ ବର୍ଷାଦିନ ଏବଂ କୋଭିଡ ପରିସ୍ଥିତି ଭିତରେ କଲେଜ ସବୁ ଖୋଲିଛି କିନ୍ତୁ ମହାବିଦ୍ୟାଳୟ ଯିବାକୁ ଥିବା ରାସ୍ତା କାଦୁଅରେ ଭରି ଗଲାଣି, ସ୍ଥାନରେ ସ୍ଥାନରେ ଆଣ୍ଠୁଏ ପାଣି ଜମି ରହିଛି । ସେହିପରି ମହାବିଦ୍ୟାଳୟ ମୁଖ୍ୟ ପ୍ରବେଶ ଦ୍ୱାର ରୁ ମହାବିଦ୍ୟାଳୟ ପରିସରକୁ ରାସ୍ତା ନାହିଁ ; ଯାହା ଅଛି ସମ୍ପୂର୍ଣ୍ଣ ଶୋଚନୀୟ ଅବସ୍ଥାରେ, ପାର୍କି ସୁବିଧା ତଥା ପିଇବା ପାଣି ର ବି ବ୍ୟବସ୍ଥା ନାହିଁ ଏ ପରିସ୍ଥିତିରେ ଛାତ୍ରମାନେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ସାଧାରଣ ସୁବିଧାରୁ ମଧ ବଂଚିତ ହେଉଛନ୍ତି। ଏମିତି ୪ ବର୍ଷ ହେଲା ଚାଲି ଆସିଛି । ପ୍ରକାଶ ଥାଉକି ମହାବିଦ୍ୟାଳୟ କର୍ତୃପକ୍ଷ ଓ ଛାତ୍ରସଂଘ ଲିଖିତ ଆକାରରେ ଦୁଇ ଥର ମାନନୀୟ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସାରିଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ଯାହାଫଳରେ ରେ ମହାବିଦ୍ୟାଳୟ କର୍ତୃପକ୍ଷ ଓ ଛାତ୍ର ମହଲରେ ଅସନ୍ତୋଷ ଦେଖା ଦେଇଛି । ବିଦ୍ୟାଳୟ ଯେ ଜ୍ଞାନର ମନ୍ଦିର ଏବଂ ଏହି ମନ୍ଦିରରେ ତପସ୍ୟା କରୁଥିବା ପ୍ରତ୍ୟେକ ଛାତ୍ର ଛାତ୍ରୀ ମାନଙ୍କ ସୁବିଧା କରିବା ସରକାରଙ୍କ ଯଥାର୍ଥ କର୍ତ୍ତବ୍ୟ ଓ ଛାତ୍ରମାନଙ୍କ ମୌଳିକ ଅଧିକାର । ସରକାରଙ୍କ ନିୟମାନୁଯାୟୀ କୌଣସି ଛାତ୍ର ଛାତ୍ରୀ ନିଜର ଶିକ୍ଷା ଗ୍ରହଣରୁ ବଂଚିତ ହୋଇପାରିବେ ନାହିଁ, ସେଥିପାଇଁ ଏହି ଖବର ଉପର ଅଧିକାରୀ, ନେତା, ମନ୍ତ୍ରୀ ତଥା ସରକାରଙ୍କ ଦୃଷ୍ଟିଗୋଚର ହେବା ସଙ୍ଗେ ତୁରନ୍ତ ଏହାର ସମାଧାନ ହେବ ବୋଲି ଆଶା ଓ ବିଶ୍ୱାସ ।

## ଦେଶୀ ମଦ ଜବତ: ବେପାରୀ କୋର୍ଟ ଚାଲାଣ

କୋରେଇ,୧୮/୮ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର କୁମ୍ଭାର ସାହିରୁ ପୁଲିସ ଦେଶୀ ମଦ ଜବତ କରିବାକୁ ସକ୍ଷମ ହେବା ସହ ବେପାରୀକୁ ଗିରଫ କରି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ସଠିପୁର କୁମ୍ଭାର ସାହିର ବାସୁଦେବ ରଣାଙ୍କ ପୁଅ ମାଗୁଣୀ (୪୨) ଦେଶୀ ମଦ ବେପାର କରୁଥିବାର ପୁଲିସ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲା । ସୋମବାର ରାତ୍ରୀରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଏଏସଆଇ ପ୍ରତାପ ଗଡନାୟକ ସଦଳବଳେ ଚଢାଉ କରିଥିଲେ ।

# ଠିକପାଲି ପଂଚାୟତରେ ଭୁତ ପାଉଛି ଚାଉଳ

ନୂଆପଡା,୧୮/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନର୍ଗତ ହରିଜନ ଆଦିବାସୀ ବହୁଳ ଠିକପାଲି ପଂଚାୟତରେ ଦୀର୍ଘ ମାସରୁ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ନାମ ରେ ପିଡ଼ିଏସ ଚାଉଳ ବଂଟନ ଦର୍ଶାଇ ଚାଉଳ ଆତ୍ମସାତ କରୁଥିବା ଗୁରୁତର ଅଭିଯୋଗ ହେଉଛି । ଜନସାଧରଣରେ ବ୍ୟଙ୍ଗରେ ଭୁତ ପାଉଛି ଚାଉଳ ବୋଲି ପରିହାସ କରାଯାଉଛି । ଏ ପଂଚାୟତ ଅନ୍ତର୍ଗତ ବାବୁପାଲି ଗ୍ରାମର ବେଣୁଧର ଜଗତ, ନିତ୍ୟା ଶବର, ତ୍ରିନାଥ ନାଏକ ଓ ରଘୁନାଥ ଶବର ଦୀର୍ଘ ପାଂଚ ମାସରୁ ଉର୍ଦ୍ଧ୍ୱ ହେବ ମୃତ୍ୟୁବରଣ କରିସାରିଛନ୍ତି ହେଲେ ଉକ୍ତ ମୃତ ହିତାଧିକାରୀ ଙ୍କୁ ଜୀବିତ ଦର୍ଶାଇ ଚାଉଳ ଉଠାଇ ହରିଲୁଟ ଚାଲିଛି । ଉକ୍ତ ପଂଚାୟତର ଏହା ଏକ ଉଦାହରଣ ମାତ୍ର ଏଭଳି ସଂଖ୍ୟାଧିକ ମୃତ୍‌ବ୍ୟକ୍ତିଙ୍କ ନାମ ରେ ଚାଉଳ ଉଠାଣ କରି ପଂଚାୟତ କର୍ମଚାରି ଆତ୍ମସାତ କରୁଥିବା ତଥା ପଂଚାୟତ ର ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟରେ ମଧ ବ୍ୟାପକ ଅନିୟମିତତା ହେଉଥିବା ଗୁରୁତର ଅଭିଯୋଗ ହେଉଛି । ସୂଚନା ଯୋଗ୍ୟ ଯେ ଏଭଳି ଅଭିଯୋଗ କୋମନା ବ୍ଲକ ଅଗ୍ରେନ ପଂଚାୟତ ରେ ମଧ ହୋଇଛି, ହେଲେ ତଦନ୍ତରେ ଶିଥିଳତା ଯୋଗୁଁ ଦୁର୍ନୀତି ଗ୍ରସ୍ତ କର୍ମଚାରୀ ସାହସ ପାଇ ଏଭଳି ଦୁର୍ନୀତି କରିଚାଲିଛନ୍ତି । ଜିଲ୍ଲା ର ଏହା ଏକ ଉଦାହରଣ ମାତ୍ର ଏଭଳି ଅନେକ ପଂଚାୟତ ରେ ମୃତ ହିତାଧିକାରୀଙ୍କ ଚାଉଳ ଆତ୍ମସାତ କରୁ ଥିବା ସୂଚନା ମିଳିଛି । ଏହାର ଜିଲ୍ଲାସ୍ତରୀୟ ଓ ଭିଜିଲାନ୍ସ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧ ରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧରଣ ରେ ଦାବି ହେଉଛି ।

ଆମେ ଏନେଇ କୋମନ ବ୍ଲକ ଏମଆଇ ଦିଲୀପ ନାୟକ ଙ୍କୁ ପଚାରିବାରୁ ସେମାନେ ଚାଉଳ ପାଉଛନ୍ତି ବୋଲି କହିଥିବାବେଳେ ସତ୍ୟତା ଏହି ଯେ ଚାଉଳ କିଏ ଖାଉଛି ଯୋଗାଣ ସହାୟକ ନା ଆଉ କିଏ ଖାଉଛି ତାହା ବିଭାଗୀୟ ଅଧିକାରୀ ମାନେ ଅଧିକରୁ ଅଧିକ ତଦନ୍ତ କରିଲେ ସତ୍ୟତା ଜଣାପଡିବ । ଏଭଳି କୋମନା ବିଡ଼ିଓ ସଦାଶିବ ଭଦ୍ରା ଙ୍କୁ ଏନେଇ ପଚାରିବାରୁ ମୁଁ ତଦନ୍ତ କରିବି ବୋଲି କହିଛନ୍ତି ।

# ବଡ଼ଦାଣ୍ଡରେ ବଢୁଛି ଆମିଷ କାରବାର

ପୁରୀ,୧୮/୮ (ନି.ପ୍ର): ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନ କ୍ଷେତ୍ର ଶ୍ରୀକ୍ଷେତ୍ର । ପ୍ରତିବର୍ଷ ଦୁଇ କୋଟିରୁ ଅଧିକ ପର୍ଯ୍ୟଟକ ପୁରୀକୁ ଆସିଥାନ୍ତି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ସମୁଦ୍ରକୂଳେ ମଜା ଉଠାଇଥାନ୍ତି । ଗୋଟିଏ ପଟେ ଅବଢା ବାସ୍ନା ରହିଥିବା ବେଳେ ଅନ୍ୟ ପଟେ ଆମିଷର ପ୍ରାବଲ୍ୟ ଦେଖିବାକୁ ମିଳୁଛି । ସବୁଠାରୁ ପବିତ୍ର ହେଉଛି ବଡ଼ଦାଣ୍ଡ । ଯେଉଁଠି ମହାପ୍ରଭୁ ପହଣ୍ଡି ସମୟରେ ପଦଚିହ୍ନ ପକାଇ ରଥାରୂଢ ହୋଇଥାନ୍ତି । ଅନ୍ୟପଟେ ଶରଧାବାଲିର କ୍ଷେତ୍ର ଗୁଣ୍ଡିଚା ମନ୍ଦିରରେ ନବଦିନ ଯାତ୍ରାରେ ଆଡ଼ପ ମଣ୍ଡପରେ ବିଜେ କରିଥାନ୍ତି । ପବିତ୍ର ଶରଧାବାଲିରେ ନନ୍ଦସୂତ କଳାକହ୍ନେଇ ବାଲିଖେଳୁଥିବା ମନେପକାଇ ଭକ୍ତମାନେ ବାଲିକୁ ମୁଣ୍ଡିଆ ମାରିବା ସହ କାନିରେ ବାନ୍ଧି ଘରକୁ ନେଇଥାନ୍ତି । ସେହି ଶରଧାବାଲିରେ ଆମିଷ କାରବାର ବଢୁଛି । ପବିତ୍ର ବଡ଼ଦାଣ୍ଡ ରଥଦାଣ୍ଡର ଦୁଇ ପାର୍ଶ୍ୱରେ ବାହୁଡ଼ା ଯାତ୍ରା ସରିବା ପରେ ଫାଷ୍ଟପୁଡ଼ ଷ୍ଟଲ ତାଙ୍କ ସ୍ଥାନକୁ ବାହୁଡ଼ିଲେଣି । କ୍ୟାବିନ ପଡ଼ିବା ପରେ କ୍ୟାବିନ ପଛପଟେ ନିଶାଖୋରମାନେ ତଳେ ବସି ମୁକ୍ତ ମଦ୍ୟଶାଳା ପରି ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି । ଏହା ସହ ପବିତ୍ର ବଡ଼ଦାଣ୍ଡରେ ଅଣ୍ଡା ଖୋଳ, ଚିକେନ ଓ ମଟନ ହାଡ଼, ମାଛ କଂଟା ପଡ଼ି ରହୁଛି । ସକାଳୁ ସକାଳୁ ସଫେଇ କର୍ମଚାରୀମାନେ ଏହାକୁ ସଫା କରି ଗାଡ଼ିରେ ଲଦୁଛନ୍ତି । ଅନ୍ୟପକ୍ଷରେ ପର୍ଯ୍ୟଟକମାନେ ଖୁସି ମନେଇବା ପାଇଁ ହୋଟେଲରେ ରହି ମଦ୍ୟପାନ କରୁଛନ୍ତି । ସମୁଦ୍ରକୂଳେ ଏବେ ନୂଆ ୫ଟି ବିଦେଶୀ ଠିପିବନ୍ଦ ମଦ ଦୋକାନ ଖୋଲାଯିବ ଯୋଜନା ରହିଛି । ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ଼ରେ ମଧ ମଦ ଦୋକାନ ଖୋଲିବ । ସମୁଦ୍ରକୂଳେ ମଦ ଓ ସ୍ନାକ୍ସ ଷ୍ଟଲକୁ ବିରୋଧ ହେବାରୁ ସାମୁହିକ ସ୍ଥଗିତ ରଖାଯାଇଛି । ସବୁଠାରୁ ଦୁଃଖର ବିଷୟ ବଡ଼ଦାଣ୍ଡରେ ଆମିଷ ବିକ୍ରି ଓ ଦୋକାନ ବନ୍ଦ ହୋଇନାହିଁ । କିଛିବର୍ଷ ତଳେ ବରିଷ୍ଠ ରାଜନେତା ମହେଶ୍ୱର ମହାନ୍ତି ନଗରପାଳ ଥିବା ସମୟରେ ବଡ଼ଦାଣ୍ଡରେ ଆମିଷ ବିକ୍ରିକୁ ବନ୍ଦ କରିଥିଲେ । ବଡ଼ଶଙ୍ଖ ଯେଉଁଠି ଜାତୀୟ ରାଜପଥ ବାଟରେ ହାଟ ବସୁଛି ସେହିଠାରେ ମାଛ ବିକ୍ରି ହେଉଥିଲା । ତାହାକୁ ଉଠାଇ ନେଇ ରେଡ଼କ୍ରସ ରୋଡ଼ ପୋଲିସ ହାଇସ୍କୁଲ ନିକଟରେ ମାଛ ମାର୍କେଟ ଖୋଲା ଯାଇଥିଲା । ବଡ଼ଦାଣ୍ଡରେ ବୈଷ୍ଣବ ଭକ୍ତ, ଚୈତନ୍ୟ ଭକ୍ତ, ମାରଓ୍ୱାଡ଼ି ଭକ୍ତମାନେ ବଡ଼ଦାଣ୍ଡରେ ମୁଣ୍ଡିଆ ମାରି ବାଲି ମୁଣ୍ଡରେ ଲଗାଇ ଶ୍ରୀମନ୍ଦିର ଆଡ଼କୁ ଦର୍ଶନ ପାଇଁ ଯିବା ସମୟରେ ଆମିଷ ବାସ୍ନା ଓ କଂଟାହାଡ଼ ଦେଖି ବିରକ୍ତି ପ୍ରକାଶ କରୁଛନ୍ତି । ଅନ୍ୟ ତୀର୍ଥକ୍ଷେତ୍ର ମାନଙ୍କରେ ଆମିଷ ଗନ୍ଧ ନଥିବା ବେଳେ ପୁରୀରେ ଏହାକୁ ଦେଖି ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ପୁରୀକୁ ମଦମୁକ୍ତ ଓ ଆମିଷ ମୁକ୍ତ କରିବା ପାଇଁ କେତେକ ସଂଗଠନ ଅଂଟା ଭିଡ଼ିଥିବା ବେଳେ ଏହି ସମସ୍ୟାକୁ ଦୂର କରିବା ପାଇଁ ପ୍ରୟାସ ଜାରି ରଖନ୍ତୁ ବୋଲି ଭକ୍ତମାନେ କହୁଛନ୍ତି । ପବିତ୍ର ଧାମ ଶ୍ରୀକ୍ଷେତ୍ରର ଗର୍ବ ଓ ଗୌରବକୁ ବିଶ୍ୱବିଦିତ କରିବା ପାଇଁ ବଡ଼ଦାଣ୍ଡରେ ଆମିଷ ବନ୍ଦ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# କୋଭିଡ ପାଇଁ ମୋ ଚାଟଶାଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି,୧୮/୮ (ନି.ପ୍ର): କୋଭିଡ ମହାମାରୀ ଯୋଗୁଁ ଦେଶ ତଥା ସାରା ଓଡିଶା ରାଜ୍ୟରେ ଦୀର୍ଘ ଦିନ ଧରି ବିଦ୍ୟାଳୟ ବନ୍ଦ ରହିବା ଦ୍ୱାରା ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି । ବିଦ୍ୟାଳୟ ଯାଉଥିବା ଛାତ୍ର ଛାତ୍ରୀ ମାନେ ପାଠ ପଢିବାର ସୁଯୋଗ ପାଇ ନ ପାରି ପାଠ ପଢାରୁ ବଂଚିତ ହୋଇଛନ୍ତି । ବିଭିନ୍ନ ଅଧୟନରୁ ଜଣାପଡିଛି କୋଭିଡ ଯୋଗୁଁ ବିଦ୍ୟାଳୟ ବନ୍ଦ ଫଳରେ ଦୀର୍ଘକାଳୀନ ଶିକ୍ଷାର କ୍ଷତି ବଡ ହୋଇପାରେ ଏବଂ ଏହା ବିଦ୍ୟାଳୟ ବନ୍ଦ ସମୟରେ ଅନୁଭୂତ ହୋଇଥିବା ସ୍ୱଳ୍ପ ମିଆଦି ଶିକ୍ଷାର କ୍ଷତି ଠାରୁ ବହୁ ଅଧିକ ! ଏହାକୁ ଦୃଷ୍ଟିରେ ରଖି ଆତ୍ମଶକ୍ତି ଟ୍ରଷ୍ଟ ଇଣ୍ଡିଆ , ରାଜ୍ୟସ୍ତରୀୟ ଲୋକସଂଗଠନ ,ଓଡିଶା ଶ୍ରମଜୀବି ମଂଚ ଓ ମହିଳା ଶ୍ରମଜୀବି ମଂଚ ଓଡିଶା ଙ୍କ ଏକ ମିଳିତ ଉଦ୍ୟମ ଓ ମାଲକାନଗିରି ଜିଲ୍ଲାର ସ୍ଥାନୀୟ ଲୋକସଂଗଠନ ଶ୍ରମଜୀବୀ ସଂଗଠନ ଓ ମହିଳା ଶ୍ରମଜୀବୀ ସଂଗଠନ ଦ୍ୱାରା ଗତ ଜୁଲାଇ ୨୦୨୦ ବର୍ଷରେ ମିଶନ ୩,୫,୮, କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ।ପରବର୍ତ୍ତୀ ସମୟରେ ଫେବ୍ରୁଆରି ୨୦୨୧ ରେ ଜିଲ୍ଲାର ସମସ୍ତ ବ୍ଲକ ତଥା ମାଲକାନଗିରି ବ୍ଲକର ବିଭିନ୍ନ ଗ୍ରାମରେ ରିମିଡିଆଲ କ୍ଲାସ ଖୋଲାଯାଇ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଶିକ୍ଷାଦାନର ବ୍ୟବସ୍ଥା କରାଯାଇଥିଲା ଓ ପରେ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ଗୁରୁତ୍ୱ କୁ ଉପଲବ୍ଧି କରି ମିଶନ ୧ ଲକ୍ଷଭଳି ଏକ ବଳିଷ୍ଠ ପଦକ୍ଷେପ ନିଆଯାଇଥିଲା !ଯେଉଁ ଥିରେ ପ୍ରଥମ ରୁ ପଂଚମ ର ଛାତ୍ର ଛାତ୍ରୀମାନଙ୍କୁ ସାମିଲ କରାଯାଇଥିଲା । ପ୍ରତି ଗ୍ରାମରେ ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ଓଡିଶାରେ ଏକଲକ୍ଷ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଥିଲା ମୋ ଚାଟଶାଳୀ ଅଧିନରେ । ବର୍ତ୍ତମାନର ଆବଶ୍ୟକତା କୁ ଲକ୍ଷ୍ୟ କରି ରାଜ୍ୟସ୍ତରୀୟ ଲୋକସଂଗଠନ ଓଡିଶା ଶ୍ରମଜୀବି ମଂଚ ଓ ମହିଳା ଶ୍ରମଜୀବି ମଂଚ ଦ୍ୱାରା ସାରା ରାଜ୍ୟରେ ୫ ଲକ୍ଷ୍ୟ ଛାତ୍ରଛାତ୍ରୀଙ୍କୁ ମିଶନ ଚାଟଶାଳୀ ମାଧମରେ ଶିକ୍ଷାର ବ୍ୟବଧାନ କୁ ଦୂର କରିବା, ପିଲାମାନଙ୍କର ସାମାଜିକ ତଥା ଭାବଗତ ଆବଶ୍ୟକତାକୁ ସମାଧାନ କରିବା ଏବଂ ପିଲାମାନଙ୍କ ମଧ୍ୟରେ ସମାନ ଶିକ୍ଷାଗତ ଫଳାଫଳକୁ ପ୍ରୋତ୍ସାହିତ କରିବା !ଏହା ଏକ ଗୋଷ୍ଠି ନେତୃତ୍ୱାଧୀନ ପଦକ୍ଷେପ ଯେଉଁଠାରେ ପିତାମାତା ଏବଂ ସମ୍ପ୍ରଦାୟର ସଦସ୍ୟମାନେ ଏହି କାର୍ଯ୍ୟକ୍ରମର ଦାୟିତ୍ୱ ଗ୍ରହଣ କରନ୍ତି !

## ଅମୃତଭଣ୍ଡାର ଉପକାରିତା



ଅମୃତ ଭଣ୍ଡାରେ ଅନେକ ପ୍ରକାରର ଭିଟାମିନ ସହିତ ରୋଗପ୍ରତିରୋଧକ ଶକ୍ତି ମଧ ରହିଛି । ପାଚିଲା ଅମୃତଭଣ୍ଡା ସାଙ୍ଗରେ ବତୁରା ହୋଇଥିବା କିସମିସ ଏବଂ ମହୁ ମିଶାଇ ପ୍ରତିଦିନ ସକାଳୁ ଖାଇଲେ ଯକୃତ କ୍ରିୟା ଠିକ୍ ହୋଇଥାଏ । ମୁହଁରେ କଳାଦାଗ ହେଲେ କିଛି ଦିନ ନିୟମିତ, ପାଚିଲା ଅମୃତଭଣ୍ଡାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇଲେ କଳାଦାଗ ନିଶ୍ଚିହ୍ନ ହୋଇଯାଏ ଓ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିପାଏ ।

ପାଚିଲା ଅମୃତଭଣ୍ଡାରେ କିସମିସ୍, କ୍ଷୀର ଏବଂ ଚିନି ମିଶାଇ ଖାଇଲେ ମଳ ପରିଷ୍କାର ହୁଏ । କେବଳ ପାଚିଲା ଅମୃତଭର୍ଡା ନିୟମିତ ଖାଇଲେ କୋଷ୍ଠବଦ୍ଧତା ରୋଗରଉପକାର ମିଳେ ।

ପ୍ରତିଦିନ କଞ୍ଚା ଅମୃତଭଣ୍ଡା ଚୋବାଇ ଖାଇଲେ ଅର୍ଶ ରୋଗୀ ଖୁବ୍ ବେଶୀ ଉପକାର ପାଇପାରିବେ ।

ସ୍ତ୍ରୀମାନଙ୍କର କ୍ଷୀର ନ ହେଉଥିଲେ ଅମୃତଭଣ୍ଡା ତରକାରୀ ବିଶେଷ ଉପକାରୀ ହୋଇଥାଏ ।

## ଚିଆ ବୀଜ ବଢ଼ାଏ ଯୌନାକାଂକ୍ଷା



ଚିଆ ବୀଜ ଓମେଗା-୩ର ମୁଖ୍ୟ ସ୍ରୋତ । ଏଥିରେ ଆବଶ୍ୟକ ପରିମାଣର ଫ୍ୟାଟି ଏସିଡ୍ ମଧ ରହିଛି, ଯାହା ଶରୀରରେ ଉତ୍ପାଦିତ ହୋଇପାରେନା । ତେଣୁ ସୁସ୍ଥ ଶରୀର ପାଇଁ ଏହାକୁ ଖାଦ୍ୟ ଭାବରେ ଗ୍ରହଣ କରାଯାଇଥାଏ । ଫ୍ୟାଟି ଏସିଡର ଅଭାବ ଫଳରେ ମସ୍ତିଷ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ସହ ଅବସାଦର ସମ୍ଭାବନା ବଢ଼ିଥାଏ । ଯାହା ଯୌନାକାଂକ୍ଷା କମିବାର ପ୍ରମୁଖ କାରଣ । ତେଣୁ ଯେଉଁମାନଙ୍କର ଏହି ସମସ୍ୟା ଦେଖା ଦେଉଥାଏ । ସେମାନେ ଚିଆ ବୀଜକୁ ନିୟମିତ ସାଲାଡରେ ମିଶାଇ ଖାଇବା ଦ୍ୱାରା ଶରୀର ଆବଶ୍ୟକ କରୁଥିବା ଫ୍ୟାଟି ଏସିଡ୍ ଓ ଲୁକାୟିତ ଯୌନଇଚ୍ଛା ଜାଗ୍ରତ ହୋଇଥାଏ । ୩ବଡ଼ ଚାମଚ ପାଣିରେ ଏକ ଚାମଚ ଚିଆ ବୀଜ ମିଶାନ୍ତୁ । ଏହାକୁ ୧୫ମିନିଟ ଯାଏ ରଖି ଦିଅନ୍ତୁ । ପରେ ଏହାକୁ ସାଲାଡରେ ମିଶାଇ ଖାଆନ୍ତୁ । ଚିଆ ବୀଜରେ ଆବଶ୍ୟକ ଅନୁପାତର ପ୍ରୋଟିନ ଓ ଫାଇବର ରହିଥାଏ ।

## ମୋଟାପଣ ପାଇଁ ଦାୟୀ ଜିନ୍ ଚିହ୍ନଟ

ବର୍ତ୍ତମାନ ମୋଟାପଣକୁ ନେଇ ବିଶ୍ୱର ଅଧିକାଂଶ ଲୋକ ଚିନ୍ତିତ । ଏ ପର୍ଯ୍ୟନ୍ତ ଏହାର ଅନେକ କାରଣ ଉପରେ ଅନୁମାନ ଲଗାଯାଇସାରିଛି । କିନ୍ତୁ ନିକଟରେ ଆମେରିକାରେ ହୋଇଥିବା ଏକ ଗବେଷଣାରୁ ଏଭଳି ଏକ ଜିନର ଚିହ୍ନଟ କରାଯାଇଛି, ଯାହା ମୋଟାପଣ ପାଇଁ ଦାୟୀ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଭିନ୍ନ ଭିନ୍ନ ପ୍ରାଣୀଙ୍କ ଉପରେ କରାଯାଇଥିବା ଗବେଷଣା ପରେ ଆମେରିକାର ନର୍ଥ କ୍ୟାରୋଲିନା ୟୁନିଭର୍ସିଟିର ବୈଜ୍ଞାନିକମାନେ ଏକ ଜିନର ସନ୍ଧାନ କରିଛନ୍ତି; ଯାହା ମନୁଷ୍ୟ ଶରୀରର ଆକାର, ଆକୃତି, ଉଚ୍ଚତା ଏବଂ ମୋଟାପଣକୁ ପ୍ରଭାବିତ କରିଥାଏ । ଗବେଷଣାରୁ ମିଳଇଥିବା ନିଷ୍କର୍ଷରୁ ଏହା ଜାଣିବାରେ ସହଜ ହୋଇଛି ଯେ, ମୋଟାପଣକୁ କିଭଳି ପ୍ରକାରେ ଏହାସ୍ଥିର କରିନିଏ । ଅର୍ଥାତ୍ କେଉଁ ମଣିଷ କିଭଳି ମୋଟା ହେବ । ଜର୍ଣ୍ଣାଲ ନେଚର ଜେନେଟିକ୍ସରେ ପ୍ରକାଶିତ ଗବେଷଣାରେ, ବୈଜ୍ଞାନିକମାନେ କ୍ରୋମୋଜୋମରେ ୨୪ କୋଡିଂ ଜିନର ସନ୍ଧାନ ପାଇଥିଲେ । ତନ୍ମଧ୍ୟରୁ ୧୫ଟି ସାମାନ୍ୟ ଥିବାବେଳେ ଅନ୍ୟ ୯ଟି ଥିଲା ଦୁର୍ଲଭ । ଏହା ଅଣ୍ଟା ଏବଂ ଜଙ୍ଘର ଆକାର ଅନୁପାତକୁ ପୂର୍ବନିର୍ଦ୍ଧାରିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ । ଯେଉଁ ଲୋକଙ୍କ ଅଣ୍ଟା ଏବଂ ଜଙ୍ଘ ଅଧିକ ମୋଟାଥାଏ, ସେମାନଙ୍କ ମଧରେ ମୋଟାପଣ ସହ ଜଡ଼ିତ ରୋଗ ଅଧିକ ଥିବା ଦେଖାଯାଏ ଏବଂ ଏହି ୯ଦୁର୍ଲଭ ଜିନ୍ ଥିବା ଜଣାଯାଏ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।

## ଶିଶୁଙ୍କ ପାଇଁ ହିତକାରୀ ଚାରୁମଗଜ



ଛୋଟ ପିଲାଙ୍କ ପାଇଁ ଚାରୁମଗଜ ଖାଇବା ହିତକର ହୋଇଥାଏ । ଥଣ୍ଡାଦିନେ ଚାରୁମଗଜ ଖାଇବା ଦ୍ୱାର ପିଲାଙ୍କ ଶରୀରରେ ଶକ୍ତି କ୍ଷରଣ ହୋଇଥାଏ । ଚାରୁମଗଜରେ ପୋଷକତତ୍ୱ ଯେପରିକି ପ୍ରୋଟିନ୍, କ୍ୟାଲସିୟମ, ବି କମ୍ପଲେକ୍ସ ଓ ଆଣ୍ଟି ଅକ୍ସିଡାଇଜ୍ ଆଦି ରହିଥାଏ । ଯଦି ପିଲାମାନେ ଚାରୁମଗଜ ଖାଇବାକୁ ଭଲ ପାଉଛନ୍ତି ତ ସ୍ନାକ୍ସରେ ପକାଇ ଦେବା ଉଚିତ୍ ।

### ଚାରୁମଗଜର ଉପକାରିତା

***ଶକ୍ତିରେ ଭରପୂର***

ଏଥିରେ ପ୍ରଚୁର ପରିମରଣର ପୋଷକ ତତ୍ତ୍ୱ ରହିଛି ଯାହା ଶରୀରରେ ଅଧିକ ମାତ୍ରାରେ କ୍ୟାଲେରୀ ଯୋଗାଇଥାଏ । ୧୦୦ ଗ୍ରାମ୍ ଚାରୁମଗଜରେ ପାଖାପାଖି ୫୭୩ କ୍ୟାଲେରୀ ରହିଥାଏ । ତେଣୁ ଶିଶୁଙ୍କ ଖାଦ୍ୟରେ ଏହାକୁ ସାମିଲ କରିବା ଆବଶ୍ୟକ ।

***ମାନସିକ ଚିନ୍ତା ଦୂର କରେ***

ଚାରୁମଗଜ ଦ୍ୱାରା ଦୁଶ୍ଚିନ୍ତାରୁ ମୁକ୍ତି ମିଳିଥାଏ । ମାନସିକ ଦୁର୍ବଳତା ହ୍ରାସ ପାଏ । ଚାରୁମଗଜକୁ ବୁଦ୍ଧିବର୍ଦ୍ଧକ କୁହାଯାଏ । ଚାରୁମଗଜରେ ପ୍ରୋଟିନ୍, କ୍ୟାଲସିୟମ ଓ ବି କମ୍ପଲେକ୍ସ ପରିମାଣ ପାଇଁ ମାନସିକ ଦୁର୍ବଳତା କମିଯାଏ ।

***ପ୍ରଚୁର ଆଣ୍ଟିଅକ୍ସିଡାଣ୍ଟ***

ଚାରୁମଗଜ ମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ । ଫ୍ରି ରେଡିକଲ୍ସ ପ୍ରଚୁର ପରିମାଣର ମେଦ ସୃଷ୍ଟି କରିଥାଏ । ଯାହା ନିକଟତର ଟିସୁ ଓ ସେଲ ଗୁଡ଼ିକୁ କ୍ଷତି ପହଞ୍ଚାଇଥାଏ । ତାକୁ ରୋକିବା ପାଇଁ ଆଣ୍ଟିଅକ୍ସିଡେଣ୍ଟ ଜାତ ଖାଦ୍ୟ ଖାଇବା ଆବଶ୍ୟକ । ଏହା ଫ୍ରି ରେଡିକାଲ୍ସକୁ ନଷ୍ଟ କରି ଶରୀରରେ ମେଦ ନିୟନ୍ତ୍ରଣରେ ଲାଭଦାୟୀ ହୋଇଥାଏ ।

ଇମ୍ୟୁନିଟି ବଢ଼ାଏ - ଚାରୁମଗଜରେ ବହୁ ପରିମାଣର ଭିଟାମିନ୍ ରହିଥାଏ ଯାହା ଶରୀରରେ ଇମ୍ୟୁନିଟି ବଢ଼ାଇବାରେ ସାହାଯ୍ୟ କରେ । ପିଲାଙ୍କ ଶରୀରରେ ଇମ୍ୟୁନିଟି କମ ଥିବା ହେତୁ ସଂକ୍ରମଣ ଓ ରୋଗ ପ୍ରତିରୋଧ ଶକ୍ତି କମ୍ ଥାଏ । ପିଲାବେଳୁ ଯଦି କମ୍ୟୁନିଟି ପ୍ରତି ଧ୍ୟାନ ରଖାଯାଏ ତେବେ ରୋଗରୁ ରକ୍ଷା କରାଯାଇପାରିବ ।

***ଲଘୁ ଶଙ୍କା ସମସ୍ୟା***

ଯଦି ପିଲା ଶେଯରେ ପରିସ୍ରା କରିଦେଉଛି ତେବେ ଏହି ସମସ୍ୟାକୁ ଏଡାଇବା ପାଇଁ ଚାରୁମଗଜ ଦିଅନ୍ତୁ । ଏଥିପାଇଁ କଳା ଚାରୁମଗଜକୁ ଗୁଡ ସହ ମିଶାଇ ଲଡୁ ତିଆରୀ କରି ପିଲାଙ୍କୁ ଖୁଆଇବା ଆବଶ୍ୟକ ।



ଘା'ରୁ ରକ୍ଷା- ଖଣ୍ଡିଆ ଓ ଘା' ରୁ ରକ୍ଷା କପାଇବା ପାଇଁ ଚାରୁମଗଜ ଖଇବା ଉଚିତ୍ । ଚାରୁମଗଜ ଶୀଘ୍ର ଘା' ଭରିବାରେ ସାହାଯ୍ୟ କରେ । ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆ ଗୁଣ ଘା' ଓ ଖଣ୍ଡିଆକୁ ଶୀଘ୍ର ଠିକ୍ କରିଦିଏ ।

***ହାଡ଼ ମଜବୁତ୍ କରେ***

ଚାରୁମଗଜରେ ପ୍ରୋଟିନ୍ ସହ ଏମିନୋ ଏସିଡ୍ ରହିଥାଏ । ପିଲାର ବୌଦ୍ଧିକ ବିକାଶ ହେବା ସହ ଶାରୀରିକ ବିକାଶ ମଧ ହୋଇଥାଏ । ଦୈନନ୍ଦିନ ୧୦୦ଗ୍ରାମ୍ ଚାରୁମଗଜ ମଞ୍ଜି ସେବନ କରିବା ଦ୍ୱାରା ୬୦ ମିଲିଗ୍ରାମ କ୍ୟାଲସିୟମ ମିଳିଥାଏ । ଗରମ ଦିନେ ୨୫ ଗ୍ରାମ ଓ ଶୀତ ଦିନେ ୫୦ ଗ୍ରାମ କ୍ୟାଲସିୟମ ଖାଇବା ଦ୍ୱାରା ଶରୀରର ଆବଶ୍ୟକତା ପୂରଣ ହୋଇଥାଏ ।

## ଘର ପାଇଁ ଉପଯୋଗୀ ଗିଜର୍




- ଇଲେକ୍ଟ୍ରିକ୍ ଗିଜର୍: ଏହା ଏକ ସାଧାରଣ ଗିଜର୍ । ପାଣିକୁ ଗରମ କରିବା ପାଇଁ ଏଥିରେ କପର୍ କଏଲ୍ ବ୍ୟବହୃତ ହୋଇଥାଏ । ତୁରନ୍ତ ପାଣିକୁ ଗରମ କରିବାରେ ଏହି ଗିଜର୍ ଭଲଭାବେ କାମ କରେ । ଏହାର ମୂଲ୍ୟ ମଧ ସେତେ ଅଧିକ ନୁହେଁ ।
- ଗ୍ୟାସ୍ ଗିଜର୍: ବଡ଼ ପରିବାର ପାଇଁ ସର୍ବୋତ୍କୃଷ୍ଟ ହେଉଛି ଗ୍ୟାସ ଗିଜର୍ । ସ୍ନାନାଗାର ଏଥିନିମନ୍ତେ ବଡ଼ ହୋଇଥିବା ଆବଶ୍ୟକ, କାରଣ ବାୟୁ ଚଳାଚଳ ଏଇ ଗ୍ୟାସ୍ ଗିଜର୍ ନିମନ୍ତେ ଖୁବ୍ ଜରୁରୀ । ଗ୍ୟାସ୍ ବର୍ଣ୍ଣର ସହାୟତାରେ ଏଥିରେ ପାଣି ଗରମ ହୋଇଥାଏ । ଆକାରରେ ବଡ଼ ଏହି ଗିଜର୍‌ର ପାଣି ଗରମ ତାପମାତ୍ରାକୁ ମଧ ନିୟନ୍ତ୍ରଣ କରିହୋଇଥାଏ ।
- ଟ୍ୟାଙ୍କ୍ ୱାଟର୍ ହିଟର୍: ଏହି ହିଟରରେ ପାଣି ସଂରକ୍ଷିତ ହୋଇରହେ । ତେବେ ଅଧିକ ସମୟ ପାଣି ରହିବା ପରେ ପୁଣି ଥଣ୍ଡା ହୋଇଯାଏ । ଟ୍ୟାଙ୍କ ୱାଟର୍ ହିଟର ଉଭୟ ବିଦ୍ୟୁତ୍ ଚାଳିତ ଓ ଗ୍ୟାସ୍ ଚାଳିତ ।
- ହାଇବ୍ରିଡ୍ ୱାଟର୍ ହିଟର୍: ଅନ୍ୟ ହିଟର୍ ଠାରୁ ୬୦ ପ୍ରତିଶତ କମ୍ ବିଦ୍ୟୁତ୍ ଖର୍ଚ୍ଚ କରୁଥିବା ଏଇ ହିଟର୍‌ର ମୂଲ୍ୟ କିନ୍ତୁ ଅଧିକ । ଏହି ହିଟର୍ ନିରନ୍ତର ଭାବେ ଗରମ ପାଣିର ପ୍ରବାହକୁ ଅବ୍ୟାହତ ରଖେ ।
- ସୋଲାର ୱାଟ୍: ଛୋଟ ପରିବାର ପାଇଁ ଏହା ଏକ ଉତ୍ତମ ବିକଳ୍ପ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ, ପରେ କିନ୍ତୁ ଏହା ଖୁବ୍ ଉପଯୋଗୀ ହୋଇଥାଏ । ସୋଲାର୍ ଶକ୍ତି ସାହାଯ୍ୟରେ ଚାଲୁଥିବା ଏହି ହିଟର୍ ବିଦେଶୀ ରାଷ୍ଟ୍ରରେ ଖୁବ୍ ଲୋକପ୍ରିୟ ।

## ପନିର ତାୱା ମସଲା



**ସାମଗ୍ରୀ:**

ପନିର-୩୦୦ଗ୍ରାମ, ଦହି-୧/୨ କପ୍, ଜିରା-୧/୩ ଚାମଚ, କସୁରୀ ମେଥି-୧/୪ ଚାମଚ, କଟା ପିଆଜ-୨, ଚୂନାଚୂନା କଟା ରସୁଣ-୨ଚାମଚ, ଚୂନାଚୂନା କଟା ଅଦା-୧ଇଞ୍ଚ, କଞ୍ଚା ଲଙ୍କା ପେଷ୍ଟ-୧ ଚାମଚ, ହଳଦୀ ଗୁଣ୍ଡ- ୧/୪ ଚାମଚ, ଲଙ୍କାଗୁଣ୍ଡ-୧/୪ ଚାମଚ, ଧନିଆ ଗୁଣ୍ଡ- ୧ ଚାମଚ, ଗରମ ମସଲା ଗୁଣ୍ଡ-୧/୨ ଚାମଚ, ଟମାଟୋ ପ୍ୟୁରି-୧/୨ କପ୍, କ୍ରିମ୍ -୧ ଚାମଚ, ଲେମ୍ବୁ ରସ-୨ ଚାମଚ, ତେଲ ଏବଂ ଲୁଣ ଆବଶ୍ୟକ ଅନୁସାରେ ।

**ପ୍ରସ୍ତୁତ ପ୍ରଣାଳୀ:**

ପ୍ରଥମେ ଏକ ପାତ୍ରରେ ଦହି, ସାମାନ୍ୟ ହଳଦୀ ଗୁଣ୍ଡ, କଞ୍ଚାଲଙ୍କାପେଷ୍ଟ, ଅଳ୍ପ ଲଙ୍କାଗୁଣ୍ଡ ଏବହ ଅଳ୍ପ କସୁରୀ ମେଥି ପକାଇ ଭଲଭାବେ ଗୋଳାନ୍ତୁ । ଏବେ ସେଥିରେ ପନିର ଟୁକୁଡ଼ା ପକାଇ ୧୫-୨୦ ମିନିଟ ପାଇଁ ମ୍ୟାରିନେଟ୍ ହେବାକୁ ଛାଡ଼ିଦିଅନ୍ତୁ । ଏଥର ପ୍ୟାନରେ ତେଲ ଗରମ କରି ସେଥିରେ ପନିର ଟୁକୁଡ଼ାକୁ ହାଲକାଫ୍ରାଏ କରନ୍ତୁ । ଫ୍ରାଏ ହେବା ପରେ ପନିରକୁ ଅଲଗା ପାତ୍ରରେ କାଢ଼ି ରଖିଦିଅନ୍ତୁ । ଏବେ ଆଉ ଟିକିଏ ତେଲ ଦେଇ ଜିରା, ପିଆଜ, ଅଦା ଏବଂ ରସୁଣ ପକାଇ ଭାଜନ୍ତୁ । ପିଆଜ ସାମାନ୍ୟ ଲାଲ ହୋଇ ଆସିଲେ ସେଥିରେ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, କସ୍ତୁରୀ ମେଥି ଏବଂ ଟମାଟୋ ପ୍ୟୁରୀ ପକାଇ କିଛି ସମୟ କଷନ୍ତୁ । ମସଲା ଭଲଭାବେ କଷି ହୋଇଗଲେ ସେଥିରେ ପନିର ଟୁକୁଡ଼ା ପକାଇ ଅଧ କପ ପାଣି ଢ଼ାଳି ୧୦ମିନିଟ ଫୁଟିବାକୁ ଛାଡ଼ନ୍ତୁ । ୧୦ମିନିଟ ପରେ ଗରମ ମସଲା, ତାଜା କ୍ରିମ ଏବଂ ଲେମ୍ବୁ ରସ ପକାଇ ପ୍ଲେଟକୁ କାଢ଼ି ଗରମ ଗରମ ରୁଟି ସହ ପରଷନ୍ତୁ ପନିର ତାୱା ମସଲା ।

## ନିମ୍ନ ରକ୍ତଚାପ ପୀଡ଼ିତ ଶିଶୁର ଯତ୍ନ

ନବଜାତ ଶିଶୁ ଜନ୍ମ ହେବା ପରେ ନିମ୍ନ ରକ୍ତଚାପ ଭଳି ସମସ୍ୟା ଦେଖାଯିବା ସାଧାରଣ କଥା । ସେମାନଙ୍କ ଠାରେ ନିମ୍ନ ରକ୍ତଚାପ ଭଳି ସମସ୍ୟା ଦେଖାଯିବାର ବହୁ କାରଣ ରହିଛି । କିନ୍ତୁ କାରଣ ଗୁଡ଼ିକୁ ଜାଣିବା କଷ୍ଟକର ହୋଇଥିଲେ ମଧ ଏହିପରି ସମସ୍ୟା ଦେଖାଯିବା ବଡ଼କଥା ନୁହେଁ । କିନ୍ତୁ ଶିଶୁମାନଙ୍କ ଏହି ସମସ୍ୟା ଦେଖିଲେ ତାକୁ ଅଣଦେଖା ନକରି କ'ଣ କରିବେ ଆସନ୍ତୁ ଜାଣିବା ।



### ନିମ୍ନ ରକ୍ତଚାପର କାରଣ

ନବଜାତ ଶିଶୁଠାରେ ନିମ୍ନ ରକ୍ତଚାପ ଦେଖାଯିବାର ବହୁ କାରଣ ରହିଛି ଯେପରି ପ୍ରସବ ପୂର୍ବରୁ କିମ୍ବା ପରେ ଅତ୍ୟଧିକ ରକ୍ତ ବୋହିବା ।

କୌଣସି ପ୍ରକାର ସଂକ୍ରମଣ କାରଣରୁ ମଧ ଶିଶୁଙ୍କର ରକ୍ତଚାପ ନିମ୍ନ ହୋଇଥାଏ ।

ମାଆକୁ ପ୍ରସବ ପୂର୍ବରୁ ଦିଆଯାଇଥିବା ମେଡିସିନ କାରଣରୁ ଶିଶୁଠାରେ ଏପରି ସମସ୍ୟା ଦେଖାଯାଏ ।

ପ୍ରସବ ପରେ ଅଧିକ ପରିମାଣ ତରଳ ପଦାର୍ଥ ବୋହିବା ।

ଅଚାନକ ନବଜାତ ଶିଶୁର ମୋହୋଲ ପରିବର୍ତ୍ତନ ହୋଇଥାଏ ତେଣୁ ଏହା ମଧ ମୁଖ୍ୟ କାରଣ ହୋଇପାରେ ।

### ନବଜାତ ଶିଶୁ ଦୁର୍ବଳ ହେବା ଉପଚାର

ଏହି ପରିସ୍ଥିତିରେ ନବଜାତ ଶଶୁକୁ ଇଞ୍ଜେକସନ୍ ମାଧ୍ୟମରେ ତରଳ ପଦାର୍ଥ ଦିଅନ୍ତୁ ।

ରକ୍ତଚାପ ବଢ଼ାଇବା ପାଇଁ ଶିଶୁକୁ ମେସିନ୍ କିମ୍ବା ଏପରି ମାହୋଲରେ ରଖନ୍ତୁ ଯେପରି ଶିଶୁଟିର ରକ୍ତଚାପ ସାଧାରଣ ସ୍ଥିତିକୁ ଆସିପାରିବ ।

କିଛି ସମୟରେ ନବଜାତ ଶିଶୁ ଦୁର୍ବଳ ହେବା କାରଣରୁ ନିମ୍ନ ରକ୍ତଚାପର ସମସ୍ୟା ଦେଖାଦେଇଥାଏ । ଏପରି ସ୍ଥିତିରେ ଶିଶୁଙ୍କୁ ତୁରନ୍ତ ରକ୍ତ ମଧ ଦିଆଯାଇଥାଏ ।

ଶିଶୁକୁ ନିମ୍ନ ରକ୍ତଚାପରୁ ରକ୍ଷା କରିବାକୁ ହେଲେ ଡାକ୍ତରଙ୍କ ପରାମର୍ଶ ତୁରନ୍ତ କରାଇବା ଦରକାର ଯେପରି ଶିଶୁଟିକୁ ଅନ୍ୟ କୌଣସି ସଂକ୍ରମଣ ରୋଗଠାରୁ ଦୂରେଇ ରଖିପାରିବେ ।

### ନବଜାତ ଶିଶୁର ଯତ୍ନ

ନବଜାତ ଶିଶୁର ଶରୀରକୁ ସବୁବେଳେ ଘୋଡ଼ାଇ ରଖିବା ଦରକାର । କାରଣ ଶିଶୁର ଶରୀର ବାହାର ପରିବେଶର ତାପମାତ୍ରା ଅନୁଯାୟୀ ସ୍ୱୟଂ ଘୋଡାଇ ହୋଇପାରେ ନାହିଁ । ନବଜାତ ଶିଶୁକୁ ଯେଉଁଠାରେ ରଖୁଛନ୍ତି ସେଠାକାର ତାପମାତ୍ରା ସାଧାରଣତଃ ୩୭ ଡିଗ୍ରୀରୁ ଅଧିକ ନହୋଇଥିବା ଦରକାର ।

ଶିଶୁଟି କାନ୍ଦିବା ଚିନ୍ତାର କାରଣ ହୋଇନଥାଏ । ତେଣୁ ସାଧାରଣତଃ ଶିଶୁମାନେ ଶେଯରେ ପରିସ୍ରା କରିବା ଦ୍ୱାରା କାନ୍ଦିଥାନ୍ତି । କିନ୍ତୁ ଏହା ଧ୍ୟାନ ରଖିବେ ଯେ ଶିଶୁଟି ଲଗାତାର କାନ୍ଦୁଥିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଛୋଟ ଶିଶୁକୁ ମାଲିସ୍ କରିବା ଦ୍ୱାରା ସେମାନଙ୍କ ହାଡ ମଜଭୂତ ହୋଇଥାଏ । ତେଣୁ ନବଜାତ ଶିଶୁର ମାଲିସ୍ ସମୟରେ ବାଦାମ ତେଲର ବ୍ୟବହାର କରନ୍ତୁ । ଶିଶୁ ଜନ୍ମର ୧୦ଦିନ ପରେ ମାଲିସ୍ କରନ୍ତୁ, ତା ପୂର୍ବରୁ ମାଲିସ୍ କରିବା ଅନୁଚିତ୍ ।

ଶିଶୁ ପାଇଁ ମାଆ କ୍ଷୀର ସର୍ବୋତ୍ତମ ହୋଇଥାଏ । ଏଥିରେ ଥିବା କୋଲେଷ୍ଟ୍ରୋମ ଶିଶୁର ସ୍ୱାସ୍ଥ୍ୟ ପାଇଁ ବହୁ ଜରୁରୀ ହୋଇଥାଏ ଏବଂ ଏହା ଶିଶୁକୁ ଭବିଷ୍ୟତରେ ବହୁ ରୋଗରୁ ମଧ ଦୂରେଇରଖେ । ସେଥିପାଇଁ ଜନ୍ମପରେ ୬ମାସ ଯାଏ ଶିଶୁକୁ ମାଆ କ୍ଷୀର ପିଆଇବା ଦରକାର ।

ଶିଶୁକୁ କିଛି ସମୟ ପାଇଁ ଖରାକୁ ନେବା ପ୍ରକିୟାକୁ ଫୋଟୋଥେରାପି କୁହାଯାଏ । ତେଣୁ ନବଜାତ ଶିଶୁକୁ କିଛି ସମୟ ପାଇଁ କପଡ଼ାରେ ଗୁଡାଇ ଖରାରେ ଦେଖାନ୍ତୁ ଏହାଦ୍ୱାରା ଛୁଆର ହାଡ ମଜଭୂତ ହୋଇଥାଏ ।

## ଅମୃତ ବଚନ


ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅସ୍ଥିତ କରୁଛି କାବୁଲ...

ଆଫଗାନିସ୍ତାନକୁ ତାଲିବାନ୍ କବ୍ଜା କରିବା ପରେ ସ୍ଥିତି ଗମ୍ଭୀର ମୋଡ଼ ନେଇଛି । ଘନି ସରକାରର ପତନ ପରେ ତାଲିବାନ୍ ପକ୍ଷରୁ ଗୋଟିକ ପରେ ଗୋଟିଏ ଏଜେଣ୍ଡା ଘୋଷଣା କରାଯାଉଛି । ରାଷ୍ଟ୍ରପତି ଘନି ଦେଶ ଛାଡ଼ି ପଳାୟନ କରିବା ଏବଂ ସରକାରୀ ସୈନ୍ୟଙ୍କ ଆତ୍ମସମର୍ପଣ ଆଫଗାନିସ୍ତାନରେ ଅଭୂତପୂର୍ବ ସ୍ଥିତିକୁ ଜନ୍ମ ଦେଇଛି । ବର୍ଷେ ଦୁଇବର୍ଷ ନୁହେଁ, ୨୦ବର୍ଷ ଧରି ଯେଉଁ ଆମେରିକା କାବୁଲରେ ଥିଲା, ତାହା ବସ୍ତୁତଃ ପରାଜୟ ବରଣ କରିଛି । ଚୀନ୍ ଓ ପାକିସ୍ତାନ ଭଳି ଦେଶ ବଦଳୁଥିବା ସ୍ଥିତି ଦେଖି ତାଲିବାନ୍ ଶାସନକୁ ସମର୍ଥନ ଦେବାକୁ ବାହାରି ପଡ଼ିଲେଣି । ତେଣେ ଆମେରିକାରେ ରାଷ୍ଟ୍ରପତି ବାଇଡେନ୍‌ଙ୍କ ସେନା ପ୍ରତ୍ୟାହାର ନିଷ୍ପତ୍ତି ବିରୋଧରେ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି । ପୂର୍ବତନ ରାଷ୍ଟ୍ରପତି ମଉକା ଦେଖି ବାଇଡେନ୍‌ଙ୍କ ଇସ୍ତଫା ଦାବି କରିଛନ୍ତି । ରାଷ୍ଟ୍ରପତି ଘନିଙ୍କ ପଳାୟନ ପରେ ପ୍ରାସାଦକୁ ତାଲିବାନର ଦଖଲ କରିବା ପରେ ମୁଲ୍ଲା ଅବ୍ଦୁଲ୍ ଘନି ବରାଦରକୁ ତାଲିବାନ୍ ରାଷ୍ଟ୍ରପତି ରୂପେ ଘୋଷଣା କରିଛି । ଦେଶଛାଡ଼ି ବାହାରକୁ ପଳାଇବା ଉଦ୍ୟମ କରୁଥିବା ଲୋକଙ୍କୁ ବିମାନରେ ନିଆଯିବା ସମୟରେ ଯେଉଁ ଅଭାବନୀୟ ଦୃଶ୍ୟ କାବୁଲ ବିମାନ ବନ୍ଦରରେ ହେଲା, ତାହା ବିଶ୍ୱ ଦେଖିଛି । କାବୁଲ ସମେତ ବିଭିନ୍ନ ସହରରେ ଏମିତିରେ ସ୍ୱାଭାବିକ ସ୍ଥିତି ଶୀଘ୍ର ଫେରିବ, ତାହା ବିଶ୍ୱାସ କରିହେଉନାହିଁ । କୋଡ଼ିଏ ବର୍ଷ ତଳେ ତାଲିବାନ୍ ଯେମିତି ଉଗ୍ର ମୌଳବାଦୀ ନୀତି ଇସ୍ଲାମିକ୍ ସରିଆର୍ ଲାଗୁ କରିଥିଲା, ତାହା ଏବେ ଦୋହରାଇବାକୁ ଯାଉଛି । ବିଶେଷକରି ମହିଳାମାନଙ୍କର ମୌଳିକ ଅଧିକାର ଉପରେ ଅଙ୍କୁଶ ଲଗାଯିବାର ଉପକ୍ରମ ଦିଶିଲାଣି । ବ୍ୟାଙ୍କଗୁଡ଼ିକରେ ଯେଉଁ ମହିଳା କର୍ମଚାରୀ ଅଛନ୍ତି, ସେମାନଙ୍କୁ ଘରକୁ ଚାଲିଯିବାକୁ ଏବଂ ସେମାନଙ୍କ ସ୍ଥାନରେ ପୁରୁଷ କର୍ମଚାରୀଙ୍କୁ ରଖାଯିବା ନେଇ ସୂଚନା ମିଳିଲାଣି । କେବଳ ସେତିକି ନୁହେଁ, ବାହାର ଦେଶରୁ ଯେଉଁ ଯୁବକ-ଯୁବତୀ କାବୁଲରେ ଅଧ୍ୟୟନ କରୁଛନ୍ତି, ସେମାନେ ଘୋର ଚିନ୍ତାରେ ପଡ଼ିଯାଇଛନ୍ତି । ସେମାନଙ୍କୁ ମିଳିଥିବା ଯୋଗ୍ୟତା ଡିଗ୍ରୀ ଏବେ କାଗଜ ଟୁକୁରା ହୋଇଯିବ । ନିଯୁକ୍ତି କଥା ଦୂରେ ଥାଉ, ତାଲିବାନ୍ ଅଧିକୃତ କ୍ଷେତ୍ରରେ ରହିବା ବିଷମ ହୋଇପଡ଼ିବ ବୋଲି ଆଶଙ୍କା ଜାତ ହେଉଛି । ଜାତିସଂଘର ନିରାପତ୍ତା ପରିଷଦର ବୈଠକରେ କାବୁଲ ସ୍ଥିତି ନେଇ ଚିନ୍ତା ଓ ଉଦ୍‌ବେଗ ପ୍ରକଟିତ ହୋଇଛି । ପାକିସ୍ତାନର ଇମ୍ରାନ ସରକାର ତାଲିବାନୀ ଦଖଲ ନେଇ ଉତ୍ସାହିତ ହୋଇଥିବାବେଳେ ଇରାନ ଭଳି ପାରମ୍ପରିକ ଆମେରିକା-ବିରୋଧୀ ଦେଶ ତାଲିବାନ୍‌କୁ ସମର୍ଥନ ଦେବା ପାଇଁ ବାହାରି ପଡ଼ିଛି । ଚୀନ୍ ତାଲିବାନୀ ଦଖଲକୁ ସମର୍ଥନ କରିବା ଦ୍ୱାରା ନୂତନ ସ୍ଥିତି କିଭଳି ମୋଡ଼ ନେଉଛି, ତାହା ଉପରେ କୂଟନୈତିକ ମହଲ ଦୃଷ୍ଟି ରଖିଛନ୍ତି । ଏହି ସମୟରେ ଭାରତର ଆଭିମୁଖ୍ୟ କ'ଣ ହେବାକୁ ଯାଉଛି, ତାହା ଦେଖିବାର କଥା । କୋଡ଼ିଏ ବର୍ଷ ବ୍ୟବଧାନରେ ତାଲିବାନ୍‌ର ପ୍ରତ୍ୟାବର୍ତ୍ତନ ନେଇ ଭାରତ ସରକାର ସ୍ଥିତି ସ୍ପଷ୍ଟ କରିନଥିଲେ ହେଁ, କେଉଁ ପକ୍ଷ ନେବାକୁ ଯାଉଛନ୍ତି, ତାହା ମଧ ଜଣାଯିବାର ସମୟ ଆସିଛି । ଏପର୍ଯ୍ୟନ୍ତ କାରଜାଇ ଓ ଘନିଙ୍କ ସରକାର ସହ ଭାରତର ଭଲ ସମ୍ପର୍କ ରହିଆସିଥିଲା । ତେଣୁ ତାଲିବାନ୍ ଭାରତକୁ କିଛିଟା ସନ୍ଦେହ ନଜରରେ ଦେଖୁଥିବା କଥା ତାଲିବାନ ମୁଖପାତ୍ରଙ୍କ ବକ୍ତବ୍ୟରୁ ଜାଣିହେଉଛି । ମୁଖପାତ୍ର ସହିନ୍ ଗଣମାଧ୍ୟମକୁ ଦେଇଥିବା ସୂଚନା କହୁଛି, ଭାରତର ଭଲ ସମ୍ପର୍କ ରହିଆସିଥିଲା । ତେଣୁ ତାଲିବାନ୍ ଭାରତକୁ କିଛିଟା ସନ୍ଦେହ ନଜରରେ ଦେଖୁଥିବା କଥା ତାଲିବାନ୍ ମୁଖପାତ୍ରଙ୍କ ବକ୍ତବ୍ୟରୁ ଜାଣିହେଉଛି । ମୁଖପାତ୍ର ସହିନ୍ ଗଣମାଧ୍ୟମକୁ ଦେଇଥିବା ସୂଚନା କହୁଛି କି ଭାରତ ନିଜ ପକ୍ଷରୁ କିଭଳି ନୀତି ପୋଷଣ କରିବ, ତାହା ଜଣାଉ । ଏହି ବକ୍ତବ୍ୟରେ ଭାରତ ପ୍ରତି ତାଲିବାନ୍ ଆଭିମୁଖ୍ୟରେ ଅନୁବାଦର ଭାବରେ ସାମାନ୍ୟ ଗନ୍ଧ ବାରିପାରୁଛନ୍ତି କୂଟନୈତିକ ମହଲ । ସେହି କଥାକୁ ହାଲୁକାରେ ଗ୍ରହଣ କରାଯାଇନପାରେ । ଯେଉଁ ଆମେରିକା ତାଲିବାନ୍‌କୁ ପାଳିପୋଷି ଏତେ ବଡ଼ ପରଚୟ ଦେଇଥିଲା, ତାହାରି ହାତରେ ଶକ୍ତଚାପୁଡ଼ା ଖାଇ ଗାଲକୁ ଆଉଁଷୁଛି । ଭୁଲ୍ ଆଫଗାନ୍ ନୀତି ପାଇଁ ବାଇଡେନ୍‌ଙ୍କୁ ପସ୍ତେଇବାକୁ ପଡୁଛି ସତ, ହେଲେ ଆଫଗାନ ଭୂମିରୁ ସେନା ପ୍ରତ୍ୟାହାର ସକାଶେ ଯେଉଁ ଟ୍ରମ୍ପ ସବୁଜ ସଙ୍କେତ ଦେଇଥିଲେ, ତାଙ୍କର ବାଇଡେନ୍‌ଙ୍କ ଇସ୍ତଫା ଦାବି କରିବାର ଅଧିକାର କେଉଁଠୁ ଆସିଲା ବୋଲି ଜାଣିବା ଶୁଣିବା ମହଲ ପ୍ରଶ୍ନ କରୁଛନ୍ତି । କେବଳ ଆମେରିକା ନୁହେଁ, ସାରା ବିଶ୍ୱ ପାଇଁ ବିଶେଷ କରି ଏସିଆ ମହାଦେଶ ଲାଗି କାବୁଲ ଚିନ୍ତା ବଢ଼ାଇ ଦେଇଛି । କେବେ ଓ କିଭଳି ବିଷମ ଅବସ୍ଥା ଟଳି ସ୍ୱାଭାବିକ୍ ସ୍ଥିତି ଫେରିବ, ତାହା ପ୍ରମୁଖ ପ୍ରସଙ୍ଗ ହୋଇ ଦେଖାଦେଇଛି ।

# ନବମ ରାଷ୍ଟ୍ରପତି-ଡକ୍ଟର ଶଙ୍କର ଦୟାଲ୍ ଶର୍ମା





ଅକ୍ଷୟ କୁମାର ରାଉତ
ପାରାଦ୍ୱୀପ ଗଡ, କୁଜଙ୍ଗ,ଜଗତସିଂହପୁର
(ମୋ)୯୯୩୭୬୯୧୪୭୫

ଦେଶଭକ୍ତ, ଚିନ୍ତାନାୟକ, ମାତୃଭକ୍ତ, ପରୋପକାରୀ, ମାନବପ୍ରେମୀ, ନିର୍ଭିକ ସଂଗ୍ରାମୀ ଜନନାୟକ ଶଙ୍କର ଦୟାଲ ଭୋପାଳ ନଗରୀର ମଧ ଭାଗରେ ବାଲି ଗଳିର ପଣ୍ଡିତ ଖୁସୀଲାଲ ଶର୍ମା ଓ ସୁଭଦ୍ରା ଦେବୀଙ୍କ କୋଳମଣ୍ଡନ କରି ୧୯୧୮ ମସିହା ଅଗଷ୍ଟ ୧୯ ତାରିଖରେ ଜନ୍ମ ନେଲେ । ତାଙ୍କର ପିତା ଖୁସିଲାଲ ସବୁବେଳେ ଭଗବାନ ଶଙ୍କରଙ୍କୁ ପୂଜା ଆରାଧନା କରୁଥିବାରୁ ପ୍ରଥମ ପୁତ୍ରର ନାମ ଶଙ୍କର ଦୟାଲ ଦେଇଥିଲେ। ପୁତ୍ରର ଜାତକରୁ ପଣ୍ଡିତ ଖୁସିଲାଲ ଜାଣିଥିଲେ ଯେ ପୁଅ ଦିନେ ବଡ ମଣିଷ ହେବ ଓ ଜାତିର ନାମ ଟେକ ରଖିବ। ଶଙ୍କର ଛୋଟ ଥିବାସମୟରେ ତାଙ୍କର ମା' ସୁଭଦ୍ରା ଦେବୀ ଆଖିବୁଜି ଦେଲେ । ଖୁସିଲାଲ ପରିବାରର ଦାୟିତ୍ୱ ସମ୍ଭାଳିବା ପାଇଁ ଲେଖାରେ ଶାଳୀ ସମ୍ପତ୍ ବାଈଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସମ୍ପତ୍ ବାଇ ଚାରୋଟି ପୁଅଜନ୍ମ ଦେଲେ ଶମ୍ଭୁ, ଶିବ, ଇଶ ଓ ସୋମେଶ ଘରର ବଡ ପୁଅ ଶଙ୍କର ପ୍ରତି ଟିକିଏ ହେଲେ ସ୍ନେହ ଶ୍ରଦ୍ଧା, ମା' ସମ୍ପତ୍ ଊଣା କରୁନଥିଲେ।

ଶଙ୍କର ଦୟାଲଙ୍କର ପିତା ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ, ପରିବାରରେ ସର୍ବଦା ପୂଜା-ପାଠ, ବ୍ରତ, ଉପବାସ, ନାମ କୀର୍ତ୍ତନ ଚାଲିଥାଏ। ଏହି ଧାର୍ମିକ ଭାବନା ଶଙ୍କରଙ୍କ ଉପରେ ପଡିଥିଲା। ତେଣୁ ଶଙ୍କର କହୁଥିଲେ ଭୋଜନ ଓ ପୂଜା ଦୁଇଟି ଯାକ ଜୀବନ ପାଇଁ ଆବଶ୍ୟକ। ଭୋଜନ ଶରୀରକୁ ଶକ୍ତି ଯୋଗାଏ ଓ ପୂଜା ପାଠ ଆତ୍ମାକୁ ସୁଦୃଢ଼ କରିଥାଏ। ଭୋପାଳର ରାମକୃଷ୍ଣ ପାଠଶାଳାରେ ଶଙ୍କର ଦୟାଲ ପାଠପଢା ଆରମ୍ଭ କରିଥିଲେ। ପାଠପଢା ସହିତ ଖେଳକୁଦ ଓ କୁସ୍ତିରେ ସେ ଧୁରନ୍ଧର ଥିଲେ। ଭୋପାଳରେ ରହି ସେ ଆଇ.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଆଗ୍ରାର ସେଣ୍ଟଜୋନସ୍ କଲେଜରେ ନିଜର ପଢାପଢି ସହିତ ସାହିତ୍ୟ, କଳା ସଂସ୍କୃତି ବହିମାନ ପାଠାଗାରରୁ ଆଣି ପଢାପଢି କରୁଥିଲେ। ଆଗ୍ରାରୁ ବି.ଏ. ପାଶ୍ କରି ଲକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ପାଠ ପଢିଲେ। ସେଠାରେ ସେ ହିନ୍ଦି, ଇଂରାଜୀ ଓ ସଂସ୍କୃତରେ ଏମ.ଏ ପାଶ୍ କରିଥିଲେ। ତାପରେ ସେ ଏଲ୍.ଏଲ୍.ବି.ଓ ଏଲ୍.ଏଲ୍.ଏମ୍. ଉପାଧି ଲାଭ କଲେ। ପାଠପଢା ପରେ ସେ ସେହି ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନ କରିଥିଲେ। ଚାକିରୀ ପରେ ତାଙ୍କ ପରିବାରର ଆର୍ଥିକ ସମସ୍ୟା ଟିକେ ଦୂର ହୋଇ ପାରିଲା। ଅଧିକ ପଢିବା ଓ ଜାଣିବା ପାଇଁ ଶଙ୍କର ଦୟାଲ ବିଦେଶ ଯାତ୍ରା କରିଥିଲେ। ଲଣ୍ଡନରୁ ବାରିଷ୍ଟରି ସାଧାରଣ ପ୍ରଶାସନରେ ଡିପ୍ଲୋମା, ଏଫ.ଆର.ସି ଉପାଧି ଲାଭ କରି କେମ୍ବ୍ରିଜ ବିଶ୍ୱବିଦ୍ୟଳୟରୁ ଆଇନ ଡକ୍ଟରେଟ ଉପାଧି ଲାଭ କଲେ । ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟରୁ କେତେକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ବିଦେଶରୁ ଉଚ୍ଚ ଶିକ୍ଷା ଲାଭ କରି ସେ ଭାରତକୁ ଫେରିଆସିଲେ। ଲେକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନା କଲେ।

ଶଙ୍କର ଦୟାଲ ନିଜ ଜୀବନରେ ଦୁଇ ଥର ବିବାହ କରିଥିଲେ। ପ୍ରଥମେ ବାଲ୍ୟ ବିବାହ ସାବିତ୍ରୀ ଦେବୀଙ୍କ ସହିତ ହୋଇଥିଲା ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ସାବିତ୍ରୀ ଦେବୀ ପ୍ରାଣ ତ୍ୟାଗ କରିଥିଲେ। ତେଣୁ ଶଙ୍କର ଦଲାଲ ଦ୍ୱିତୀୟ ବିବାହ ବିମଳା ଦେବୀଙ୍କ ସହିତ କରିଥିଲେ। ବିମଳାଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଦୁଇଟି ଝିଅ ଜନ୍ମ ହୋଇଥିଲେ। ବିମଳା ଦେବୀ ରଜସ୍ଥାନର ଏକ ଆଭିଜାତ୍ୟ ଶକ୍ଷିତ ପରିବାରୁ ଆସିଥିଲେ। ସେ ଜଣେ ଧର୍ମ ପରାୟଣା, ପତିବ୍ରତା ନାରୀ ଥିଲେ। ଶଙ୍କର ଦୟାଲଙ୍କ ରାଜନୈତିକ ଜୀବନ ସାଥୀ ଥିଲେ। ଶଙ୍କର ଦୟାଲ ବ୍ରାହ୍ମଣ ହୋଇପୂଜା ପାଠ ପ୍ରତିଦିନ କରୁଥିଲେ। ଖାଇବା ପୂର୍ବରୁ ଖାଦ୍ୟକୁ ଇଶ୍ୱରଙ୍କୁ ସମର୍ପଣ କରୁଥିଲେ। ଧର୍ମ ନାମରେ ଛୁଆଁ ଅଛୁଆଁକୁ ସେ ବିଶ୍ୱାସ କରୁନ୍ତି ନାହିଁ। ଛୋଟ ବେଳୁ ଶଙ୍କର ଦୟାଲ ଗୁରୁଜନ ମାନଙ୍କୁ ଭକ୍ତି କରୁଥିଲେ। ଯେଉଁ ସମୟରେ ଗାନ୍ଧି ଟୋପି ପିନ୍ଧିବାକୁ ଲୋକେ ଭୟ କରୁଥିଲେ ସେହି ସମୟରୁ ସେ ଟୋପି ପିନ୍ଧୁଥିଲେ।

ଭାରତ ସ୍ୱାଧୀନ ହେଲା ପରେ କେତେ ଗୁଡିଏ ଛୋଟ ଛୋଟ ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥାଆନ୍ତି। ଭୋପାଳରେ ଅତ୍ୟାଚାରି ନବାବ ହମୀଦ୍ ଉଲ୍ଲାହଖାଁ ଶାସନ କରୁଥିଲେ। ନବାବ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ ଓ ଇଂରେଜଙ୍କୁ ସମର୍ଥନ କରୁଥିଲେ। ଭି.ପି.ମେନନ୍ ମଧ ଭୋପାଳକୁ ଭାରତରେ ମିଶାଇ ପାରିଲେ ନାହିଁ। ଏହିଭଳି ପରିସ୍ଥିତି ଭିତରେ ପ୍ରଜା ମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଗଲା । ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଶଙ୍କର ଦୟାଲ। ଏହି ଖବର ପାଇ ମା ସମ୍ପତ୍ ବାଇ ଅଧିକ ବ୍ୟସ୍ତ ହୋଇ ପଡିଲେ। ଅତ୍ୟାଚାରି ନବାବର କଠୋର ଶାସନ ମା' ମନକୁ ଶଙ୍କିତ କରୁଥିଲା। ଆନ୍ଦୋଳନରେ ଶଙ୍କର ଦୟାଲଙ୍କ ସହିତ ଲାଲ ସିଂହ, ଭୈରବ ପ୍ରସାଦ ଓ ଉଦ୍ଧବ ଦାସ, ମେହେଟ୍ଟା ମଧ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନବାବ ଆନ୍ଦୋଳନ କାରୀଙ୍କ ଉପରେ ଦମନ ଲୀଳା ଆରମ୍ଭ କରିଦେଲେ। ପୋଲିସ୍ ଗୋଳି ମାଡରେ ଅନେକ ସହିଦ ହୋଇଗଲେ। ଅତ୍ୟାଚାରି ନବାବ ଲୋକ ଶକ୍ତି ଆଗରେ ହାର ମାନିଲେ । ଶଙ୍କର ଦୟାଲ ଜେଲ ଗଲେ କିନ୍ତୁ ତାଙ୍କ ଜନ୍ମ ମାଟି ଭୋପାଳ ରାଜ ଶାସନରୁ ମୁକ୍ତ ହୋଇ ସବୁଦିନ ପାଇଁ ସ୍ୱାଧୀନ ଭାରତରେ ଯୋଗ ହୋଇଗଲା। ୧୯୪୯ ମସିହା ଜୁନ୍ ୧ ତାରିଖରେ ଭୋପାଳ ଦେଶୀୟ ରାଜ୍ୟଟି ବିଧିବଦ୍ଧ ଭାବରେ ଭାରତ ସହିତ ମିଶିଲା।

ଶଙ୍କର ଦୟାଲ ଭୋପାଳ କଂଗ୍ରେସ କମିଟିର ଅଧ୍ୟକ୍ଷ ହୋଇ ବେସରିୟା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହେଲେ। ଭୋପାଳର ନବଗଠିତ ମନ୍ତ୍ରୀ ମଣ୍ଡଳର ନେତା ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ।ଶଙ୍କର ଦୟାଲ ମାତ୍ର ୩୪ ବର୍ଷ ବୟସରେଙ୍କ ଏଭଳି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ। ପରବର୍ତୀ ସମୟରେ ଶଙ୍କର ଦୟାଲ ମଧ୍ୟପ୍ରଦେଶ ରାଜ୍ୟର ଶିକ୍ଷା, ଲୋକନିର୍ମାଣ, ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ହୋଇଥିଲେ। ମଧ୍ୟପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଭାବେ ସେ ନିର୍ବାଚିତ ହେଲେ। ଏସ୍.ନିଜଲିଙ୍ଗପା ତାଙ୍କୁ କେନ୍ଦ୍ରିୟ କମିଟିର ମହାମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ। ନିଜ ଲିଙ୍ଗପା ଓ ଇନ୍ଦିରାଗାନ୍ଧୀଙ୍କ ମଧ୍ୟରେ ମତ ପାର୍ଥକ୍ୟ ହେବାରୁ କଂଗ୍ରେସ ଦୁଇ ଭାଗ ହୋଇଗଲା। ଶଙ୍କର ଦୟାଲ ଇନ୍ଦିରା ଗାନ୍ଧୀଙ୍କ ନୀତିକୁ ସମର୍ଥନ କରି କଂଗ୍ରେସ(ଆର)ରେ ଯୋଗ ଦେଲେ। ଏପରି ସମୟ ଆସିଲା ଶଙ୍କର ଦୟାଲ ଦଳର ଅଧ୍ୟକ୍ଷ ହେଲେ। ଏହି ସମୟରେ ବ୍ୟାଙ୍କ ଗୁଡିକ ରାଷ୍ଟ୍ରୀୟକରଣ ହେଲା। ଅଧ୍ୟକ୍ଷ ପଦରେ ଦୁଇବର୍ଷ କାର୍ଯ୍ୟ କରି ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ ସଂଚାର ମନ୍ତ୍ରୀ ଭାବରେ କାର୍ଯ୍ୟ କଲେ। ମନ୍ତ୍ରୀ ଭାବରେ ପଂଚମ ପଂଚବାର୍ଷିକ ଯୋଜନାରେ ୩୧ ହଜାର ନୂଆ ଡାକଘର ଖୋଲାଇଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ସମ୍ଭାବ୍ୟ କୋଭିଡ ୩ୟ ଲହର ! ଶିଶୁ ଓ କିଶୋରଙ୍କ ସୁରକ୍ଷାରେ ଆମର ଦାୟିତ୍ୱ



ପ୍ରଦୋଷ କୁମାର ଦାସ
ସଂପାଦକ-ପରିପ୍ରକାଶ
ସା/ପୋ- ନାରୁଣୀ, ଜିଲ୍ଲା-ଖୋରଧା,ପିନ୍-୭୫୨୦୩୪
(ମୋ)୬୩୭୦୪୯୫୯୪୪

ଆଶଙ୍କିତ ୩ୟ ଲହର ସମ୍ଭାବନା ରହିଥିବାରୁ ତଥା ଏଥାରେ ଉଭୟ ଶିଶୁ ଓ କିଶୋରଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡିବା ସମ୍ଭାବନାକୁ ବିଶେଷଜ୍ଞମାନେ ପୂର୍ବାନୁମାନ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆମେ ଉଭୟ ଅବିଭାବକ ଓ ସରକାର,ପ୍ରଶାସନ ଏଦିଗରେ ସୁଚିନ୍ତିତ କାର୍ଯ୍ୟପନ୍ଥା ନିର୍ବାହ କରିବା ଜରୁରୀ। କରୋନା ପ୍ରତିଶେଧକ ଭାବେ ସାବାଳକ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କ ଲାଗି ଏବେ କରୋନା ଟିକାକରଣ ଚାଲିଛି। ହେଲେ ଏଯାଏଁ ୧୮ ବର୍ଷରୁ କମ ପିଲାଙ୍କ ଲାଗି କୋଭିଡ ଟିକାକରଣ ବ୍ୟବସ୍ଥା ଆରମ୍ଭ ହୋଇପାରିନାହିଁ।ଏହାର ନୈଦାନିକ ପ୍ରସ୍ତୁତି ଆଗେଇ ଚାଲିଥିବା ବେଳେ ଏବେ ଚାଲିଥିବା ଟିକାକରଣ ଆମ ରାଜ୍ୟ ସମେତ ସମେତ ଆମ ଦେଶର ସମୁଦାୟ ୧୪୦ କୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟାର ୩ ଭାଗରୁ ଭାଗେ ମଧ ସରି ପାରିନାହିଁ।

କୋଭିଡ-୧୯ ପ୍ରଭାବରେ ଆମ ସାରା ଦେଶ ଗତ ୨୦୧୯ ଶେଷାର୍ଦ୍ଧରୁ ଅଦ୍ୟାବଧି ଗୁରୁତର ସ୍ୱାସ୍ଥ୍ୟ ସଂକଟ ମଧ ଦେଇ ସନ୍ତୁଳି ହୋଇ ଚାଲିଛି। ଏ ମଧ୍ୟରେ କରୋନାର ଦୁଇଦୁଇଟି ଲହର ପ୍ରଭାବରେ ଆମେ ସମସ୍ତେ ଗଭୀର ଭାବେ ପ୍ରଭାବିତ। ଏଥିରେ ନିତି ପ୍ରତିଦିନ ହେଉଥିବା ନୂଆ ନୂଆ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ଅଙ୍କେ ବହୁତେ ବୃଦ୍ଧି ପାଇଚାଲିଛି। ଫଳରେ ଉଭୟ ସଂକ୍ରମିତ ଓ ମୃତକଙ୍କ ସମୁଦାୟ ସଂଖ୍ୟାରେ ବିରାମ ଲାଗୁନାହିଁ। କରୋନାର ଡେଲଟା ଭାରିଆଣ୍ଟ ସମେତ ନୂଆ ନୂଆ ପ୍ରଜାତିର ସଂକ୍ରମଣ ଅସୁସ୍ଥ ଲୋକଙ୍କ ଠାରେ ଠାବ ହେଉଛି। ଏଭଳି ପରିସ୍ଥିତିରେ ବିଶେଷଜ୍ଞଙ୍କ ପୂର୍ବାନୁମାନ ସତ ହେଲା ଭଳି ଏବେ ଦେଶରେ ୩ୟ ଲହର କୁଆଡେ ଆରମ୍ଭ ହୋଇସାରିଛି। ଦେଶରେ ମୋଟାମୋଟି ଭାବେ ୨ୟ ଲହରର ସ୍ଥିତି ନିୟନ୍ତ୍ରଣକୁ କ୍ରମେ ଆସୁଥିବା ବେଳେ କେରଳରେ ୩ୟ ଲହର ଆରମ୍ଭ ହୋଇଯାଇଥିବା ଚର୍ଚ୍ଚା ଚାଲିଲାଣି। ସାଂପ୍ରତିକ ପରିସ୍ଥିତିରେ ସାରା ଦେଶରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ନୂଆ ମାମଲା ଚିହ୍ନଟ ହୋଇଥିବା ବେଳେ ଏକା କେରଳ ରାଜ୍ୟରେ ଗତ ସପ୍ତାହକ ମଧ୍ୟରେ ମୋଟ ୪୦ ହଜାରରୁ ଉର୍ଦ୍ଧ୍ୱ ମାମଲା ରହିଥିବା ବିଶେଷଜ୍ଞଙ୍କ ଚିନ୍ତା ବଢାଇ ଦେଇଛି। ସବୁଠାରୁ ଉଦବେଗର ବିଷୟ, କେରଳରେ ଏହି ନୂଆ ସଂକ୍ରମିତଙ୍କ ମଧ୍ୟରେ ଉଭୟ ମାତ୍ରା ଟିକା ନେଇଥିବା ବ୍ୟକ୍ତି ଅନ୍ତର୍ଭୁକ୍ତ ଅଟନ୍ତି।ଏଥିରେ ପୁନଃ ସଂକ୍ରମିତଙ୍କ ସଂଖ୍ୟା ମଧ ତତ୍ତୋଧିକ। କେରଳ ସଂକ୍ରମିତଙ୍କ ମଧ୍ୟରେ ୩ ଶହରୁ ଅଧିକ ଶିଶୁ ଓ କିଶୋର କରୋନା ସଂକ୍ରମଣରେ ମଧ ପୀଡିତ ରହିଥିବାରୁ ଏହି ଘଟଣା ନିହାତି ଗୁରୁତ୍ୱପୂର୍ଣ୍ଣ ଅଟେ। ବିଶେଷଜ୍ଞଙ୍କ ପୂର୍ବାନୁମାନ ମୁତାବକ ଆଶଙ୍କିତ ୩ୟ ଲହରରେ ଶିଶୁ ଓ କିଶୋର ମାନେ ଯଦି ଏହି ଭଳି କ୍ରମେ ସଂକମଣର ଶିକାର ହୋଇଚାଲିବେ, ତାହା କେରଳରୁ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ବନାଗ୍ନୀ ଭଳି ହୁଏତ ବ୍ୟାପିନଯିବ କାହିଁକି ବୋଲି ଆଶଙ୍କା ଦୃଢିଭୁତ ହେବାରେ ଲାଗିଲାଣି। ଏହାକୁ ଭିତ୍ତି କରି ଭୂତାଣୁ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ ଜେନମ ସିକ୍ୱେନ୍ସିଂ କରାଯାଇ ଆବଶ୍ୟକ ତ୍ୱରିତ ପଦକ୍ଷେପ ନିଆଯିବା ଉଚିତ୍ ବୋଲି ବୃଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ, ଉଭୟ ପରୀକ୍ଷଣ ଓ ତଡିତ ଚିକିତ୍ସା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ବିଶେଷ ଗୁରୁତ୍ୱ ଦେବା ଉଚିତ୍। ଦେଶର ନ୍ୟାୟ ପାଳିକା ମଧ ଏହାକୁ ଗୁରୁତ୍ୱ ଦେଇ ବିଭିନ୍ନ ରାଜ୍ୟ ସରକାରଙ୍କୁ ସଂପ୍ରତି ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ସବିଶେଷ ତଥ୍ୟ ମଗାଇଥିବା ପ୍ରଣିଧାନ ଯୋଗ୍ୟ। ଗ୍ରାମାଞ୍ଚଳରେ ଭୁଷୁଡି ପଡିଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢିକରଣ, ସରକାରୀ ଡାକ୍ତରଖାନା ଗୁଡିକରେ ଶୁନ୍ୟ ପଡିଥିବା ଡାକ୍ତର, ନର୍ସ , ସହାୟକ, ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ଉପରେ ରାଜ୍ୟ ସରକାରମାନେ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ। ପ୍ରତି ସରକାରୀ ଡାକ୍ତରଖାନା ଗୁଡିକରେ ଜୀବନ ରକ୍ଷାକାରୀ ସାଧନ ସମେତ ପ୍ରଚୁର ଅମ୍ଳଜାନ ବ୍ୟବସ୍ଥା,ଭେଣ୍ଟିଲେଟର ଶଯ୍ୟା, ଆ ସି ୟୁ ପ୍ରସ୍ତୁତି ସମେତ ଆବଶ୍ୟକ ଔଷଧରାଜି ମହଜୁଦ କରି ଜରୁରୀ ଚିକିତ୍ସା ନିମନ୍ତେ ଏବେଠାରୁ ପ୍ରସ୍ତୁତି କରିବା ଜରୁରୀ।

ଧୀରମନ୍ଥର ଚାଲିଥିବା ଟିକାକରଣକୁ ବ୍ୟାପକ କରିବାକୁ ଆବଶ୍ୟକ ଟିକା ଯୋଗାଣ ଓ ସୁଷମ ବଣ୍ଟନ ଉପରେ ଧ୍ୟାନ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପାରସ୍ପରିକ ବୁଝାମଣା ଓ ସମନ୍ୱୟ ରକ୍ଷା କରିବା ନିହାତି ଜରୁରୀ। ୧୮ ବର୍ଷରୁ କମ ଛୁଆଙ୍କ ସୁରକ୍ଷା ନିମିତ୍ତ କୋଭିଡ ଟିକାକରଣ ପାଇଁ ତୁରନ୍ତ ବ୍ୟବସ୍ଥା ହେବା ମଧ ଜରୁରୀ ଅଟେ। ସଂପ୍ରତି ଖୋଲିଥିବା ୧୦ମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକରେ ୨୫ ଜଣିଆ ସେକ୍ସନର ନିୟମ କରାଯାଇଥିବାରୁ ସବୁଠାରେ ଅଧିକ ଶ୍ରେଣୀଗୃହର ଆବଶ୍ୟକତା ଦେଖାଦେଇଛି। ଏବେ ୧୦ମ ଶ୍ରେଣୀର ଶ୍ରେଣୀ ଗୃହ ପାଠପଢା ଚାଲିଛି। ପୁଣି ଆଗାମୀ ଅଗଷ୍ଟ ୧୬ ରୁ ନବମ ପିଲାଙ୍କର ମଧ ଉପରୋକ୍ତ କୋଭିଡ-ଗାଇଡ ଲାଇନରେ ଶ୍ରେଣୀ ଗୃହ ପାଠପଢା ବ୍ୟବସ୍ଥା ହେବ। ଏହାକୁ ଦେଖିଲେ ସୀମିତ ଶିକ୍ଷକରେ ଶ୍ରେଣୀ ଗୃହ ଶାକ୍ଷା ଦାନ କିପରି ସମ୍ଭବ ଚିନ୍ତାର ବିଷୟ। ଏଭଳି ସ୍ଥିତିରେ ଆମ ରାଜ୍ୟର ସବୁ ସରକାରୀ ହାଇସ୍କୁଲରେ ଶ୍ରେଣୀଗୃହ ଶିକ୍ଷା ପ୍ରଦାନ ଅସମ୍ଭବ ମନେ ହୁଏ। ନିୟମକୁ ଏଡାଇ ପିଲାଙ୍କୁ ପ୍ରତି ସେକ୍ସନରେ ୨୫ ବଦଳେ ଅଧିକ ପିଲା ବସାଇ ପାଠ ପଢାଇଲେ ସାମାଜିକ ଦୂରତା ଅବଲମ୍ବନ କ୍ଷୁର୍ଣ୍ଣ ହେଉଛି।୨୫ ଜଣିଆ ଛାତ୍ରଛାତ୍ରୀଙ୍କୁ ନେଇ ସେକ୍ସନ କରି ଶ୍ରେଣୀ ଗୃହ ଶିକ୍ଷାଦାନ ନିମନ୍ତ ସରକାରୀ ଗାଇଡ ଲାଇନ ଥିବାରୁ ଶତାଧିକ ଉପସ୍ଥାନ ରହିଥିବା ହାଇସ୍କୁଲ ଗୁଡିକରେ ଏଥିପାଇଁ ଆବଶ୍ୟକ ଶ୍ରେଣୀଗୃହ ଓ ଶିକ୍ଷକ ଅଭାବ ଏବେ ସାଧାରଣରେ ତଥା ଶିକ୍ଷକ ମହଲରେ ଚିନ୍ତାର ବିଷୟ ହୋଇଛି। (କ୍ରମଶଃ)






## ମନ ମୟୁରୀ
### ଧ୍ରୁବ ଚରଣ ବେହେରା

ତୁମ ଓଠେ ଲେଖା ପ୍ରୀତି ମାଦକତା
ଚୁମ୍ବନର ଉପହାର
ରଙ୍ଗ ହୋଲି ନେଇ ଫଗୁଣ ଆସିଛି
କରିବ ବୋଲି ନିଜର ।।

କି ସୁନ୍ଦର ତୁମ ଯୌବନ ପସରା
ଦେଇଛି ଶୃଙ୍ଗାର ମେଲି
ଖିଲି ଖିଲି ହସେ ମଥାର ସିନ୍ଦୁର
ହସୁଛି ଟିକିଲି ନାଲି ।।

ଆଖିର କଜଳ ନାଇଛି ଗହଣା
ଝଟକଇ ପ୍ରେମ ଛଇ
ଚକ୍ଷୁ ଦୁଇ ତୁମ ଲେଖୁଛି କାହାଣୀ
ହରିଣୀ ଆଖିରେ ଚାହିଁ ।।

କାନର ଝଲକା ଉପମା ପଖାଳେ
ଲାବଣ୍ୟତା ଭରି ସାଥେ
ଚନ୍ଦ୍ରବଦନୀର ଚନ୍ଦ୍ରମା ମୁଖୁଡା
ବସି ଯାଏ ମନ ରଥେ ।।

ଆହା କି ମଧୁର ମଧୁ ରଜନୀର
କଳାମେଘୀ ବାସେ ପରୀ
ଦେଖିଲେ ଲଗୁଛି ପ୍ରେମ କାଦମ୍ବିନୀ
ମାନସୀ ମନ ମୟୁରୀ ।।


ସ୍ୱର୍ଣ୍ଣ ଆଭୁଷଣେ ସଜାଇ ଗଳାକୁ
ଅଳସୀ ଦେଇଛ ଚାହିଁ
ଦେଖିଲେ? ଲାଗୁଛ ପ୍ରୀତି ମଧୁବାଳା
କହ୍ନର ପ୍ରେମିକା କହିଁ ? ।।

ଚାନ୍ଦିନୀ ସରମେ ଲାଜେଇବ ସାଥୀ
ଦେଖି ତୁମ ରୂପ ଶୋଭା
ହୃଦୟ ବନରେ ଲାଗାଇବ ନିଆଁ
ନାୟିକା ପ୍ରୀତି ପ୍ରଗଲ୍‌ଭ।

ସ୍ମୃତିରେ ମୋହର ସାଇତି ରଖିବି
ତୁମରି ଛବି ଶୃଙ୍ଗାର
ତୁମେ ମୋ ପ୍ରେମିକା ସପନ ରାଧିକା
କବିତା ମୋ ଲେଖନୀର ।।

+ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
(ମୋ)୮୩୨୮୯୩୦୫୫୪

## ସମୟ
### ସୁଧାକର ରାଉତ



ସମୟ ସହିତ ମଣିଷ ଜୀବନ
ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।
ସମୟ ଘୁଙ୍ଗୁର ପାଦେ ବାନ୍ଧି ନର
ଧାଉଁ ଥାଏ ଅବିରତ ।
ସମୟର ସ୍ରୋତ ଅହରହ ବହି
ଚାଲିଛି ଅନନ୍ତ କାଳୁ
ମୂକସାକ୍ଷୀ ଆଜି ସବୁ ଘଟଣାର
ନିର୍ଲିପ୍ତ ସେ ସୃଷ୍ଟି ବେଳୁ ।
ସୁଖ ବେଳେ ସିଏ ଅତି ଅନ୍ତରଙ୍ଗ
ଗତିଧୀର ଚାହେଁ ମନ ।
ଆଞ୍ଜୁଳା ଆଞ୍ଜୁଳା ସୁଖ ଜ୍ୟୋତ୍ସ୍ନା ଭରି
ଦ୍ୟନ୍ତା କି ସାରା ଜୀବନ ।
ସୁନ୍ଦର ଦୁନିଆ ଅସୁନ୍ଦର ଦିଶେ
ଆସେ ଯେବେ ଦୁଃଖ ରାଶି
ସମୟ ସେବେଳେ ଲାଗେ ସୀମାହୀନ
ଯନ୍ତ୍ରଣାରେ ଦିଏ ପେଶି ।
ସୁଖ ଓ ଦୁଃଖର ଅଲେଖା ଦଲିଲ
ଜୀବନ ସହିତ ନିତି
ପଢ଼ିଚାଲେ ନର ଅମା ଅନ୍ଧକାରେ
କି ଅବା ପୂର୍ଣ୍ଣିମା ରାତି ।
ଅଦେଖା କ୍ଷତକୁ ଭରି ଦେଇ ଧୀରେ
ଦୟାଦ୍ର ହୃଦେ ସମୟ
ଅଦୃଶ୍ୟରେ ଥାଇ ଦୃଶ୍ୟାନ୍ତର ଦେଖେ
ନ କରିଣ ଅସହାୟ ।

+ ପ୍ରତାପ ନଗରୀ, କଟକ
(ମୋ) ୮୨୪୯୯୩୨୭୯୨

## ଖୋଜୁଛ କି ଈଶ୍ୱର ?
### ତପନ କୁମାର ସାହୁ



ପ୍ରଦୋଷର ଆଗମନେ
ଖୋଜୁଛ କି ଈଶ୍ୱର ?
ଖୋଜିବାରେ ଡେରି ହେଲେ
ମାଡିଯିବ ଅନ୍ଧକାରର ଛାୟା
ଜଳି ଜଳି ଲିଭିଯିବ
ଜ୍ୱଳନ୍ତ ପ୍ରଦୀପର କାୟା ।

ଗଗନେ ଭାସ୍କର ସନ୍ତରିତ ଅବସ୍ଥାରେ
ଆଞ୍ଜୁଳିରେ ଧରି ଉଦଧି ବିଶ୍ୱାସ
ଘଣ୍ଟ, ଘଣ୍ଟି, ଭଜନ, କୀର୍ତ୍ତନରେ
ବିନ୍ଧୁଏ ପୃଥିବୀର ଅନୁସନ୍ଧାନରତ
ଏଇ ହସ୍ତ।

ତାଙ୍କୁ ପାଇବା କଣ ସହଜସାଧ୍ୟ !
ପ୍ରତି ମୁହୂର୍ତ୍ତେ ବଦଳୁଥାଏ
ଇନ୍ଦ୍ରଧନୁ ସ୍ୱରୂପ
ରୂପ ସେ ପରବ୍ରହ୍ମଙ୍କର,
ଆଖିରେ ବହଳେ ପାପର ପ୍ରଲେପ
ପୂର୍ବରୁ ପଶ୍ଚିମ ଖୋଜିଲେ
କଣ ମିଳିବେ ଈଶ୍ୱର ?

ଭକ୍ତ ସାଲବେଗ ପରି କଣ
ଅଛି ତୁମ ପାଖେ
ଭକ୍ତିର ଅପୁଲକ ଆବେଗ
କିମ୍ବଦନ୍ତୀକୁ ପୁନରାବୃତ୍ତି
କରିବାର ଭାବାବେଗ
ଅଟକେଇ ପାରିବ କି
ଗତିଶୀଳ ଘୋଷ ?

ଦ୍ୱାହି ଦେଇ ଭକତିର
ଧୋଇଦେବ ସିଂହଦ୍ୱାର
ଦାସିଆ ବାଉରୀ ପରି
ରଖିଛ କି ଲୁହର ସାଗର
ଭକ୍ତିର ଆତ୍ମୀୟତା ଅଛି କି
ନଡ଼ିଆରେ ତୁମର ?

ଉନ୍ମୁକ୍ତ ନୟନେ କଣ ଦୃଶ୍ୟମାନ ହେବେ
ସେ ପରା ନିରାକାର
ଆଲୋକରେ ଖୋଜିଲେ
କଣ ପ୍ରାପ୍ତି ହେବେ
ସେ ତ ଅନନ୍ତ ଅବିନଶ୍ୱର ।

ଆୟୁଷ ରୂପକ ତେଲର ସମାପ୍ତି ପରେ
ଲିଭିଯିବ ଜୀବନ ପ୍ରଦୀପ
ଅସ୍ତମିତ ପ୍ରଦୀପ ଦେଇଯାଏ ଅନ୍ଧାର
ସେହି କିଟିକିଟି ଅନ୍ଧକାରରେ
ଏଇ ଅନୁସନ୍ଧିତ୍ସୁ ହୃଦୟରେ
ଉପବେଶିତ ସେ
ପରଂବ୍ରହ୍ମ ପରମେଶ୍ୱର ।

+ ବେଲଗାଁ, କଳାହାଣ୍ଡି
(ମୋ) ୯୦୧୯୩୧୧୮୬୮

## ପ୍ରେମ ଓ ପ୍ରତାରଣା
### ରାମ ଚନ୍ଦ୍ର ପ୍ରଧାନ

ପବିତ୍ର ପ୍ରେମଟା କଳଙ୍କିତ ଆଜି
ପ୍ରତାରଣା ବିଷ ଭରି
ସବୁ ବୁଝିପାରି ଏ ସଭ୍ୟ ମଣିଷ
ଦ୍ୱନ୍ଦେ ହୁଏ ଖାଲି ଘାରି ।
ପ୍ରେମ ଫଗୁଣର ଅବିର ରଙ୍ଗଟା
ଲାଗେ ଆଜି ଫିକାଫିକା
ମିଛ ପ୍ରତାରଣା ସନ୍ଦେହ ଘେରରେ
ବଞ୍ଚିବାକୁ ହୁଏ ଏକା ।
ପ୍ରକୃତ ପ୍ରେମର ସଂଜ୍ଞା ବଦଳିଛି
ନାହିଁ ଆଉ ଆକର୍ଷଣ
କାମନା ନିଶାରେ ବାଟବଣା ଆଜି
ପ୍ରେମିକ ପ୍ରେମିକା ଗଣ ।
ବୁଝନ୍ତିନି କେହି ପ୍ରେମ ଯେ ଅମୂଲ
ସମ୍ପର୍କର ପୂଜାଫୁଲ
ପ୍ରେମ ସ୍ୱର୍ଗେ ଫୁଟେ ସ୍ୱର୍ଗ ପାରିଜାତ
ନୁହଁନ୍ତି କେହି ତା' ତୁଲ ।
ପ୍ରେମରେ ମିଶିଲେ ପ୍ରତାରଣା ଝୁଲ
ଜୀବନଟା ହୁଏ ନଷ୍ଟ
ପ୍ରେମୀ ଏକା ଜାଣେ ପ୍ରତାରଣା ପାଇଁ
ଭୋଗିବାକୁ ପଡ଼େ କଷ୍ଟ ।
ପ୍ରେମ ଦୁନିଆରେ ଠିକଣା ହଜେଇ
କରନାହିଁ ପ୍ରତାରଣା
ବିଶ୍ୱାସ ଭରସା ଗହଣା ପିନ୍ଧି କି'
ଠିକ୍ ରଖ ବୁଝାମଣା ।
ପ୍ରେମ ତ ନୁହଁଇ ଭୋଗର ପ୍ରତୀକ
ଅଟଇ ସଦା ଶାଶ୍ୱତ
ପ୍ରେମ ଅନୁପମ ପ୍ରେମ ନୈସର୍ଗିକ
ଜାଣିଛି ଏହା ଜଗତ ।

+ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
(ମୋ)୯୮୬୧୬୩୮୭୩୬

## ଲୁହ
### ପଣ୍ଡିତ ବିନୟ ମିଶ୍ର

କେତେବେଳେ ଝରଣା
ଅବିଶ୍ରାନ୍ତ ଝରେ,
କେବେ ଡେଇଁ ଡେଇଁ,
କେବେ ଛଳ ଛଳ ହୋଇ,
ତତଲା ବି କେବେ,
କେବେ ଥଣ୍ଡା ଥଣ୍ଡା,

ଲୁହ
କାହାପାଇଁ କି କେତେବେଳେ
ଦୀର୍ଘ ଶ୍ୱାସ ସାଙ୍ଗରେ,
ଅଭିମାନ କି ପ୍ରତିଶୋଧ ନେଇ,
ମିଳନ କି ବିଚ୍ଛେଦର
ମହା ମିଳନରେ,
ଓଠ କିଛି ପିଏ ଚଳ ଚଳ କରି,
କାନି କିଛି ପିଏ ନିଜକୁ ଓଦା କରିବାକୁ,
ତକିଆ ବି ସର ସର ହୁଏ
ସାନିଧ ମିଳିଲେ,
ଚାପି ହୋଇ କେବେ କୋହ ହୁଏ
ଛାତି ବି ରୁନ୍ଧିଦିଏ କହିବାକୁ
ପାଟିରେ ରୁମାଲକୁ ବିଣ୍ଡା କରିବାକୁ
ହୁଏ।

ଲୁହ
କେବେ ବି ପ୍ରେମ କହେ ମୋତି,
ପ୍ରୀତି କହେ କାକର,
କେବେ ଆଉ କିଏ କହେ ଅନେକ
ପାପର ପ୍ରାୟଶ୍ଚିତ,
କିବା ଆଉ ଏକ ନୂଆ ନିଆରା ପାପର
ଏକ ଜନ୍ମ ।

+ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୨୭**

ଏଥର ଅର୍ଜୁନଙ୍କ ହାତରୁ ଛୁଟିଲା ଆଗ୍ନେୟାସ୍ତ୍ର । ଅଗ୍ନିପିଣ୍ଡୁଳା ଗୁଡ଼ିକରୁ ଖସି ପଡୁଥିଲା ନିଆଁହୁଳା । ପରେପରେ ବାରୁଣାସ୍ତ୍ର । ସେଥିରୁ ଜଳଧାରା ଝରିପଡ଼ି କ୍ଷଣିକରେ ଲିଭାଇଦେଲା ଅଗ୍ନିର ପ୍ରକୋପ । ପୁଣି ବାୟବ୍ୟାସ୍ତ୍ର । ମାଡ଼ିଆସିଲା ଝଞ୍ଜା । ଉପସ୍ଥିତ ସଜ୍ଜନମଣ୍ଡଳୀ ସ୍ତବ୍ଧ, ଚକିତ । ଅସ୍ତ୍ର ପ୍ରୟୋଗ କରି ଅଦୃଶ୍ୟ ହୋଇଗଲା ସବୁକିଛି । ଅର୍ଜୁନଙ୍କ ଜୟନାଦରେ ସଭାସ୍ଥଳ ପ୍ରକମ୍ପିତ । ଏଭଳି ଅସ୍ତ୍ର ପ୍ରୟୋଗର କୌଶଳ ତାଙ୍କ ପୂର୍ବରୁ କେହି ବି ଦେଖାଇ ପାରି ନଥିଲେ । ଦର୍ଶକମାନଙ୍କ ପାଇଁ ସତେଯେମିତି ଏସବୁ ଥିଲା ମାୟାମୟ । ଯାଦୁଖେଳର କୁହୁକ ଯେମିତି ।

ବାଃ କି ଅପୂର୍ବ ! ଚତୁର୍ଦ୍ଦିଗରୁ ଶୁଭୁଥିଲା ବଜ୍ରଗମ୍ଭୀର ଧ୍ୱନି । ଧନ୍ୟ ଅର୍ଜୁନ । ଧନ୍ୟ ତୁମର ଶିକ୍ଷାଗୁରୁ ଆଉ ଗର୍ଭଧାରିଣୀ ମାତା । ଦର୍ଶକମାନଙ୍କ ମଧ୍ୟରେ କରତାଳି ବୃଷ୍ଟି । ଅର୍ଜୁନ କିନ୍ତୁ ଶାନ୍ତ, ଗମ୍ଭୀର । ଅସ୍ତ୍ରସ୍ପର୍ଦ୍ଧା ତାଙ୍କର ଏଯାଏ ସଂପୂର୍ଣ୍ଣ ସରିନଥିଲା । ଆହୁରି ଅନେକ କିଛି ବାକି ରହିଥିଲା ମଞ୍ଚ ଉପରୁ ହାତହଲାଇ ଦ୍ରୋଣାଚାର୍ଯ୍ୟ ତାଙ୍କୁ ଉତ୍ସାହିତ କରୁଥିଲେ । ଏଇ ଦେଖନ୍ତୁ, ଏଥର ଶବ୍ଦଭେଦୀ ବାଣ ପ୍ରୟୋଗ କରିବେ ଅର୍ଜୁନ ।

ହଁ, ଶବ୍ଦଭେଦୀ ବାଣ । ବଡ଼ ବିଚିତ୍ର, ପୁଣି ରହସ୍ୟମୟ । ଅନ୍ୟମାନଙ୍କ ପାଇଁ ଏ ବାଣ କଠିନ ହୋଇପାରେ । ହେଲେ, ମୋ ପାଇଁ ଏହା କିଛି ନୁହେଁ । କାରଣ, ଅର୍ଜୁନ ଭଳି ମୁଁ ମଧ୍ୟ ଜାଣେ ଏହାର ପ୍ରୟୋଗ କୌଶଳ । ତେବେ, ତଫାତ୍ ଏତିକି, ଅର୍ଜୁନଙ୍କୁ ଯେଉଁଠି ସର୍ବସମ୍ମୁଖରେ ଅସ୍ତ୍ର ପ୍ରଦର୍ଶନ କରିବାର ସୁଯୋଗ ମିଳିଛି ମୁଁ ସେଠାରେ ବଞ୍ଚିତ ହୋଇଛି । ଏହାହିଁ ମୋ ଭାଗ୍ୟର ବିପର୍ଯ୍ୟୟ । ମୁଁ କିନ୍ତୁ ଭାଗ୍ୟକୁ ବିଶ୍ୱାସ କରେନା । ମୋ ମନରେ ତେଣୁ ଅସମ୍ଭବ ଉତ୍ତେଜନା । ଧମନୀର ରକ୍ତ ମୋର ତାତି ଉଠୁଥିଲା । ମନର ଅଶ୍ୱ ମୋର ବୋଲ ମାନୁ ନଥିଲା । ଇଚ୍ଛା ହେଉଥିଲା ଉଠିପଡ଼ି କହିଦେବି ଏସବୁ ଅସ୍ତ୍ରସ୍ପର୍ଦ୍ଧା ମୋତେ ମଧ୍ୟ ଜଣାଅଛି । କିନ୍ତୁ ମଞ୍ଚ ଉପରେ ଆସୀନ ଗୁରୁଦେବ ପିତାମହ ଭୀଷ୍ମ ଓ ଅନ୍ୟାନ୍ୟ ଗୁରୁଜନ ମାନଙ୍କୁ ଚାହିଁ ନିଜକୁ ସଂଯତ କରିନେଲି ।

ଆଚାର୍ଯ୍ୟ ଦ୍ରୋଣ ମଞ୍ଚ ଉପରେ ବସି ପିତାମହ ଭୀଷ୍ମ, ବିଦୁର, କୃପାଚାର୍ଯ୍ୟଙ୍କ ସହ କ'ଣ ପରାମର୍ଶ କରୁଥାନ୍ତି । ଏହାପରେ ବୋଧେ ସେ ସର୍ବଶ୍ରେଷ୍ଠ ବୀରଙ୍କ ନାମ ଘୋଷଣା କରିବେ । ମୁଁ ଖାଲି ଭାବୁଥିଲି ନାମ ଯେଉଁଠି ସ୍ପଷ୍ଟ, ଫଳାଫଳ ଯେଉଁଠି ପୂର୍ବ ନିର୍ଦ୍ଧାରିତ, ସେଠାରେ ପୁଣି ଏସବୁ ପ୍ରହସନ କାହିଁକି ? ବିଦ୍ରୋହୀ ମନ ମୋର ଉତ୍ତେଜିତ ହୋଇ ଉଠୁଥିଲା । ନିଜକୁ ଆୟତ୍ତରେ ରଖିପାରିଲି ନାହିଁ । ଗୁରୁଦେବଙ୍କ ମୁହଁରୁ ଶ୍ରେଷ୍ଠବୀରର ଘୋଷଣା ଶୁଣିବା ପୂର୍ବରୁ ଛିଡ଼ା ହୋଇ କହିଲି, ବନ୍ଦକରନ୍ତୁ ବନ୍ଦ କରନ୍ତୁ ଏ ଘୋଷଣା ।

ମୋ ମୁହଁରେ ପ୍ରତିବାଦର ସ୍ୱର ଶୁଣି ଅନେକେ ମୋରି ଆଡ଼କୁ ଆଖି ଘୂରାଇ ନେଇଥିଲେ । ମୁଁ କ'ଣ କହିବି, ତାହା ଜାଣିବାପାଇଁ ସମସ୍ତେ ଉତ୍ସୁକ ହୋଇ ଉଠୁଥିଲେ ।

ମୁଁ କର୍ଣ୍ଣ, ହୋଇପାରେ ସୂତପୁତ୍ର । ତେବେ ନିଜସ୍ୱ ସ୍ୱାଭିମାନ ନେଇ ବଞ୍ଚିବାକୁ ଶିଖିଛି । ଭାଂଗିଯିବି ପଛେ ନଇଁବି ନାହିଁ । ତାଛଡ଼ା ଏବେ ତ ମୁଁ ନୂଆକରି ଗୁରୁଦେବଙ୍କ ଠାରୁ ଅସ୍ତ୍ରଶିକ୍ଷା କରିବାକୁ ଆସିନି, କିମ୍ୱା ବୀରତ୍ୱର ଭିକ୍ଷା ମାଗିବାପାଇଁ ଏଠାରେ ଠିଆ ହୋଇନି । ତେଣୁ ଦବିଯିବି କାହିଁକି ? ତେଣୁ ବେଶ୍ ଦୃଢ଼ତାର ସହ କହିଲି । ଅସ୍ତ୍ରସ୍ପର୍ଦ୍ଧା ଯେଉଁଠି ସଂପୂର୍ଣ୍ଣ ସରିନାହିଁ ସେଠି, ଶ୍ରେଷ୍ଠବୀରର ଘୋଷଣା କିପରି ହେବ । କ୍ରୋଧଭରା ଦୃଷ୍ଟିରେ ଆଚାର୍ଯ୍ୟ ମୋରି ଆଡ଼କୁ ଅନାଇଲେ ।

ତୁମେ କ'ଣ କହିବାକୁ ଚାହଁ ?

ଏ ରଂଗଭୂମିରେ ଅର୍ଜୁନଙ୍କଠାରୁ ଅଧିକ ବୀର କେହି କ'ଣ ଅଛନ୍ତି ? ତେବେ, କୁହ ସେ କିଏ ?

ଅଛନ୍ତି ଗୁରୁଦେବ... ଅଛନ୍ତି । ଆପଣଙ୍କ ଆଗରେ ଠିଆ ହୋଇଛନ୍ତି । ମୋ ଠାରୁ ମଧ୍ୟ ଅସ୍ତ୍ରପରୀକ୍ଷା ନିଅନ୍ତୁ । ତାପରେ ଫଳାଫଳ ଘୋଷଣା କରିବେ । ତାଙ୍କର ମୋ ପ୍ରତି କଟୁକ୍ତି, ଲାଞ୍ଛନା ମୋର କ୍ରୋଧକୁ ଆହୁରି ଦ୍ୱିଗୁଣିତ କରୁଥିଲା ।

କିନ୍ତୁ ମୁଁ ତ ତୁମକୁ ନିମନ୍ତ୍ରଣ କରି ନାହିଁ

ହଁ, ଦ୍ରୋଣାଚାର୍ଯ୍ୟ ମୋର ଗୁରୁଦେବ । ତାଙ୍କର ମୋ ପ୍ରତି ଶତ କଟୁକ୍ତି ସତ୍ତ୍ୱେ, ତାଙ୍କ ପ୍ରତି ତାଚ୍ଛଲ୍ୟର ଭାଷା ପ୍ରୟୋଗ କରିବା ଅନ୍ୟାୟ । ତେଣୁ ବିନମ୍ରତାର ସହ କହିଲି, ଗୁରୁଦେବ, ଆପଣ ହିଁ କୁହନ୍ତୁ, ଜଣେ ବୀରର ବୀରତ୍ୱ କଣ ତାର ନିଜର ସମ୍ପତ୍ତି ନୁହେଁ ? ସେ ତାର ବୀରତ୍ୱ ପ୍ରଦର୍ଶନ କରିବା ପାଇଁ କାହାର ନିମନ୍ତ୍ରଣକୁ ଅପେକ୍ଷା କରିବ କାହିଁକି ?

ଏଥର ମୁହଁ ଖୋଲିଲେ ପିତାମହ ଭୀଷ୍ମ ଠିକ୍ କହିଛ ଯୁବକ । ଲକ୍ଷ୍ୟକଲି ପିତାମହଙ୍କ କଥାକୁ ମହାମନ୍ତ୍ରୀ ବିଦୁର ଓ ମାତୁଳ ଶକୁନି ମଧ୍ୟ ସମ୍ମତି ଦେଲେ । ଏଥର ସୁଯୋଗ ମିଳିଗଲା ଦୁର୍ଯ୍ୟୋଧନଙ୍କୁ । କାରଣ ଚିର ପାଣ୍ଡବ ବିରୋଧୀ ଦୁର୍ଯ୍ୟୋଧନ ଅର୍ଜୁନଙ୍କ ଶ୍ରେଷ୍ଠ ବୀର ଘୋଷଣାକୁ ମନେମନେ ସ୍ୱୀକୃତି ଦେଇ ପାରୁ ନଥିଲେ । ତେଣୁ ଦୃଢ଼ ସ୍ୱରରେ ପ୍ରତିବାଦ କରି କହିଲେ, ବୀରଙ୍କ କ୍ଷେତ୍ରରେ ବଡ଼ସାନର ବାଛବିଚାର କରାଯାଏ ନାହିଁ । ତେଣୁ ଯୁବକଙ୍କୁ ଏହିଠାରେ ଅସ୍ତ୍ରସ୍ପର୍ଦ୍ଧା ଦେଖାଇବାର ସୁଯୋଗ ଦିଆଯାଉ ।

ତତ୍‌କ୍ଷଣାତ୍ ପାଣ୍ଡବ ପକ୍ଷରୁ ଭୀମସେନ ଗର୍ଜିଉଠି ମୋତେ ଅପମାନିତ କରି କହିଲେ ବିନା ବଂଶ ପରିଚୟରେ ଏହା କେବେ ସମ୍ଭବ ହୋଇପାରେନା ।

ଓଃ ଜଣେ ବୀର ପାଇଁ ତାର କୁଳଗୋତ୍ର ବଂଶର ପରିଚୟ କ'ଣ ସର୍ବସ୍ୱ ?

ଅପମାନରେ ମୋର ଗୋଟା ଦେହ ଝାଳେଇ ଯାଇଥିଲା । ଦେଖିଲି ମହାରାଜ ନିଜେ ସମ୍ମତି ପ୍ରଦାନ କରିବାରୁ ବାଧ ହୋଇ ଆଚାର୍ଯ୍ୟ ମୋତେ ଅସ୍ତ୍ରସ୍ପର୍ଦ୍ଧା କରିବାର ସୁଯୋଗ ଦେଲେ । କିନ୍ତୁ ମନତଳେ ତାଙ୍କର ଅସମ୍ଭବ ଉତ୍ତେଜନା । କୌଣସି ପ୍ରକାରେ ସେ ଚାହୁଁ ନଥିଲେ ତାଙ୍କର ପ୍ରିୟ ଶିଷ୍ୟ ଅର୍ଜୁନଙ୍କୁ ଆଉ କେହି ଟପିଯାଉ । ଶେଷରେ ପରିସ୍ଥିତି ଏମିତି ହେଲା, ଆମ ଦୁହିଁଙ୍କ ମଧ୍ୟରୁ ଶ୍ରେଷ୍ଠବୀରର ଘୋଷଣା ସମ୍ଭବ ହୋଇ ନପାରି ଦୁହିଁଙ୍କ ମଧ୍ୟରେ ଦ୍ୱନ୍ଦ୍ୱଯୁଦ୍ଧ ହେବାର ନିଷ୍ପତ୍ତି ନିଆଗଲା ।


ଅର୍ଜୁନ ସହ ଲଢ଼ିବାପାଇଁ ଯେକୌଣସି ଆହ୍ୱାନକୁ ସାମନା କରିବାପାଇଁ ମୁଁ ପ୍ରସ୍ତୁତ ଥିଲି । ମାତ୍ର ଆଚାର୍ଯ୍ୟ ବୋଧହୁଏ ଅର୍ଜୁନଙ୍କ ବିଜୟ ପାଇଁ ସନ୍ଦିହାନ ଥିଲେ । ତେଣୁ ସେ କପଟ କରି ଆଉ ଏକ ଆପତ୍ତି ଉଠାଇ ଏଥିରୁ ଆମ ଦୁହିଁଙ୍କ ନିବୃତ୍ତ କରିବାକୁ ଚାହୁଁଥିଲେ । ସେ ତେଣୁ ପୁନର୍ବାର ପ୍ରତିବାଦର ସ୍ୱର ଉଠାଇ କହିଲେ, ଦ୍ୱନ୍ଦ୍ୱଯୁଦ୍ଧ କେବଳ ଦୁଇ ସମାନପକ୍ଷଙ୍କ ମଧ୍ୟରେ ଅନୁଷ୍ଠିତ ହୁଏ । ଏ କ୍ଷେତ୍ରରେ ଅର୍ଜୁନ ଯେଉଁଠି କୁରୁବଂଶର ରାଜକୁମାର ସେଠାରେ ତୁମେ କେଉଁ ବଂଶର ରାଜା ଅଥବା ରାଜକୁମାର । ପୁଣି ସେହି ପୁରୁଣା ପ୍ରଶ୍ନ ।

ଖାଲି ସେହି ବଂଶ ! ବଂଶ !! ବଂଶ !!!

ମୋତେ ବାରମ୍ବାର ଅପମାନିତ କରି ମୋ ମନୋବଳକୁ ଦୁର୍ବଳ କରିଦେବାର ଏକ ଅପଚେଷ୍ଟା । ଯିଏ ଯେତେ ଯାହା କହନ୍ତୁ ନା କାହିଁକି, ଯେଉଁ ସୂତପୁତ୍ରର ପରିଚୟରେ ମୁଁ ଏତେବାଟ ଆଗେଇ ଆସିଛି, ତାକୁ ପରିତ୍ୟାଗ କରିବା ମୋ ପାଇଁ ସମ୍ଭବ ନୁହେଁ । ମୋ ହୃଦୟ ତଳେ ଯନ୍ତ୍ରଣାର ଉଚ୍ଛ୍ୱାସ । ଛାତିକୁ ଚାପିଧରି ନିରବରେ ଏସବୁ ସହ୍ୟ କରିବା ଛଡ଼ା, ମୋ ନିକଟରେ ଅନ୍ୟ ଉପାୟ କିଛି ନଥିଲା ।

ହଠାତ୍ ଏକ ବିଚିତ୍ର ଘଟଣା ଘଟିଗଲା । ଦୁର୍ଯ୍ୟୋଧନ ନିଜ ଆସନରୁ ଉଠିପଡ଼ି ଘୋଷଣା କରିଦେଲେ, ଏଇ ମୁହୂର୍ତ୍ତରୁ କର୍ଣ୍ଣ ହେବେ ଅଂଗଦେଶର ରାଜା । ଏବେ ଆଉ କାହାରି କିଛି ଆପତ୍ତି ରହିବ ନାହିଁ ତ ?

ଏଇ ଘୋଷଣା ଉପସ୍ଥିତ ସମସ୍ତଙ୍କୁ ଚକିତ କରିଦେଲା । ମୁଁ ନିଜେ ମଧ୍ୟ ସ୍ତବ୍ଧ ହୋଇ ଚାହିଁରହିଲି ଦୁର୍ଯ୍ୟୋଧନ ଆଡ଼େ । ମନେମନେ କହିଲି ଦୁର୍ଯ୍ୟୋଧନ, ତୁମେ ମୋ ହୃଦୟ ଜ୍ୱାଳାକୁ ଉପଶମ କରି ଦେଇଛ । ଆଜିର ଏହି ଘଟଣା ମୋ ପାଇଁ ସାରାଜୀବନ ସ୍ମରଣୀୟ ହୋଇ ରହିଯିବ । ଆଜିଠାରୁ ତୁମେ ମୋର ପରମମିତ୍ର । ସଖା । ତୁମର ଏ ଅଯାଚିତ ଦାନ ପାଇଁ ତୁମ ନିକଟରେ ଚିରଋଣୀ ହୋଇ ରହିଗଲି । ଲକ୍ଷ୍ୟକଲି ଦୁର୍ଯ୍ୟୋଧନଙ୍କ ମୁହଁରେ ଉକୁଟି ଉଠୁଥିଲି ସ୍ମିତ ହାସ୍ୟ । ସେ ହସରେ ନଥିଲା ତାଚ୍ଛଲ୍ୟତା ଅବା ଛଳନା, ବରଂ ଭରି ରହିଥିଲା ସ୍ନେହ, ଶ୍ରଦ୍ଧା, କରୁଣା ।



ପୁତ୍ର ଦୁର୍ଯ୍ୟୋଧନଙ୍କ କଥାକୁ ସମ୍ମତି ଜଣାଇ ମହାରାଜ ଧୃତରାଷ୍ଟ୍ର ମଧ୍ୟ ସେହିଠାରେ ମୋତେ ଅଭିମନ୍ତ୍ରିତ ଜଳସିଞ୍ଚନ କରି ରାଜମୁକୁଟ ପିନ୍ଧାଇ ଦେଲେ । ବ୍ରାହ୍ମଣମାନଙ୍କ ମନ୍ତ୍ର ଉଚ୍ଚାରଣରେ ମୋର ଅଭିଷେକ ଉତ୍ସବ ହୋଇଗଲା । ଚତୁର୍ଦ୍ଦିଗରୁ ଅଂଗରାଜ କର୍ଣ୍ଣଙ୍କର ଜୟ ଜୟକାର ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଲା ସଭାସ୍ଥଳ । ମହାରାଜ ନିଜେ ମୋତେ ଦ୍ୱନ୍ଦ୍ୱଯୁଦ୍ଧ ପାଇଁ ଆଦେଶ ଦେଲେ । କିନ୍ତୁ ଠିକ୍ ସେହି ମୁହୂର୍ତ୍ତରେ ଆଉ ଏକ ଅଭାବନୀୟ ଘଟଣା ଘଟିଗଲା । ମଞ୍ଚ ଉପରେ ସାନରାଣୀମା' ପାଣ୍ଡବମାତା କୁନ୍ତୀ ହଠାତ୍ ସଂଜ୍ଞାହୀନ ହୋଇ ତଳେ ପଡ଼ିଗଲେ । ଏପଟେ ଭରା ସଭା ମଧ୍ୟକୁ ଧଇଁସଇଁ ହୋଇ ମୋ ବାପା ପ୍ରବେଶ କରି ମୋତେ କୁଣ୍ଢାଇ ପକାଇ କହିଲେ, ବାପା ବସୁ, ତୁମେ ଯଶସ୍ୱୀ ହୁଅ । ବିଜୟୀ ହୁଅ । ହେଲେ ମୋର ସାନକଥା ମାନି ଅର୍ଜୁନ ସହ ଦ୍ୱନ୍ଦ୍ୱଯୁଦ୍ଧ କରନାହିଁ ।

ମୋ ସାମନାରେ ମୋର ବାପା । ଯିଏ ମୋତେ ବହୁତ ଆଦର ଯତ୍ନରେ ଏ ପର୍ଯ୍ୟନ୍ତ ସମସ୍ତ ଅଳି ସହି ବଡ଼ କରିଛନ୍ତି । ତାଙ୍କର ଆଦେଶ ମୋ ପାଇଁ ଶିରୋଧାର୍ଯ୍ୟ । ତେଣୁ ତାଙ୍କ କଥାକୁ ଅମାନ୍ୟ କରିବାର ସାହସ ମୋର ନାହିଁ । ତାଙ୍କରି ପାଦତଳେ ଭୂମିଷ୍ଠ ପ୍ରଣାମ ଜଣାଇ ଦ୍ୱନ୍ଦ୍ୱଯୁଦ୍ଧରୁ ଓହରିଗଲି । ବାପାଙ୍କ କଥାରୁ ଏତିକି ବୁଝିଗଲି, ବାପା ମୋର ଅର୍ଜୁନ ବିଦ୍ୱେଷୀ ଚାହୁଁ ନାହାଁନ୍ତି । ମୋ ମନରେ କିନ୍ତୁ ଅର୍ଜୁନ ପ୍ରତି କ୍ରୋଧ ତଥାପି ଶାନ୍ତ ପଡ଼ି ନଥାଏ ।

ଏମିତିରେ ସେଦିନ ଅସ୍ତ୍ରସ୍ପର୍ଦ୍ଧା ସମାପ୍ତ ହୋଇଗଲା । ମୋ ମନର ଆଶା କିନ୍ତୁ ଅସଂପୂର୍ଣ୍ଣ ହୋଇ ରହିଗଲା । ଆଉ ଏସବୁ ପରିସ୍ଥିତିରେ ଏକତରଫା ଭାବେ ଅର୍ଜୁନ ହିଁ ଶ୍ରେଷ୍ଠବୀର ଭାବେ ପୁରସ୍କୃତ ହେଲେ ।

ଅସ୍ତ୍ରପରୀକ୍ଷା ନିମନ୍ତେ ଆଚାର୍ଯ୍ୟଙ୍କ ସମସ୍ତ କପଟ, ଛଳନା, ଅନ୍ୟାୟ ଯେଭଳି ଭାବେ ସେଦିନ ଘଟିଗଲା । ତାହା ମୋ ଜୀବନରେ ଅର୍ଜୁନ ପ୍ରତିଦ୍ୱନ୍ଦ୍ୱୀ ସାଜିବା ପାଇଁ ବାଟ ଫିଟାଇ ଦେଲା । ଅସ୍ତ୍ରସ୍ପର୍ଦ୍ଧା ମୋ ଜୀବନର ଗତିପଥକୁ ଏକ ଭିନ୍ନ ମୋଡ଼ରେ ନେଇଗଲା ।

- ପଚିଶ -

ଘରକୁ ଫେରି ସାରା ରାତି ମୁଁ ଶୋଇପାରିଲି ନାହିଁ । ଆଖିରେ ମୋର ନିଦ ନଥିଲା । ମୋ ଆଖି ଆଗରେ କେବଳ ଭାସି ଉଠୁଥିଲା ଅସ୍ତ୍ରସ୍ପର୍ଦ୍ଧାର ଦୃଶ୍ୟ । ମୋ ଚିନ୍ତା ରାଜ୍ୟରେ ଦୁହିଁଙ୍କ ଚିତ୍ରପଟ ଭାସି ଉଠୁଥିଲା । ଜଣେ ମୋର ପ୍ରତିଦ୍ୱନ୍ଦ୍ୱୀ ଅର୍ଜୁନ, ଆଉ ଜଣେ ଦୁର୍ଯ୍ୟୋଧନ । ଯାହାଙ୍କ ପାଇଁ କୃତଜ୍ଞତାରେ ଭରି ଉଠୁଥିଲା ମୋର ପ୍ରାଣ ।

ତହିଁ ପରଦିନ ସକାଳୁ ଉଠି ଠିକ୍ କଲି, ଦୁର୍ଯ୍ୟୋଧନଙ୍କ ସହ ସାକ୍ଷାତ କରି କୃତଜ୍ଞତା ଜଣାଇବି । ଆଜିପର୍ଯ୍ୟନ୍ତ ତାଙ୍କଭଳି ଜଣେ ଶୁଭଚିନ୍ତକ ମୁଁ ପାଇ ନଥିଲି । ସୂତପୁତ୍ରର ଲାଞ୍ଛନାର ଜ୍ୱାଳାରେ ଯେତେବେଳେ ମୋ ତନୁମନ ଜର୍ଜରିତ ହେଉଥିଲା, ଠିକ୍ ସେହି ମୁହୂର୍ତ୍ତରେ ସେ ମୋ ମୁଣ୍ଡରେ ରାଜମୁକୁଟ ପିନ୍ଧାଇ ସର୍ବସମ୍ମୁଖରେ ମୋର ବୀରତ୍ୱକୁ ସମ୍ମାନ ଦେଇଛନ୍ତି ତାହା ତ ସାରାଜୀବନ ମୋ ପାଇଁ ସ୍ମରଣୀୟ ଘଟଣା ହୋଇ ରହିଯିବ । ମୋର ତେଣୁ ସର୍ବପ୍ରଥମେ ତାଙ୍କର ଦ୍ୱାରସ୍ଥ ହୋଇ କୃତଜ୍ଞତା ଜଣାଇବା ପରମ କର୍ତ୍ତବ୍ୟ । ବାପା ବାହାରେ ବସିଥିଲେ । ତାଙ୍କୁ ମୋର ରାଜଭବନ ଯିବାର ଉଦ୍ଦେଶ୍ୟ ଜଣାଇ ଘରକୁ ବାହାରି ଆସିଲି ।

ଦୁର୍ଯ୍ୟୋଧନଙ୍କ କକ୍ଷର ଦ୍ୱାରଦେଶରେ ଉପସ୍ଥିତ ହୋଇ ଦ୍ୱାରପାଳ ହାତରେ ଖବର ପଠାଇଲି । ମୁଁ ଯେ ରାଜକୁମାରଙ୍କ ଦର୍ଶନଭିଳାଷୀ ତାହା ଜଣାଇ ଦେଲି । କିଛିସମୟ ପରେ ଦୁର୍ଯ୍ୟୋଧନ ହସିହସି ବାହାରି ଆସିଲେ । ମୋତେ ଦେଖି ଦୁଇବାହୁରେ ଆଲିଙ୍ଗନ କଲେ । ଭିତରକୁ ପାଛୋଟି ନେଇଗଲେ । କହିଲେ, ଆଜିଠାରୁ ଆମେ ଦୁହେଁ ମିତ୍ର । ତୁମର ମୋ କକ୍ଷରେ ପ୍ରବେଶ ପାଇଁ ଅନୁମତି ଲୋଡ଼ାନାହିଁ ମିତ୍ର । ବରଂ ଯେତେବେଳେ ଇଚ୍ଛା ଆସ । ତୁମପାଇଁ ଦୁର୍ଯ୍ୟୋଧନର ଦ୍ୱାର ଚିର ଉନ୍ମୁକ୍ତ । କୃତଜ୍ଞତାରେ ମୁଣ୍ଡ ମୋର ନଇଁ ଯାଉଥିଲା ଦୁର୍ଯ୍ୟୋଧନଙ୍କ ଠାରେ । ସେ ନିଜେ ହିଁ ଆରମ୍ଭ କଲେ । କୁହ ମିତ୍ର, ଦୁର୍ଯ୍ୟୋଧନଙ୍କ ପାଖକୁ ଆସିବାର ଅଭିପ୍ରାୟ କ' ?

ନାହିଁ ସେମିତି କିଛି ଉଦ୍ଦେଶ୍ୟ ନାହିଁ ମୋର । କାଲିର ଘଟଣାପାଇଁ ତୁମକୁ ବଧାଇ ଜଣାଇବାକୁ ଚାଲିଆସିଲି ।

ଆରେ, ଏଥିରେ ବଧାଇ ଦେବାର କ'ଣ ଅଛି, କହିଲି ପରା । ଆମେ ଦୁହେଁ ମିତ୍ର, ସଖା । ଆଜିଠାରୁ ଆମ ଦୁହିଁଙ୍କ ଅଭିନ୍ନ ଆତ୍ମା । ମୋର ଆବଶ୍ୟକତା ପଡ଼ିଲେ ତୁମକୁ ଡକାଇବି । ଆଉ ତୁମର ଇଚ୍ଛାହେଲେ ମୋତେ ଡକେଇ ପଠାଇବ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ଯନ୍ତ୍ର ଆଳରେ ହତ୍ୟା

**ଶ୍ୱେତା ରାଉତ୍**

## ସମ୍ପର୍କର ରିଙ୍ଗ



ଜଣେ ବ୍ୟକ୍ତି ବ୍ୟାଙ୍କରେ ଉଚ୍ଚ ପଦସ୍ଥ ଚାକିରି କରିଥିଲେ । ତାଙ୍କର ଗୋଟେ ଝିଅ ଥିଲା । ପିଲାଦିନରୁ ପୁଅଟି ବାପାଙ୍କୁ ଖୁବ୍ ଡରୁଥିଲା, କାରଣ ତା ବାପା ସବୁବେଳେ ତାକୁ ପାଠ ପଢିବାକୁ କହୁଥିଲେ । ପରୀକ୍ଷାରେ ୯୫%ରୁ କମ୍ ନମ୍ବର ଯେମିତି ନରୁହେ, ପିଲାଟିକୁ ତାଗିଦ୍ କରୁଥିଲେ । ବାହାରେ ସବୁ ପିଲାମାନେ ଖୁବ୍ ଆନନ୍ଦରେ ଖେଳୁଥିବାର ଦେଖି ଏ ପିଲାଟି ମଧ୍ୟ ଖେଳିବାକୁ ଇଚ୍ଛା କରିଥିଲା । କିନ୍ତୁ ବାପାଙ୍କ ଭୟ ଯୋଗୁଁ ମନମାରି ଘର ଭିତରେ ସବୁବେଳେ ବସି ପଢୁଥିଲା । ପଢିବାକୁ ସିନା ବସୁଥିଲା, ହେଲେ ଖାତା ବହିରେ ତାକୁ ଯେମିତି ସେ ଖେଳୁଥିବା ପିଲାମାନେ ଦିଶୁଥିଲେ । କିଏ କବାଡି ଖେଳୁଥିଲେ ତ କିଏ ହାଇଜମ୍ପ୍, କିଏ ଲୁଚକାଳି ଖେଳୁଥିଲେ ତ କିଏ ମ୍ୟୁଜିକ ଚେୟାର । ସେଦିନ ପିଲାଟି ଆଦୌ ପାଠ ପଢି ପାରିଲା ନାହିଁ । ତାର ମନ ବିଚଳିତ ରହୁଥିଲା ।

ସନ୍ଧ୍ୟାରେ ବାପା ଅଫିସରୁ ଫେରି କଣ ପାଠ କରିଛି ପଚାରିବାରୁ ପିଲାଟି କିଛି ପାଠ କରିନି ବୋଲି କହିଲା । ବାପା ତାଠାରୁ ପାଠ କରିନି ଜାଣିବା ପରେ ନିସ୍ତୁକ ପିଟିଲେ କାରଣ ବି ପଚାରି ନଥିଲେ କାହିଁକି ସେ ପାଠ କରିପାରିଲା ନାହିଁ ।

ତା'ପର ଦିନଠୁ ପିଲାଟି ଏତେ ଭୟଭୀତ ହୋଇଯାଇଥିଲା ଯେ ପାଠ ପଢିବା ଛଡା ଆଉ କେଉଁ ଆଡେ ବି ଚାହୁଁନଥିଲା । ଖେଳକୁଦ ହେଉ କି ଯାନି-ଯାତରା କୁଆଡେ ଯାଉନଥିଲା । ଧିରେ ଧିରେ ପିଲାଟି ପଢିବା ପ୍ରତି ଆଗ୍ରହ ରଖି ସବୁବେଳେ ୯୫%ରୁ ଅଧିକ ନମ୍ବର ରଖୁଥିଲା । ବାପା ଜଣକ ଖୁବ୍ ଖୁସି ହୋଇ ଅନ୍ୟ ପିଲାମାନଙ୍କୁ ଉପହାସ କରୁଥିଲେ । କଲୋନିରେ ଖେଳୁଥିବା ପିଲାମାନଙ୍କ ବାପା ମାଆଙ୍କୁ ମୂର୍ଖ କହି ତାଚ୍ଛଲ୍ୟ କରୁଥିଲେ । ପିଲାଟି ହାଇସ୍କୁଲରେ ଖୁବ୍ ଭଲ ରେଜଲ୍ଟ କରି ବଡ କଲେଜରେ ନାମ ଲେଖାଇଲା । ବାପା ତାକୁ ଆନନ୍ଦରେ ହଷ୍ଟେଲରେ ଛାଡି ଆସିଲେ ଏବଂ ଆସିଲା ବେଳେ ତାଗିଦ୍ କରି କହିଲେ ସବୁବେଳେ ପାଠରେ ମନ ଲଗାଇବାକୁ । ମନ ଭିତରେ ଅସୁମାରି ସ୍ୱପ୍ନ 'ମୁଁ ସିନା ବ୍ୟାଙ୍କ୍ ମ୍ୟାନେଜର, ମୋ ପୁଅ କିନ୍ତୁ ଆହୁରି ଉପରେ ପଦବୀରେ ଚାକିରି କରିବ' ।

ପିଲାଟିର ସ୍ୱଭାବ ଖୁବ୍ ଧିରସ୍ଥିର ଦେଖି କଲେଜର ଅଧ୍ୟାପକ ଓ ସାଙ୍ଗସାଥିମାନେ ତାକୁ ହସିବାକୁ, ଖେଳିବାକୁ ବାଧ କରନ୍ତି, କିନ୍ତୁ ପିଲାଟି ବାପାଙ୍କ ଭୟରେ କାହା କଥା ନଶୁଣି ହଷ୍ଟେଲରେ ଚୁପଚାପ୍ ପଢେ ।

ଦିନେ ହଷ୍ଟେଲରେ ବାର୍ଷିକ ଉତ୍ସବ ପାଳନ ହେଉଥାଏ, ସମସ୍ତେ ଉତ୍ସବରେ ଭାଗ ନେଇ ଆନନ୍ଦ ନେଉଥାନ୍ତି କିନ୍ତୁ ଏ ପିଲାଟି ହଷ୍ଟେଲ ରୁମରେ ବସି ପଢୁଥାଏ ! କାଳେ ତା ବାପା ଫୋନ୍ କରିଦେବେ ଆଉ ଫଙ୍କସନ୍‌ର ସାଉଣ୍ଡ୍ ଶୁଣି ଜାଣିଦେବେ ସେ ପାଠ ନପଢି ନାଚଗୀତରେ ମାତୁଛି । ପିଲାଟି ତା ବାପାକୁ ଏତେ ଭୟ କରୁଥାଏ ଯେମିତି ସେ ବାପାଙ୍କ ହାତର ଗୋଟେ ଚାବିଦିଆ ପ୍ଲାଷ୍ଟିକ୍ କଣ୍ଢେଇ । ସନ୍ଧ୍ୟା ସମୟରେ ପ୍ରୋଗ୍ରାମ୍ ଚାଲିଥାଏ, ସମସ୍ତ ପିଲାମାନେ ଓ ଅଧ୍ୟାପକମାନେ ବାର୍ଷିକ ଉତ୍ସବର ମଜା ନେଉଥାନ୍ତି, ହଠାତ୍ ସମସ୍ତଙ୍କ ପାଦ ଟଳମଳ ହେଲା ।

ଚାହୁଁ ଚାହୁଁ କଲେଜ ହଷ୍ଟେଲଟି ଭାଙ୍ଗି ଚୁରମାର । ଭୟଙ୍କର ଭୂମିକମ୍ପରେ ମୁହୂର୍ତ୍ତକେ ଧ୍ୱଂସ ହୋଇଯାଇଥିଲା ସବୁକିଛି । ଅଧ୍ୟାପକ ଓ ପିଲାମାନେ କଲେଜ ପଡିଆରେ ଥିବାରୁ ବର୍ତ୍ତୀ ଯାଇଥିଲେ, ହେଲେ ସେ ପିଲାଟି ସବୁଦିନ ପାଇଁ ଶୋଇ ଯାଇଥିଲା ହଷ୍ଟେଲର ଭଙ୍ଗା କାନ୍ଥ ତଳେ ।

ତେବେ ପ୍ରଶ୍ନ ଉଠେ ପିଲାଟିର ମୃତ୍ୟୁ ପାଇଁ ଦାୟୀ କିଏ ! ଇଶ୍ୱର ନା ତା ବାପା ? ସବୁବେଳେ ଆମେ ଇଶ୍ୱରଙ୍କୁ କାହିଁକି ଦୋଷ ଦିଅନ୍ତି । ଯେ କୌଣସି ମଣିଷ ନିଜର କର୍ମ ପାଇଁ ଫଳ ଭୋଗିଥାଏ । ପିଲାଟିର ପିଲାଦିନ ଛଡେଇ ନେଇ, ତାର ପିଲାଳିଆମି, ପ୍ରାକୃତିକ ଖୁସି ଆନନ୍ଦକୁ ମାରି ଆମେ ଉତ୍ତମ ଭବିଷ୍ୟତ ଆଳରେ ବିରାଟ ଯୋଜନା ତିଆରି କରନ୍ତି ।


- ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର


# ଆଜିର କବିତା

## ନିଆରା ସମ୍ପର୍କ...

**ସ୍ନିଗ୍ଧା. ଜି. ମହାପାତ୍ର**



କେମିତି ମଣିଷଟିଏ ସିଏ ??
ଶୈଶବରେ ମୋ ଲୁହରେ ତାର ଖୁସି..
ମୋ ଟୋପା ଟୋପା ଲୁହ
ଧାରରେ ଦିଏ ହସି...

ପ୍ରଚେଷ୍ଟା ଜାରି ରହିଥାଏ ସଦା
ମୋ ଜିନିଷକୁ ହାତେଇବାରେ..
ପୁଣି ଫନ୍ଦି ଫିକର କରି
ବାପା ମାଙ୍କ ପାଖେ ତାର
ଉଦାରପଣ ଦେଖେଇବାରେ....

କେବେ ପୁଣି କରେ ସେ ମୋତେ ଗିଟାର..
କେତେବେଳେ ତାର କ୍ରିକେଟ କିପର..
ସେବା ନେବାକୁ ମଉକା
ଖୋଜୁଥାଏ ହୋଇ ସଜ ବାଜ
ଭାବେ ଦାସୀଟିଏ ମୁଁ ତା ଅନେକ ଜନ୍ମର...

ମୋତେ ଦେଖିଦେଲେ
ଗୋଡ଼ରେ ହୁଏ ତା ଦରଜ..
ତା ନିର୍ଦ୍ଦେଶରେ କରୁଥିଲି
ବାପାଙ୍କ ପାଖେ ଗୁହାରି..

ମୋର ଟଙ୍କା ଦରକାର ଅଛି
ଯାହା କି ଅତି ଜରୁରୀ..

କିନ୍ତୁ ଝମ୍ପି ନେଇବାହାରି ଯାଉଥିଲା
ସେ ଚମ୍ପଟ ମାରି..
କହେ ଝିଅ ଲୋ !!!
ତୁ ତୋ ଆମ
ଅଗଣାର 'ପରି'
ଅଭିଯୋଗ କରି ପୁଣି କହେ
ବାପାଙ୍କ ନିବିଡ଼ ଭଲ
ପାଇବା ତୋତେ...

ସହଜରେ ହଜମ ହୁଏନା ମୋତେ....
ସମୟ ପାଦ ଥାପି ଥାପି
ଚାଲିଛି ଆଗକୁ ଆଗକୁ
ଆଉ ସେ ସମୟର ସାଥେ..

ସଂସାର ହାଟରୁ ଆଞ୍ଜୁଳାଏ ଆଞ୍ଜୁଳାଏ ସୁଖ
ତା ଅଣ୍ଟିରେ ସାଉଁଟି
ବଢ଼ାଇ ଦେଇଛି ମୋତେ...
ତା ଦୁଃଖକୁ ବୁକୁ ତଳେ ଲୁଚାଇ ମୋ ପାଇଁ
ଆଣୁଛି ସୁଖ ଆକାଶରୁ
ଜହ୍ନ ତାରା ଯେତେ...

ଦୁଃଖର ସୁନାମି ଆସିଲେ
କହିବାକୁ ପଡୁନି କେବେ.....
ଆଗଭର ହୋଇ ମୋ ପାଇଁ
ଯୁଝୁଛି ସିଏ ଏବେ...

ଚକିତ ହୁଏ ମୁଁ.. ଦେଖେ
ଯେବେ ସେ ମୋ ଆଖିରେ ଲୁହ..
ଅନ୍ତରେ ଉଠୁଛି ତାହାର
ତୁହାକୁ ତୁହା କୋହ...

ମୋ ସୁଖ, ସୁରକ୍ଷା ପାଇଁ
ଏବେ ସେ ବେଶୀ ତତ୍ପର...
ମଧୁର ସମ୍ପର୍କ ସେ ଭାଇ ଭଉଣୀର...
ବନ୍ଧନ ସିନା ସୂତା ଖିଅର...
ଅତୁଟ ସିଏ ଯୁଗ ଯୁଗର...


+ବାରିପଦା
ମୋ. ନ.୮୪୮୦୯୧୧୯୨୭


## ସେଇ ମୁହୂର୍ତ୍ତ...

**ଡଃ ମାଙ୍ଗଳିକା ମହାପାତ୍ର**



ଗୋଟିଏ ମୁହୂର୍ତ୍ତ ଦରକାର
ବଦଳେଇବାକୁ ମଣିଷର ମନ
ଖିନଭିନ ହୋଇ ତୁଟିଯାଏ
ସେବେ ଦେଖିଥିବା ସବୁ ସ୍ୱପ୍ନ

ସେଇ ଗୋଟିଏ ମୁହୂର୍ତ୍ତରେ ମଧ
ବେଳେବେଳେ ଯୋଡ଼ି ହୋଇଯାଏ
ଦୀର୍ଘ ଦିନରୁ ଭାଙ୍ଗି ଯାଇଥିବା ମନ

ବେଳେ ବେଳେ ...
କିଛି ହରାଇ ପାଇବାକୁ ହୁଏ
ବେଳେ ବେଳେ...
ପାଇ ସାରି ବି ଖୋଜିବାକୁ ହୁଏ

ସେଇ ଗୋଟିଏ ମୁହୂର୍ତ୍ତରେ
କାହାର ଜୀବନ ଚାଲିଯାଏ
ବହୁତ୍ କିଛି ପାଇବା ଆଶାରେ
କିଏ ତାର ସର୍ବସ୍ୱ ଅଜାଡ଼ି ଦିଏ

କିଏ କୁହେ ତା ପାଇଁ ସମୟ ନାହିଁ
କିଏ ଅଳି କରେ ଟିକେ ମୁହୂର୍ତ୍ତ ପାଇଁ

କ'ଣ ମହତ୍ତ୍ୱ ଏ ମୁହୂର୍ତ୍ତର
ଯିଏ ନିଭେଇଛି ତା ପାଇଁ ଜାଣିବାର
ଦେବା ନେବାରେ ଚାଲିଛି ଦୁନିଆ
ହେଲେ କିଏ ବଡ଼ ...!!!
ଦେବା ଲୋକ ନା ନେବା ଲୋକ

ନ ଭାବି ଚାଲିଛି ମନ ଦିଆନିଆ

ବିରହରେ ଛଟପଟ ଜୀବନ ବଡ଼
ନା ବିରହ ପରେ ଗୋଟିଏ ମୁହୂର୍ତ୍ତରେ
ହେଉଥିବା ମିଳନ ବଡ ...!!!


ରେଭେନସା ବିଶ୍ୱବିଦ୍ୟାଳୟ

# ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ୫ ଉପସଭାପତି, ୨ ସାଧାରଣ ସଂପାଦକ, ୫ ସଂପାଦକଙ୍କ ତାଲିକା ଘୋଷଣା

ଭୁବନେଶ୍ୱର,୧୮/୮ (ନି.ପ୍ର): ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ସଂଖ୍ୟଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ଆଜି ସଂଖ୍ୟଲଘୁ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ନାମ ତାଲିକା ଘୋଷଣା କରିଛନ୍ତି ।

ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଭାବେ ଶେଖ୍ ରଫିକ୍, ମିର୍ଜା ଜାଫର୍ ବେଗ୍, ଗୁରିନ୍ଦର୍ ସିଂହ, ସଲିମ୍ ଖାନ୍, ମମତା ମହାପାତ୍ର; ରାଜ୍ୟ ସାଧାରଣ ସଂପାଦକ ଭାବେ ବଲବିନ୍ଦର୍ ସିଂହ ଓ ଶେଖ୍ ମହମ୍ମଦ୍ ଜଲାଲୁଦ୍ଦିନ୍ ଆକବର୍; ସଂପାଦକ ଭାବେ ଶେଖ୍ ହସନ୍, ସୋନିଆ ଦାସ୍, ଶାହିଦା ଖାତୁନ୍, ଶେଖ୍ ଗଫୁର୍, ଶେଖ୍ ଚାନ୍ଦ୍; କୋଷାଧକ୍ଷ ଭାବେ ଘାସିରାମ ଜୈନ; ସାମାଜିକ ଗଣମାଧମ ସଂଯୋଜକ ଶେଖ୍ ମେରାଜୁଦ୍ଦିନ୍, ସାମାଜିକ ଗଣମାଧମ ସହ ସଂଯୋଜକ ଭାବେ ମେହେରୁଲ୍ଲା ଶେଖ୍ ଏବଂ କାର୍ଯ୍ୟାଳୟ ସଂପାଦକ ଭାବେ କୈଳାଶ ବେହେରାଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ସଂଖ୍ୟଲଘୁ ମୋର୍ଚ୍ଚାର ସ୍ଥାୟୀ ନିମନ୍ତ୍ରୀତ ସଦସ୍ୟ ଭାବେ ମହମ୍ମଦ ସଫିକ୍, ମହମ୍ମଦ ରଫିକ୍, ମହତାବ ଖାନ୍ ଏବଂ ଅଧାପକ ଅବଦୁଲ୍ ସଲାମ୍‌ଙ୍କୁ ମନୋନୀତ କରାଯାଇଛି ।

ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଗୋଲାମ୍ ଜିଲାନି ହବିବି, ନବ ବେହେରା, ଶେଖ୍ ଅହସାନ୍, ଶେଖ୍ ଜମାଲୁଦ୍ଦିନ, ମହମ୍ମଦ୍ ଗଫୁର ଖାନ୍, ମହମ୍ମଦ୍ ରାଜା, ନାଦିର୍ ରାଜା, ରିୟାଜ୍ ହୁସେନ୍, ମହମ୍ମଦ୍ ସବିର, ଶେଖ୍ ଆୟୁବ ମହମ୍ମଦ, ମେହେମ୍ମୁଦ୍ ଖାନ୍, ହରମିନ୍ଦର୍ ସିଂହ, ପରମଜିତ୍ ସିଂହ ସାନ୍ଧୁ, ଶେଖ୍ ତୋଫାନ, ରୋଜାଲିନ ଯୋଶେଫ୍, ହସରତ୍ ଅଲ୍ଲୀ ଖାନ୍ ଏବଂ ମହମ୍ମଦ୍ ସିରାଜ୍ ଆଲମ୍‌ଙ୍କୁ ମନୋନୀତ କରାଯାଇଛି ବୋଲି ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ପ୍ରେସ ବାର୍ତାରେ ଜଣାଇଛନ୍ତି ।

ସଂଖ୍ୟାଲଘୁ ସଂପ୍ରଦାୟର ସାମୁହିକ ବିକାଶ ପାଇଁ ମୋଦି ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ ତୃଣମୂଳ ସ୍ତରରେ ପହଂଚାଇବା ମୋର୍ଚ୍ଚାର ପ୍ରମୁଖ କାର୍ଯ୍ୟ ହେବ । ଏହା ସହ ରାଜ୍ୟ ସରକାରଙ୍କ ସଂଖ୍ୟାଲଘୁ ସଂପ୍ରଦାୟ ବିକାଶ ବିରୋଧୀ ନୀତି ବିରୁଦ୍ଧରେ ଆଗାମୀ ଦିନରେ ସାରା ରାଜ୍ୟରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଅଲ୍ଲୀ ସୂଚନା ଦେଇଛନ୍ତି ।

# ଉପାନ୍ତ ଅଂଚଳରେ ସୂଚନା ଓ ସଚେତନତାର ପ୍ରସାର ପାଇଁ ୟୁନିସେଫ ସହ ପିଆଇବି, ଆରଓବିର ସହଭାଗିତା

ଭୁବନେଶ୍ୱର,୧୮/୮ (ନି.ପ୍ର): ସୂଚନା ମାଧମରେ ନାଗରିକଙ୍କ ସଶକ୍ତିକରଣ ସମ୍ଭବ। ଏହି ଲକ୍ଷ୍ୟ ନେଇ ରାଜ୍ୟର ଉପାନ୍ତ ଅଂଚଳରେ ବ୍ୟାପକ ସଚେତନତା ତଥା ଜନସମ୍ପର୍କ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୟୁନିସେଫର ସହଭାଗିତାରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ (ଆରଓବି) ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରାଯିବ। ସୂଚନା ଓ ସଚେତନତା ଅଭାବରୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିନଥିବା ଜନସାଧାରଣଙ୍କୁ ସଚେତନ ଓ ସଶକ୍ତ କରାଇବା ଏହି ସହଭାଗିତାର ଉଦ୍ଦେଶ୍ୟ। ଏଥିପାଇଁ ଏକ ଭର୍ଚୁଆଲ ବୈଠକ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ପିଆଇବି ଓ ଆରଓବିର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ, ଆରଓବିର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ୟୁନିସେଫର ଚିଫ୍ ଅଫ୍ ଫିଲ୍ଡ ଅଫିସ ମୋନିକା ନେଲସନ, ଯୋଗାଯୋଗ ଅଧିକାରୀ ରାଧିକା ଶ୍ରୀବାସ୍ତବ, ପିଆଇବିର ଉପନିର୍ଦ୍ଦେଶକ ଗିରୀଶ ଚନ୍ଦ୍ର ଦାଶ, ଆରଓବି ଅଧିକାରୀ ମହେନ୍ଦ୍ର ଜେନାଙ୍କ ସମେତ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧୀନ ବିଭିନ୍ନ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଂଚଳରେ ପିଆଇବି ଓ ଆରଓବିର ସହଭାଗିତାରେ ୟୁନିସେଫର ବିଭିନ୍ନ ଗୋଷ୍ଠୀ ଜନସମ୍ପର୍କ କାର୍ଯ୍ୟକ୍ରମଗୁଡ଼ିକୁ କିଭଳି କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ଯୋଜନା ଏବଂ ସହଭାଗିତାର ଢାଂଚା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଆଂଚଳିକ ଗଣମାଧମ, ଗୋଷ୍ଠୀ ଜନସମ୍ପର୍କ କର୍ମୀ ଆଦିଙ୍କ ସହାୟତା ନେଇ ଆଦିବାସୀ ଓ ଉପାନ୍ତ ଅଂଚଳର ଲୋକମାନଙ୍କ ନିକଟରେ ସଠିକ ସୂଚନା ପହଞ୍ଚାଇ ସେମାନଙ୍କୁ ସଶକ୍ତ କରିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବର୍ତମାନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଭିନ୍ନ ଭିନ୍ନ ଯୋଗାଯୋଗ ମାଧମରେ ସୂଚନାର ପ୍ରସାର କରୁଥିବା ପିଆଇବି ଓ ଆରଓବି ୟୁନିଟଗୁଡ଼ିକ ୟୁନିସେଫର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ବିଶେଷ ସହାୟକ ହୋଇପାରିବେ ବୋଲି ବୈଠକରେ ସହମତି ପ୍ରକାଶ ପାଇଥିଲା।

# ନିଟ୍ ପରୀକ୍ଷା ଦେବା ପାଇଁ ସର୍ବନିମ୍ନ ବୟସ ସୀମା ହ୍ରାସ ଆବେଦନକୁ ଖାରଜ କଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ,୧୮/୮ (ନି.ପ୍ର): ଦିଲ୍ଲୀ ହାଇକୋର୍ଟ ନିଟ୍ ପରୀକ୍ଷା ଦେବା ନିମନ୍ତେ ସର୍ବନିମ୍ନ ବୟସ ସୀମା ହ୍ରାସ ନେଇ ଆବେଦନକୁ ଖାରଜ କରିଛନ୍ତି । ମୁଖ୍ୟ ବିଚାରପତି ଡିଏନ୍ ପଟେଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନକାରୀଙ୍କ ଉପରେ ୧୦ ହଜାର ଜୋରିମାନା ଲଗାଇଛନ୍ତି। ଜଣେ ନାବାଳକ ଛାତ୍ରଙ୍କ ପକ୍ଷରୁ ଦାୟର୍ ଏହି ଆବେଦନ ଉପରେ ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜିବୀ ସୁରେନ୍ଦ୍ର କୁମାର ଯାଦବ କହିଛନ୍ତି ଯେ, ବର୍ତମାନର ପୀଢ଼ି ଅତି ବୁଦ୍ଧିମାନ । ନୂତନ ପୀଢ଼ିକୁ ଦୃଷ୍ଟିରେ ରଖି ସର୍ବନିମ୍ନ ବୟସ ସୀମା ୧୫ ବର୍ଷ କରିଦିଆଯିବା ଆବଶ୍ୟକ। ଆବେଦନରେ କୁହାଯାଇଥିଲା ଯେ, ମେଡ଼ିକାଲ କାଉନସିଲ୍ ଅଫ୍ ଇଣ୍ଡିଆ (ଏମସିଆଇ) ନୋଟିଫିକେସନ ଦ୍ୱାରା ମେଡିକାଲ ଏଣ୍ଟ୍ରାଂନ୍ସ ପରୀକ୍ଷାରେ ସାମିଲ୍ ହେବା ପାଇଁ ସର୍ବନିମ୍ନ ବୟସ ସୀମା ୧୭ ବର୍ଷ କରାଯାଇଛି । ହେଲେ ଏ ପ୍ରକାର ପ୍ରାବଧାନ ଏମସିଆଇ ଆକ୍ଟରେ ନାହିଁ । ଆବେଦନରେ ଆବେଦନକାରୀଙ୍କ ଜନ୍ମ ତାରିଖ ୨୬ ଜାନୁଆରୀ ୨୦୦୬ ଦର୍ଶାଯାଇଛି । ସେ ୨୦୧୯ ରେ ମେଟ୍ରିକ୍ ପାସ୍ କରିଛନ୍ତି । ୨୦୨୧ ରେ ଯୁକ୍ତ ଦୁଇ ପାସ୍ କରିଛନ୍ତି । କିନ୍ତୁ, ସେ ନିଟ୍ ର ପରୀକ୍ଷା ପାଇଁ ୱେବସାଇଟରେ ଆବେଦନ କରିପାରୁନାହାଁନ୍ତି । ଏଥିପାଇଁ ସେ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି । ବୟସ ୧୩ ମାସ କମ୍ ଥିବା କାରଣରୁ ସେ ପରୀକ୍ଷାରେ ସାମିଲ୍ ହୋଇପାରିନାହାଁନ୍ତି । ଏପରି କରି ଆବେଦନକାରୀଙ୍କ ମୌଳିକ ଅଧିକାରକୁ ମଧ କ୍ଷୁର୍ଣ୍ଣ କରାଯାଇଛି ବୋଲି ସେ ଦର୍ଶାଇଛନ୍ତି ।

# ଖରସ୍ରୋତା ନଦୀ ଅଂଚଳ ବୁଲିଲେ ବିଜେପି ପ୍ରତିନିଧି ଦଳ

## ସାଧାରଣ ଜନତା, ଭିତରକନିକା ବହୁ ମାତ୍ରାରେ ପ୍ରଭାବିତ ହେବ : ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର,୧୮/୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ପାନୀୟ ଜଳ ତଥା ଗ୍ରାଉଣ୍ଡ ୱାଟର ଘୋର ସମସ୍ୟା ବହୁ ଦିନରୁ ରହିଛି । ଏପରିକି ସରଫେସ୍ ୱାଟରର ସ୍ଥିତି ମଧ ଅତ୍ୟନ୍ତ ଚିନ୍ତାଜନକ । ଅନପୁଯୁକ୍ତ ଗ୍ରାଉଣ୍ଡ ୱାଟର କ୍ଷେତ୍ରରେ କେନ୍ଦ୍ରାପଡା ଜିଲ୍ଲା ସମଗ୍ର ରାଜ୍ୟରେ ଅଗ୍ରଣୀ ସ୍ଥାନରେ ରହିଛି । ମୌସୁମୀ ସମୟରେ ଜିଲ୍ଲାର ନଦୀମାନଙ୍କରେ ପାଣିର ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି । ଜିଲ୍ଲାର ପ୍ରମୁଖ ଖରସ୍ରୋତା ନଦୀରେ ପାଣି ନାହିଁ । ଅଣମୌସୁମୀ ସମୟରେ ଜିଲ୍ଲାର ସ୍ଥିତି ନିଶ୍ଚିତ ଭାବେ ଅବର୍ଣ୍ଣନୀୟ । ଜିଲ୍ଲାର ସାଧାରଣ ଜନତା ପ୍ରଭାବିତ ହେବା ସହ ବିଶ୍ୱପ୍ରସିଦ୍ଧ ଭିତରକନିକା ମଧ ବହୁ ମାତ୍ରାରେ ପ୍ରଭାବିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ରାଜ୍ୟ ସରକାର ଖରସ୍ରୋତା ନଦୀରୁ ପାଣି ଅନ୍ୟ ଜିଲ୍ଲାକୁ ଦେବାର ଯେଉଁ ଚକ୍ରାନ୍ତ କରୁଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କ୍ଷୋଭ ପ୍ରକାଶ କରି କହିଛନ୍ତି । ଯେଉଁ ପ୍ରକଳ୍ପ ଆଳରେ ଖରସ୍ରୋତା ନଦୀରୁ ପାଣି ଅନ୍ୟ ଜିଲ୍ଲାକୁ ନେବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି, ତାହା ସଂପୂର୍ଣ୍ଣ ଅବାଂଚିତ ଅଟେ । ଲୋକମାନଙ୍କୁ ଧମକ ଚମକ ଦେଇ, ଭୟଭୀତ କରି ରାଜ୍ୟ ସରକାର କେନ୍ଦ୍ରାପଡା ଜିଲ୍ଲାରୁ ପାଣି ଚୋରୀ କରି ଯେଉଁ ଭଳି ଭାବେ ବିଭିନ୍ନ ଓ ବିବିଧ ସୁତ୍ର ଥିବା ସତ୍ୱେ ଭଦ୍ରକ ଜିଲ୍ଲାକୁ ପାଣି ଦେବା ଅତ୍ୟନ୍ତ ଚିନ୍ତାଜନକ ।

ରାଜ୍ୟ ସରକାର ଯଦି ବାସ୍ତବରେ ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଛନ୍ତି, ତାହେଲେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ଜନଶୁଣାଣୀ ଜରିଆରେ ପ୍ରକଳ୍ପ କାର୍ଯ୍ୟ କରିବା ଉଚିତ୍ । ମାତ୍ର ରାଜ୍ୟ ସରକାର ତାକୁ ନକରି ବର୍ବରୋଚିତ ଭାବେ ଶକ୍ତି ପ୍ରଦର୍ଶନ କରି ସାଧାରଣ ଲୋକଙ୍କୁ ଗିରଫ କରିବା ଅତ୍ୟନ୍ତ ନିନ୍ଦନୀୟ । ରାଜ୍ୟ ସରକାର ସର୍ବପ୍ରଥମେ ସାଧାରଣ ଜନତାଙ୍କ ଦାବୀକୁ ସମ୍ମାନ ଜଣାଇବା ଉଚିତ୍ ବୋଲି ଶ୍ରୀ ହରିଚନ୍ଦନ ଦାବୀ କରିଛନ୍ତି ।

ଶ୍ରୀ ହରିଚନ୍ଦନଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି କେନ୍ଦ୍ରାପଡା ଜିଲ୍ଲା ଗସ୍ତ କରି ଖରସ୍ରୋତା ନଦୀ ଅଂଚଳ ବୁଲି ବାସ୍ତବ ସ୍ଥିତି ନିରୀକ୍ଷଣ କରିଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା ଓ ଅନୀତା ଶୁଭଦର୍ଶୀନି, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ରାଜ୍ୟ ମୁଖପାତ୍ର ଡ.ଯତୀନ ମହାନ୍ତି, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦଳଗୋବିନ୍ଦ ନାୟକ, ଭୂବନ ମୋହନ ଜେନା, ବିଷ୍ଣୁ ଦାଶ, ଅଲେଖ ଜେନା, ଜିଲ୍ଲା ସଭାପତି କିଶୋର ପଣ୍ଡାଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ଥିଲେ ।

# ସୂଚନା ପ୍ରଦାନ, ସ୍ୱଚ୍ଛତା ସୂଚକରେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୧ ନମ୍ବର

ଭୁବନେଶ୍ୱର,୧୮/୮ (ନି.ପ୍ର): ଓଡ଼ିଶା ପ୍ରଦ୍ୟୁଷଣ ନିୟନ୍ତ୍ରଣ ପରିଷଦ ଜାତୀୟ ସ୍ତରରେ ୧ ନମ୍ବର ସ୍ଥାନ ହାସଲ କରିଛି। ସେବା ସମ୍ବନ୍ଧୀୟ ସୂଚନା ପ୍ରଦାନ ଏବଂ ସ୍ୱଚ୍ଛତା ପାଇଁ ସର୍ବଭାରତୀୟ ସ୍ତରରେ ପରିଷଦକୁ ଏହି ସଫଳତା ମିଳିଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦ୍ୟୁଷଣ ବୋର୍ଡର ସଦସ୍ୟ ସଂପାଦକ ଡ଼ଃ କେ ମୁରୁଗେସାନ୍ ଜଣାଇଥିବା ତଥ୍ୟରୁ ଏହା ଜଣାପଡିଛି । ଏହି ସଫଳତା ପାଇଁ ପରିଷଦର ସମସ୍ତ ଅଧିକାରୀ ଏବଂ କର୍ମକର୍ତାଙ୍କୁ ସାଧୁବାଦ ଜଣାଇବା ସହ ପ୍ରାକୃତିକ ପରିବେଶ ପରିଚାଳନାରେ ସମସ୍ତପକ୍ଷଙ୍କୁ ସାମିଲକରି ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ସଚେତନତା ବୃଦ୍ଧି ଓ ବିଭିନ୍ନ ପକ୍ଷଙ୍କ ସଂପୃକ୍ତି ମାଧମରେ ପରିବେଶ ନିୟନ୍ତ୍ରଣ ପ୍ରବର୍ତନ ଏବଂ ଏହାର ଅନୁପାଳନ ଅଧିକ ସହଜ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ସ୍ୱଚ୍ଛତା ବର୍ଗୀକରଣ ବିଷୟରେ ସୂଚନା ଦେଇ ଡ଼ଃ ମୁରୁଗେସାନ୍ କହିଥିଲେ ଯେ ବିଜ୍ଞାନ ଓ ପରିବେଶ କେନ୍ଦ୍ରଙ୍କ ଦ୍ୱାରା ଏହି ଜାତୀୟ ସ୍ତରର ଅନୁଧ୍ୟାନ କରାଯାଇଥିଲା । ଏଥିରେ ଦେଶରେ କାର୍ଯ୍ୟ କରୁଥିବା ୩୧ ଟି ରାଜ୍ୟ ପ୍ରଦ୍ୟୁଷଣ ବୋର୍ଡ ଏବଂ କେନ୍ଦ୍ରଶାସିତ ଅଂଚଳର ପ୍ରଦ୍ୟୁଷଣ ନିୟନ୍ତ୍ରଣ କମିଟିମାନଙ୍କର କାର୍ଯ୍ୟର ଅନୁଶୀଳନ କରାଯଇଥିଲା ।

# ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ଅନୁମତି: ଦୁଇଟି ପର୍ଯ୍ୟାୟରେ ଖର୍ଚ୍ଚ ହେବ ୬୦.୭୨କୋଟି

ଭୁବନେଶ୍ୱର,୧୮/୮ (ନି.ପ୍ର): ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କର୍ମଭୂମି ସତ୍ୟବାଦୀରେ ନିର୍ମାଣ ହେବାକୁ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପ୍ରଶାସନିକ ଅନୁମତି ଦେଇଛି। ଓବିସିସି ଦ୍ୱାରା ଏହି ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ଯେଉଁ ଖର୍ଚ୍ଚ ଆକଳନ ହୋଇଥିଲା ତାହାକୁ ଉଚ୍ଚ ଶିକ୍ଷା ବିଭାଗ ବହନ କରିବାକୁ ରାଜି ହୋଇଛି। ହେଲେ ଦୁଇଟି ପର୍ଯ୍ୟାୟରେ ୬୦.୭୨କୋଟି ଟଙ୍କା ଦେବ ବୋଲି ଉଚ୍ଚଶିକ୍ଷା ବିଭାଗ କହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଓବିସିସି ଏହି ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ କରିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୩୯.୧୬କୋଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୧.୫୬କୋଟି ଦିଆଯିବ। କାମ ଠିକ୍ ସମୟରେ ଶେଷ ହେଲେ ବାକି ୨% ଅର୍ଥ ଦିଆଯିବ ବୋଲି ସର୍ତ୍ତ ରଖାଯାଇଛି। ଉଚ୍ଚଶିକ୍ଷା ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ଓବିସିସି ୬୧.୭୩କୋଟି ଟଙ୍କାର ଖର୍ଚ୍ଚ ଆକଳନ ପ୍ରସ୍ତୁତ କରିଥିଲା। ପ୍ରଥମ ପର୍ଯ୍ୟାୟରେ ୩୯.୮୧କୋଟି ଟଙ୍କା, ଦ୍ୱିତୀୟ ପର୍ଯ୍ୟାୟରେ ୨୧.୯୨କୋଟି ଖର୍ଚ୍ଚ ହେବ ବୋଲି ପ୍ରସ୍ତାବ ଦେଇଥିଲା। ଏହାକୁ ଅର୍ଥ ବିଭାଗ ଅନୁମୋଦନ କରିବା ପରେ ଆମେ ଅର୍ଥ ଦେବାକୁ ସହମତି ଜଣାଇଛୁ। କିନ୍ତୁ ଦୁଇଟି ପର୍ଯ୍ୟାୟରେ ଆମେ ପ୍ରାୟ କୋଟିଏ ଟଙ୍କା କାଟିକି ରଖିବୁ। ଯଦି ଓବିସିସି ଧାର୍ଯ୍ୟ ସମୟରେ ନିର୍ମାଣ କାର୍ଯ୍ୟ ଶେଷ କରିବ ତେବେ ଏହି କୋଟିଏ ଟଙ୍କା ଦେବୁ। ନଚେତ୍ ଏହା ଦିଆଯିବନି। ଆମେ ସେହି ଅନୁଯାୟୀ ପ୍ରଶାସନିକ ଅନୁମତି ଦେଇଛୁ।

# କୋଟିଆ ପ୍ରସଙ୍ଗରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ପିସିସି ସଭାପତି

ଭୁବନେଶ୍ୱର,୧୮/୮ (ନି.ପ୍ର): ଗତକାଲି ଦଳମତ ନିର୍ବିଶେଷରେ ଯେଉଁଭଳି ଭାବରେ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଏବଂ କୋରାପୁଟ ଜିଲ୍ଲାର ବିଧାୟକବନ୍ଧୁ ଏବଂ ରାଜ୍ୟ ପ୍ରଶାସନ କୋରାପୁଟର କୋଟିଆ ବିବାଦ ପ୍ରସଙ୍ଗରେ ମିଳିତ ଭାବରେ ଆନ୍ଧ୍ର ପ୍ରଶାସନ ଓ ରାଜନେତା ମାନଙ୍କୁ ପ୍ରତିହିତ କଲେ ତାହାହିଁ ସମୟ ଓ ପରିସ୍ଥିତିର ଆବଶ୍ୟକତା ଥିଲା ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିବା ସହ କୋଟିଆ ବିବାଦ ପ୍ରସଙ୍ଗରେ ଏକଜୁଟ ହୋଇଥିବା ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଏବଂ ରାଜ୍ୟ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି କୋଟିଆ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଓ ଏଥିପ୍ରତି ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଯେଉଁ ଅଯଥା ବିବାଦ ସୃଷ୍ଟିକରୁଛି ତାହାକୁ ବହୁପୂର୍ବରୁ ଏହିଭଳି ଢଙ୍ଗରେ ପଣ୍ଡ କରିବାର ଆବଶ୍ୟକତା ଥିଲା। ଆମର ସଂକୀର୍ଣ୍ଣ ରାଜନୈତିକ ମାନସିକତା ଏବଂ ସ୍ୱାର୍ଥପରତା ଯୋଗୁଁ ଆଜି ଆମେ ମହାନଦୀର ହକ ଜଳ ପାଇବାରୁ ବଂଚିତ ହେଲୁ ଏବଂ ପୋଲଭରମ ଜଳପ୍ରକଳ୍ପ ଭଳି ଘଟଣାର ପୁନରାବୃତି ନଘଟୁ। ଓଡ଼ିଶାର ସ୍ୱାର୍ଥକୁ ସର୍ବାଗ୍ରେ ରଖି ମଧୁବାବୁ, ଗୋପବନ୍ଧୁଙ୍କୁ ସ୍ମରଣ କରି ଓଡ଼ିଶାର ମାଟିକୁ ରକ୍ଷା କରିବା ପାଇଁ ସମସ୍ତେ ଆପ୍ରାଣ ଉଦ୍ୟମ କରିବା ଉଚିତ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ସ୍ୱାସ୍ଥ୍ୟ ସେବା ନାଁରେ ଟିକସ ଦାତାଙ୍କ ଅର୍ଥ ହରିଲୁଟ କରୁଛନ୍ତି ସରକାର : କଂଗ୍ରେସ

ଭୁବନେଶ୍ୱର,୧୮/୮ (ନି.ପ୍ର): ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛି କଂଗ୍ରେସ। ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର ଦର୍ଶାଇଛନ୍ତି ଯେ ନିର୍ବାଚନ ଆସିଲେ ବିଜୁ ଜନତା ଦଳ ସରକାରର ବିଭିନ୍ନ ଯୋଜନା କଥା ମନେପଡ଼ିଥାଏ। ଏହି ମର୍ମରେ ୭୫ତମ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ର ସ୍ମାର୍ଟକାର୍ଡ ପ୍ରଚଳନ କରି ଓଡ଼ିଶାର ୩କୋଟି ୩୦ଲକ୍ଷ ହିତାଧିକାରୀ, ପୁରୁଷଙ୍କୁ ୫ଲକ୍ଷ ଓ ମହିଳାଙ୍କୁ ୧୦ଲକ୍ଷ ହିସାବରେ ଲାଭ ମିଳିବ ବୋଲି ୨୦୧୮ ମସିହା ଅଗଷ୍ଟ ୧୫ ତାରିଖରେ ଘୋଷଣା କରିଥିବା ପୂରୁଣା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନୂଆ ରୂପ ଦେଇଛନ୍ତି ଯାହାକି ଆଗାମୀ ପଂଚାୟତ ଓ ପୌରନିର୍ବାଚନକୁ ଲକ୍ଷ ରଖି ପୁରୁଣା ବହିରେ ନୂଆ ମଲାଟ ମଡ଼ାଇଛନ୍ତି। ଦୀର୍ଘ ଦୁଇଦଶନ୍ଧିରେ ଶାସନରେ ରହିମଧ ସରକାର ନୂଆ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାତ ଦୂରର କଥା ଅଧିକାଂଶ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ନାହାନ୍ତି।

ସରକାରଙ୍କ ଆତ୍ମଘୋଷଣା ସର୍ବସ୍ୱ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣରେ ୧୮୩ ଗୋଟି ପଂଜିକୃତ ଘରୋଇ ଚିକିତ୍ସାଳୟ ଓ ଓଡ଼ିଶାର ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସରକାରୀ ମେଡିକାଲ କଲେଜ ହସପିଟାଲରେ ୭୦ ଲକ୍ଷରୁ ଉର୍ଦ୍ଧ ପରିବାର ପିଛା ବାର୍ଷିକ ୫ ଲକ୍ଷ ଓ ମହିଳା ସଦସ୍ୟ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ସୁବିଧା ପାଇପାରିବେ। ଏହି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୧୩୫୩ କୋଟି ଟଙ୍କାକୁ ମିଶାଇ ବିଗତ ତିନିବର୍ଷରେ ସରକାର ତିନି ହଜାର କୋଟି ଟଙ୍କା ଅର୍ଥ ବରାଦକରି ଖର୍ଚ୍ଚ କରିଛନ୍ତି। ବିଧାନ ସଭାରେ ଗତ ୧୫.୩.୨୦୨୧ ରେ ସରକାରଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁହେବା ଠାରୁ ରାଜ୍ୟରେ କେତେ ପୁରୁଷ ଓ ମହିଳା ହିତାଧିକାରୀ ଉପକୃତ ହୋଇଥିବା ପ୍ରଶ୍ନର ଜବାବରେ ସରକାରଙ୍କ ଉତର ରାଜ୍ୟବାସୀଙ୍କୁ ବିସ୍ମିତ କରିଛି। ସରକାରଙ୍କ ଜବାବ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ ହେବା ଠାରୁ ରାଜ୍ୟରେ ୧୫ କୋଟି ୬୦ଲକ୍ଷ ୮୮୪ ଜଣ ପୁରୁଷ ଓ ମହିଳା ଉପକୃତ ହୋଇଛନ୍ତି। ଏହି ସଂଖ୍ୟାକୁ ଆଧାର କରି କଂଗ୍ରେସ ମୁଖପାତ୍ର ଶ୍ରୀ ମହାପାତ୍ର ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ ମାତ୍ର ୨ ବର୍ଷ ୬ ମାସ ମଧରେ ଓଡ଼ିଶାର ସମୁଦାୟ ଜନସଂଖ୍ୟାର ୪ ଗୁଣା ଲୋକ ଏହି ଯୋଜନାର ଲାଭାର୍ଥି ହେଲେ କିପରି ? ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ କଲ୍ୟାଣ ହିତାଧିକାରୀଙ୍କ ହିସାବରୁ ସ୍ପଷ୍ଟ ବୁଝାପଡୁଛି ସରକାର କେଉଁଭଳି ଭାବେ ଭୂତ ହିତାଧିକାରୀ ଲାଭାର୍ଥିଙ୍କ ତାଲିକା ପ୍ରସ୍ତୁତ କରିଛନ୍ତି ଓ ଏଥିରେ ଦୁର୍ନୀତିର ସ୍ପଷ୍ଟ ଗନ୍ଧ ଜଣାପଡୁଛି। ଏଣୁ ସରକାର ମାନିଥିବା ପିସି କାରବାର ଅନୁଯାୟି ଏହି ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମଧ ବ୍ୟାପକ ଘୋଟାଲା ହୋଇଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କେଉଁମାନେ ପ୍ରକୃତ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାର ଲାଭାର୍ଥି ତାର ସିଏଜି ଅଡିଟ କରିବା ସହିତ ଏହାର ସ୍ୱଚ୍ଛତା ପାଇଁ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି କଂଗ୍ରେସ କହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ରଜନୀ ମହାନ୍ତି ଓ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।

# ଷ୍ଟାଫ ସିଲେକ୍ସନ କମିଶନ ଦୁର୍ନୀତିର ତଦନ୍ତ ଭାର ସିବିଆଇକୁ ଦିଆଯାଉ: ବାବୁ ସିଂ

ଭୁବନେଶ୍ୱର,୧୮/୮ (ନି.ପ୍ର): ଓଡିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସଏସସି)ର ଚାକିରୀ ଦୁର୍ନୀତି ମାମଲାର ସିବିଆଇ ତଦନ୍ତ କରିବାକୁ ଦାବି କରିଛି ବିଜେପି। ଓଏସଏସସି ର ଦୁର୍ନୀତିରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ସମ୍ପୃକ୍ତ ଥିବାରୁ ଏହାର ତଦନ୍ତ ଭାର ସିବିଆଇକୁ ଦେବା ଲାଗି ଏହି ପ୍ରସଙ୍ଗ ନେଇ ମଙ୍ଗଳବାର ଦିନ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଓଏସଏସସି କାର୍ଯ୍ୟାଳୟ ଘେରାଉ କରାଯାଇଛି। ପାୱାର ହାଉସ ଛକଠାରୁ ଏକି ବିଶାଳ ଶୋଭାଯାତ୍ରା ବାହାର କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ଯେ ରାଜ୍ୟରେ ସରକାରୀ ନିଯୁକ୍ତି ଛାତ୍ରଛାତ୍ରୀଙ୍କ ମେଧା ପରିବର୍ତେ ଟଙ୍କା କାରବାର ମୁଖ୍ୟ ଯୋଗ୍ୟତା ହୋଇଛି । ଓଡିଶା ଷ୍ଟାଫ ସିଲେକ୍ସନ କମିଶନ ବର୍ତମାନ ଚାକିରୀ ବିକ୍ରି କମିଶନରେ ପରିଣତ ହୋଇସାରିଛି । ଟଙ୍କା ଦେଲେ ରାଜ୍ୟରେ ଚାକିରୀ ମିଳୁଛି । ଏହା ଫଳରେ ଅନେକ ଶିକ୍ଷିତଯୁବକ ଯୁବତୀଙ୍କ ଦକ୍ଷତା ଥାଇ ବି ସେ ଓଡିଶାରେ ଚାକିରୀ ନପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ବାଧ ହେଉଛନ୍ତି । ଓଡିଶା ସରକାରେ ମୋ ସରକାର ୫-ଟି ସ୍ୱତନ୍ତ୍ର ବିଭାଗ ହେଲା ପରେ ରାଜ୍ୟରେ ଦୁର୍ନୀତି ବୃଦ୍ଧି ହୋଇଛି । ଏହି ବିଭାଗ ସମସ୍ତ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଆଇନସିଦ୍ଧ କରି ଦୁର୍ନୀତିରେ ସଂପୃକ୍ତ ପ୍ରଶାସନ ଅଧିକାରୀ ଓ ଶାସକଦଳର ନେତାଙ୍କୁ ସୁରକ୍ଷା ଦେଉଛି । ବହୁଚର୍ଚ୍ଚିତ ବିରଂଚି ସାହୁଙ୍କ ପଛରେ ବହୁ ପ୍ରଭାବଶାଳୀ ତଥା ଧଳା ହାତୀଙ୍କ ପ୍ରତ୍ୟକ୍ଷ ହାତ ରହିଛି । ରାଜ୍ୟ ଷ୍ଟାଫ ସିଲେକ୍ସନ କମିଶନ ଦୁର୍ନୀତିର ଚେର ଲୋକସେବା ଭବନର ତୃତୀୟ ମହଲା ଯାଏଁ ବ୍ୟାପି ରହିଛି । ବିରଂଚି ସାହୁ ସାମ୍ନାକୁ ଆସିବା ପରେ ରାଜ୍ୟ ସରକାର ଘଟନାକୁ ଚାପି ଦେବା ପାଇଁ ସମସ୍ତ ପ୍ରକାରର କୌଶଳ ଆପଣାଇବା ଆରମ୍ଭ କରିଦେଇଛି । ଯିଏ ଏହି ଦୁର୍ନୀତି କରିଛି, ସେ କେମିତି ଏହାର ତଦନ୍ତ କରିବ ବୋଲି ଜିଲ୍ଲା ସଭାପତି ଶ୍ରୀ ସିଂ ପ୍ରଶ୍ନ କରିଛନ୍ତି । ଏହି ଦୁର୍ନୀତିରେ ବହୁ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ସଂପୃକ୍ତି ଥିବାରୁ ଘଟଣାର ତଦନ୍ତ ଭାର ସିବିଆଇକୁ ଦିଆଯାଉ, ନଚେତ ଏକ ବିପ୍ଳବ ସଂଗଠିତ ହେବ ବୋଲି ଶ୍ରୀ ସିଂ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇ କହିଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ଜିଲ୍ଲା ସାଧାରଣ ସଂପାଦକ ହିମାଂଶୁ ଶେଖର ଛୋଟରାୟ, ଅଭିଷେକ ଆଚାର୍ଯ୍ୟ, ଦିଲୀପ ବେହେରା, ନାରୀ ନେତ୍ର ସୁବାଷିନୀ ପୃଷ୍ଟି, ଜିଲ୍ଲା ଉପସଭାନେତ୍ରୀ ମାନସୀ ରାୟ ପାଢୀ, ଶିବ ବେହେରା, ଯୁବମୋର୍ଚ୍ଚା ରାଜ୍ୟ ସଂପାଦକ ମନୋଜ ପର୍ଶିମକବାଟ, ଜିଲ୍ଲା ସଂପାଦକ ତାପସ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ ।

# ସେପ୍ଟେମ୍ବର ୩୦ ସୁଦ୍ଧା ୬୩,୫୦୦ ଶିକ୍ଷକ ପାଇବେ ପଦୋନ୍ନତି

ଭୁବନେଶ୍ୱର ,୧୮/୮ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଆଜି ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷାଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ କହିଛନ୍ତି ଯେ ଏଣିକି ଜିଲ୍ଲା ଶିକ୍ଷା ଅଧିକାରୀମାନେ ସଂପୃକ୍ତ ଜିଲ୍ଲାରେ ଥିବା ଓଡ଼ିଶା ଆଦ ର୍ଶ ବିଦ୍ୟାଳୟଗୁଡ଼ିକର ସମସ୍ୟାଗୁଡ଼ିକୁ ତଦାରଖ କରିବେ ଏବଂ ବିଭାଗର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଇବେ । 'ମୋ ସ୍କୁଲ' କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ବ୍ଲକ୍ ଅର୍ଭୁକ୍ତ ହୋଇଯାଇଛି । ଏଥିରେ ୩୨ ହଜାର ୪୪୭ଟି ବିଦ୍ୟାଳୟ ସାମିଲ ହୋଇଛି। ୧୧୨୩ ହାଇସ୍କୁଲରେ ରୂପାନ୍ତରଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଅଛି । ବହୁସଂଖ୍ୟାରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ 'ମୋ ସ୍କୁଲ' ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ମଧ ନିଷ୍ପତି ନିଆଯାଇଛି । ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ/ଇ-ଲାଇବ୍ରେରୀ/ଲାବୋରେଟୋରୀକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରାଯିବ । ଏଥିପାଇଁ ପ୍ରତି ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର ଭାବେ ଇ-କଂଟେଟ୍ ସମୃଦ୍ଧ କରାଯିବ । ସ୍କୁଲଗୁଡ଼ିକର ରକ୍ଷଣାବେକ୍ଷଣ ସହ ମଧାହ୍ନ ଭୋଜନ ଏବଂ ରୋଷେଇ, ବଗିଚାର କାର୍ଯ୍ୟ ପ୍ରାୟ ୧୫ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପ୍ରଦାନ କରାଯିବ । ସମସ୍ତ ବିଦ୍ୟାଳୟ କୋଠାରେ ଏକ ପ୍ରକାର ରଙ୍ଗ ବ୍ୟବହାର କରାଯିବ । ଇତି ମଧରେ ପ୍ରାୟ ସମସ୍ତ ଆଦର୍ଶ ବିଦ୍ୟାଳୟ ପାଇଁ ଜମି ମିଳିଛି । ତେଣୁ ସବୁଠାରେ ଯୁଦ୍ଧକାଳୀନ ଭିତିରେ କାମ ଆଗେଇ ଚାଲିଛି । ଆଗାମୀ ବର୍ଷଠାରୁ ଆଦର୍ଶ ବିଦ୍ୟାଳୟରେ ଯେପରି ଶତପ୍ରତିଶତ ପିଲା ପାସ୍ ହେବେ ସେଥି ପାଇଁ ଅଧକ୍ଷମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଯେହେତୁ ଏକାଦଶ ଏବଂ ଦ୍ୱାଦଶ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ରେ ଅଛି ତେଣୁ ଜିଲ୍ଲା ଶିକ୍ଷା ଅଧିକାରୀମାନେ ବିଧିବଦ୍ଧ ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟର ତଦାରଖ କରିବା ସହ ବିଭାଗର ସମସ୍ତ ନିର୍ଦ୍ଦେଶ ପ୍ରତିପାଳନ କରିବେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଯୋଜନା) ଏଥି ପାଇଁ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଆଗାମୀ ସେପେଟମ୍ବର ମାସ ସୁଦ୍ଧା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିଭିନ୍ନ ବର୍ଗରେ ଥିବା ୬୩ ହଜାର ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି କରାଇବେ । ଅନ୍ୟାନ୍ୟ ନିର୍ଦ୍ଦେଶଗୁଡ଼ିକୁ ପ୍ରତିପାଳନ କରିବା ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କୁ ନେଇ ନିୟମିତ ବୈଠକ କରାଯିବ । ଚଳିତ ବର୍ଷଠାରୁ ନବମ ଓ ଦଶମ ଶ୍ରେଣୀର ସାହିତ୍ୟ ବହିରେ ଛାତ୍ରଛାତ୍ରୀମାନଙ୍କର ଜାତୀୟତାବୋଧ ପାଇଁ ବନ୍ଦେ ଉତ୍କଳ ଜନନୀ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି । ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭକୁ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚାଇବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀମାନେ ସେମାନଙ୍କର ମୋବାଇଲ୍ ନମ୍ବର ସଂଗ୍ରହ କରିବେ । ବିଭିନ୍ନ ସାମାଜିକ ବାର୍ତାଗୁଡ଼ିକୁ ନିର୍ଦ୍ଧାରିତ ହୋଡିଙ୍ଗ ମାଧମରେ ସ୍କୁଲର ମୁଖ୍ୟ ସ୍ଥାନମାନଙ୍କରେ ଲଗାଇବେ । ଆଗାମୀ ସେପେଟମ୍ବର ୧ ତାରିଖରେ ମାଧମିକ ଶିକ୍ଷକ ଚାକିରିରେ ନିଯୁକ୍ତି ପାଇଁ ଓଡ଼ିଶା ମାଧମିକ ଶିକ୍ଷା ଯୋଗ୍ୟତା ପରୀକ୍ଷା (ଓଏସ୍ଏସ୍‌ଟିଇଟି)କୁ ମାଧମିକ ଶିକ୍ଷା ପରିଷଦ ଦ୍ୱାରା କରାଯିବ। ଏହାର ଯଥାର୍ଥ ପରିଚାଳନା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଣିକି ନିରନ୍ତର ଭାବରେ ଶିକ୍ଷାର୍ଥୀମାନଙ୍କର ମୂଲ୍ୟାଙ୍କନ ପାଇଁ ୟୁନିଟ୍ ଟେଷ୍ଟ କରାଯିବ। ସେଥିପାଇଁ ମାଧମିକ ଶିକ୍ଷା ପରିଷଦ ସମସ୍ତ ଜିଲ୍ଲା ରିସୋର୍ସ ଗ୍ରୁପ୍ ଜରିଆରେ ପ୍ରଧାନ ଶିକ୍ଷକମାନଙ୍କ ପ୍ରଶିକ୍ଷଣକୁ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏସ୍ଇଆରଟି ମାଧମରେ ଛାତ୍ରଛାତ୍ରୀମାନଙ୍କୁ କରୋନା କାଳରେ ପରୀକ୍ଷାମୂଳକ ଭାବେ ସେମାନଙ୍କ ବାସସ୍ଥାନ ନିକଟରେ ପଢ଼ା ଯାଉଛି। ଏହା ନିତି ଆୟୋଗ ଦ୍ୱାରା ପ୍ରଶଂସିତ ହୋଇଛି । ବ୍ଲକ୍ ଶିକ୍ଷା ଅଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ତଦାରଖ କରିବେ। ମଧାହ୍ନ ଭୋଜନ ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀମାନେ ମଧାହ୍ନ ଭୋଜନ ଚାଉଳ ଉଠାଇବେ। ଜିଲ୍ଲା ଶିକ୍ଷା ଅଧିକାରୀମାନେ କାର୍ଯ୍ୟ ଦକ୍ଷତା ଗ୍ରେଡିଙ୍ଗ ଇନ୍‌ଡେକ୍ସ (ପିଜିଆଇ) ପରଫର୍ମାନ୍ସର ଉନ୍ନତି ପାଇଁ ପ୍ରଚେଷ୍ଟା କରିବେ। ଏହାଛଡ଼ା ଭିତିଭୂମି ଏବଂ କୋଠାବାଡ଼ି ଉନ୍ନୟନରେ ଦିଆଯାଇଥିବା ଟଙ୍କା ଖୁବ୍‌ଶୀଘ୍ର ସଠିକ୍ ସମୟରେ ସଦୁପଯୋଗ କରିବା ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବିଭାଗୀୟ ବରିଷ୍ଠ ପଦାଧିକାରୀବୃନ୍ଦଙ୍କ ସମେତ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ ।

## ନବମ ରାଷ୍ଟ୍ରପତି-ଡକ୍ଟର ଶଙ୍କର....

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏହାପରେ ଶଙ୍କର ଦୟାଳ ଆନ୍ଧ୍ରପ୍ରଦେଶ, ପାବ ଓ ମହାରାଷ୍ଟ୍ରର ରାଜ୍ୟପାଳ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ। ଆନ୍ଧ୍ରର ରାଜ୍ୟପାଳ ଥିବା ସମୟରେ ଉଗ୍ରପନ୍ଥୀମାନେ ତାଙ୍କ ଝିଅ ଗୀତାଳି ଓ ଜ୍ୱାଇଁ ଲଳିତମାକନଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଦୁଃଖକୁ ସେ ଧୈର୍ଯ୍ୟର ସହିତ ସହିଗଲେ। ୧୯୮୭ ମସିହା ଜୁଲାଇ ମାସରେ ସେ ଭାରତର ଅଷ୍ଟମ ଉପରାଷ୍ଟ୍ରପତି ହେଲେ। ଏହି ସମୟରେ ଭାରତର ପ୍ରଧାନ ମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ । ମାଆ ସମ୍ପତ୍ ଦେବୀଙ୍କ ମନରେ ଚିନ୍ତା ପଶିଛି । ସେ ଆଉ ପୁଅ ମନ ପସନ୍ଦର ଲଡ୍ଡୁ, ବାଇଗଣ ଭର୍ତ୍ତା, ଆମ୍ବ ଓ ସୀତାଫଳ ଖୁଆଇ ପାରିବେନି। ସବୁ ଖାଦ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ଓ ନୀରିକ୍ଷା ହେବ। ସେ ଅବୁଝା ମାଆର ପୁଅ ଆମ ଭାରତର ନବମ ରାଷ୍ଟ୍ରପତ ଡକ୍ଟର ଶଙ୍କର ଦୟାଳ ଶର୍ମା।

ଶଙ୍କର ଦୟାଳ ଶର୍ମା ରାଷ୍ଟ୍ରପତି ନିର୍ବାଚନରେ ରାମଜେଠାମାଳିନୀ ଓ ଯୋଗିନ୍ଦର ସିଂହ ଧରତିପାପକଡଙ୍କ ସହିତ ଲଢିଲେ ଏବଂ ୬ ଲକ୍ଷ ୭୫ ହଜାର ୮ ଶହ ଚଉଷଠି ଭୋଟ ପାଇଁ ନବମ ରାଷ୍ଟ୍ରପତି ଭାବେ ୧୯୯୨ ମସିହା ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିଥିଲେ। ତାଙ୍କର ଅଗାଧ ଜ୍ଞାନ ପାଇଁ ଦେଶ ତଥା ବିଦେଶର ବହୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ସମୟର ସଦୁପେଯୋଗ ସହିତ ଲେଖିବା ଓ ପଢିବା ଥିଲା ତାଙ୍କ ଜୀବନର ନିଶା। ସେ ଅଧିକ ଶୁଣନ୍ତି କମ୍ କଥା କୁହନ୍ତି। ସେ ସମସ୍ତ ବିଚାର ବିବେକ ଦ୍ୱାରା କାର୍ଯ୍ୟ କରୁଥିଲେ। ଶଙ୍କର ଦୟାଳ ଦେଶ କଥା ବୁଝିବା ସହିତ ନିଜ ପରିବାରର କଥା ମଧ୍ୟ ବୁଝୁଥିଲେ। ନିଜର ମାତୃଭୂମି ପାଇଁ ବହୁ କାର୍ଯ୍ୟ କରି ୧୯୯୭ ମସିହା ଜୁଲାଇ ୨୫ ତାରିଖ ସେ ରଷ୍ଟ୍ରପତି ପଦରୁ ଅବସର ଗ୍ରହଣ କଲେ। ସବୁଦିନପାଇଁ ରାଷ୍ଟ୍ରପତିଭବନର ସୌନ୍ଦର୍ଯ୍ୟକୁ ପଛରେ ପକାଇ ଦିଲ୍ଲୀ ସ୍ଥିତ ତେଇଶି ସଂପଦର ଜଙ୍ଗ ବାସ ଭବନରେ ନିଜର ପରିବାର ସହିତ ରହି ଦେଶ ସେବା ଜନହିତକର କାର୍ଯ୍ୟ ରେମନ ପ୍ରାଣ ଢାଳୀ ଦେଲେ। ସେଦିନ ଥିଲା ୧୯୯୯ ମସିହା ଡିସେମ୍ବର ମାସ ୨୬ ତାରିଖ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡିଲା ।

ଡାକ୍ତର ଙ୍କର ବହୁ ଚେଷ୍ଟା ସତ୍ୱେ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା । ତାଙ୍କର ମର ଶରୀରକୁ ଯମୁନା ନଦୀକୂଳରେ ୨୧ ଥର ତୋପ ସଲାମୀ ଓ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟଦାରେ ବେଦ ମନ୍ତ୍ର ପାଠ ଦ୍ୱାରା ଦାହ କରାଗଲା । ତାଙ୍କର ପୁତ୍ର ଆସୁତୋଷ ଶର୍ମା ମୁଖାଗ୍ନି ଦେବା ସମୟରେ ମାଆ ସମ୍ପତ୍ ଦେବୀ ଉପସ୍ଥିତ ଥିଲେ। ଶଙ୍କର ଦୟାଳ ହଜିଗଲେ ସତ ମାତ୍ର ତାଙ୍କର କାର୍ଯ୍ୟ ପାଇଁ ସେ ଚିରଦିନ ଭାରତ ମାତାର ବରପୁତ୍ର ଭାବେ ଅମର ହୋଇ ରହିଗଲେ।

## ୬୦ନଂ ଜାତୀୟ ରାଜପଥରେ ଗ୍ୟାସ୍‌ଟାଙ୍କି ଫାଟି ୨ ଦୋକାନ ଓ ଟେମ୍ପୋ ପୋଡି

ଜଳେଶ୍ୱର ୧୮/୮(ନିପ୍ର) : ଆଜି ଅପରାହ୍ନରେ ୬୦ନଂ ଜାତୀୟ ରାଜପଥର କୋର୍ଟର ଅନତୀଦୂରରେ ଏକ ଗ୍ରୋସରୀଦୋକାନରେ ଗ୍ୟାସ୍‌ଟାଙ୍କି ଫାଟି ୨ଟି ଦୋକାନ ପୋଡି ଯାଇଛି । ନିକଟରେ ଥିବା ଏକ ଟେମ୍ପୋ ପୋଡି ଯାଇଛି । ଗ୍ୟାସ୍‌ଟାଙ୍କି ଫାଟିବା ଫଳରେ ସେଠାରେ ବେଆଇନ୍‌ଭାବେ ପାର୍କିଂ କରିଥିବା ଗ୍ୟାସ୍ ଓ ତେଲ ଟ୍ୟାଙ୍କର, ଟ୍ରକ୍, ଡାମ୍ପର, ଟେମ୍ପୋ ଚାଳକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା । ଦୋକାନଘର ଜଳୁଥିବା ବେଳେ ଦୋକାନୀ ଓ ସ୍ଥାନୀୟ ଲୋକେ ଧାଁ-ଧପଡ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ନିକଟରେ ପାଣି ନଥିବାରୁ ଧ୍ୱଂସରେ ପରିଣତ ହୋଇଥିଲା । ଦମକଳ ଆସିବା ବେଳକୁ ତାହା ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା । ଏଥିରେ ଲକ୍ଷାଧିକ ଟଙ୍କାର ଆସବାପତ୍ର ଓ ଦୋକାନ ସାମଗ୍ରୀ ସହିତ ନଗଦ ଟଙ୍କା ପୋଡି ଯାଇଥିଲା । ପାଇକସିଦା ଗ୍ରା.ପ.ର ରଜନୀକାନ୍ତ ଜେନାଙ୍କ ୨ଟି ଦୋକାନ ପୋଡି ଯାଇଥିବା ପ୍ରକାଶ । ଘଟଣାରୁ ପ୍ରକାଶ ଫାଟିଥିବା ଗ୍ୟାସ୍‌ଟାଙ୍କିଟି ଘରୋଇ ବ୍ୟବହାର ଲାଗି ଉଦ୍ଦିଷ୍ଟ ଥିବା ବେଳେ ତାହାକୁ ବ୍ୟବସାୟରେ ଲଗାଯାଇଥିବାରୁ ଏପରି ଘଟଣା ହୋଇଛି ବୋଲି ସ୍ଥାନୀୟ ଲୋକଙ୍କ ସୂତ୍ରରୁ ପ୍ରକାଶ । ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ ହେବା ଉଚିତ୍ ବୋଲି ସ୍ଥାନୀୟଲୋକେ ଅଭିଯୋଗ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସେପ୍ଟେମ୍ବର ପହିଲାରୁ ଖୋଲିବ....

କରୋନା ସଂକ୍ରମଣ ଅଧିକ ହ୍ରାସ ପାଇଥିବ ବୋଲି ଆଶା କରାଯାଉଛି।ଭୁବନେଶ୍ୱରରେ ଏପର୍ଯ୍ୟନ୍ତ ୧ ଲକ୍ଷ ୪ ହଜାର ୪୯୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୩୪୦ ଜଣ ସୁସ୍ଥ ହୋଇଛନ୍ତି। କିନ୍ତୁ ୯୭୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ହଜାର ୧୫୩ ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

### ଟଙ୍କା ଗାଡ଼ି ହାଇଜାକ କରି ୨୪ ଲକ୍ଷ....

କିଛି ସମୟ ପରେ ଡ୍ରାଇଭର ଓ ଗାଡ଼ି ନଥିବା ଦେଖିଥିଲେ ୩ କର୍ମଚାରୀ। ଥାନାରେ ଖବର ପରେ ପୁଲିସ ଗୋଳନ୍ଥରାରୁ ଗାଡ଼ି ଠାବ କରିଥିଲା। ଗାଡ଼ିରେ ଡ୍ରାଇଭର ଅଚେତ ପଡ଼ିଥିଲେ ବି ସମସ୍ତ ଟଙ୍କା ଗାଏବ ହୋଇଯାଇଛି। ଅଚେତ ଥିବା ଡ୍ରାଇଭର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସର ତନାଘନା ଜାରି ରହିଛି।

### ପିଲାଙ୍କୁ କରୋନା ହେଲେ ....

ପରିଛନ୍ନତା ଉପରେ ଧ୍ୟାନ ଦେବା, ଶିଶୁ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଦେବା, ସେମାନଙ୍କୁ ପାରାସିଟାମଲ, ଲିଭୋସେଟ୍ରିଜିନ ଦେଇ ପାରିବେ, ଗୁରୁତର ଶିଶୁଙ୍କୁ ତୁରନ୍ତ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରିବା, ମାଆକୁ କରୋନା ହେଲେବି ଛୋଟ ପିଲା ମା କ୍ଷୀର ଖାଇ ପାରିବେ, ଛୋଟ ପିଲା କରୋନା ସଂକ୍ରମିତ ହେଲେବି ତାଙ୍କଠାରେ ସିଭିଅରିଟି କମ ରହୁଛି ଏବଂ ଅନେକଙ୍କ କ୍ଷେତ୍ରରେ ସ୍ୱଳ୍ପ ଲକ୍ଷଣ ଦେଖାଦେଉଛି । ତେଣୁ ହସ୍ପିଟାଲାଇଜ ଓ ଆଇସିୟୁ ସଂଖ୍ୟା କମ ରହୁଛି ।

## ରାଜଧାନୀରେ ୨୪ ଘଂଟାରେ ୧୯୭ ପଜିଟିଭ୍

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ବୁଧବାର ଦିନ ଆଉ ୧୯୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୪୬ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୫୧ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୮୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଓଲ୍ଡଟାଉନ୍ ଓ ନୟାପଲ୍ଲୀରୁ ସର୍ବାଧିକ ୧୦ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଚନ୍ଦ୍ରଶେଖରପୁରରୁ ୯ ଜଣ , ବରମୁଣ୍ଡାରୁ ୮ ଜଣ, ୟୁନିଟ ୮ରୁ ୬ ଜଣ , ନିଳାଦ୍ରୀବିହାର ଓ ପଟିଆରୁ ୫ ଜଣ ଲେଖାଏଁ , ଲକ୍ଷ୍ମୀସାଗର, ଶୈଳଶ୍ରୀବିହାର , ଖଣ୍ଡଗିରି, ୟୁନିଟ ୯, ୟୁନିଟ ୪, ପଳାଶୁଣି, ଟଙ୍କପାଣିରୋଡ୍ ଓଘାଟିକିଆରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୪୪୯୨ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୦୩୪୦ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୩୧୫୩ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୯୭୮ କୁ ବୃଦ୍ଧି ପାଇଛି।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୯ ଗିରଫ, ୬୬୩ବାହନ ଜବତ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୬୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୬୫,୦୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ସହରାଞ୍ଚଳବାସୀଙ୍କୁ ମୌଳିକ ସେବା ପ୍ରଦାନ ଦାବି

ବାଲେଶ୍ୱର,୧୮/୦୮ (ନି.ପ୍ର): ବାଲେଶ୍ୱର ସହରର ବିପର୍ଯ୍ୟସ୍ତ ନିଷ୍କାସନ ଓ ପରିମଳ ବ୍ୟବସ୍ଥା ସାଙ୍ଗକୁ ପୌରପାଳିକାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ବିଜେପି ସଦର ଶାଖା ପକ୍ଷରୁ ବିକ୍ଷୋଭ ଓ ଘେରାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ କର୍ମୀମାନେ ପୌରପାଳିକା ଫାଟକରେ ତାଲା ପକାଇ ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଥିଲା। ବାଲେଶ୍ୱର ସହରର ବିପର୍ଯ୍ୟସ୍ତ ନିଷ୍କାସନ, ରାସ୍ତାଘାଟ, ପିଇବା ପାଣି, ସଫେଇ ଆଦି ମୌଳିକ ସୁବିଧା ପ୍ରଦାନରେ ପୌର କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଶେଷରେ ଏଭଳି ଆନ୍ଦୋଳନାତ୍ମକ ନିଷ୍ପତ୍ତି ନେବାକୁ ସେମାନେ ବାଧ୍ୟ ହୋଇଥିବା ଶ୍ରୀ ଦତ୍ତ କହିଛନ୍ତି। ସହରର ସମସ୍ତ ଡ୍ରେନ ପ୍ରାୟତଃ ୬୦ ରୁ ୭୦ ପ୍ରତିଶତ ଅଳିଆ ଆବର୍ଜନାରେ ପୋତି ହୋଇଯାଇଥିବା ବେଳେ ସଫେଇ ପାଇଁ କେନ୍ଦ୍ରରୁ ଆସୁଥିବା କୋଟି କୋଟି ଟଙ୍କାକୁ ଠିକା ସଂସ୍ଥା ଓ ପ୍ରଶାସନିକ ଅଧିକାରୀ ବାଟମାରଣା କରି ଚାଲିଥିବା ଶ୍ରୀ ଦତ୍ତ ଆରୋପ କରିଛନ୍ତି। ଭାଙ୍ଗିରୁଜି ଯାଇଥିବା ଡ୍ରେନର ମରାମତି ସାଙ୍ଗକୁ ପୁଙ୍ଗୁଳା ଓ ଅଧାପନ୍ତରିଆ ହୋଇ ପଡ଼ିଥିବା ଡ୍ରେନ କାର୍ଯ୍ୟ ତୁରନ୍ତ ଶେଷ କରିବା, ମହନାଳ ଓ ଶାଖାନାଳ ପରିଷ୍କାର ଏବଂ ପୁନରୁଦ୍ଧାର, ଉଦବୃତ୍ତ ବର୍ଷାଜଳ ଓ ନର୍ଦ୍ଦମା ପାଣିରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଚିହ୍ନଟ ସହ ତୁରନ୍ତ କ୍ଷତିପୂରଣ ଦେବା, ମାର୍କେଟ କମ୍ପ୍ଲେକ୍ସ ମରାମତି କରିବା, ନାଳ ସଫେଇ ନାଁରେ ଠିକାସଂସ୍ଥା ଓ ଅଧିକାରୀଙ୍କ ଦ୍ୱାରା ହୋଇଥିବା ବ୍ୟାପକ ଅର୍ଥ ହରିଲୁଟର ଉଚ୍ଚ ସ୍ତରୀୟ ତଦନ୍ତ ଦାବିରେ ବିଜେପି କର୍ମୀମାନେ ଦୀର୍ଘସମୟ ଧରି ପୌରପାଳିକା ଫାଟକରେ ତାଲା ପକାଇବ ବସ ରହିଥିଲେ। ପୌର ନିର୍ବାହୀ ଅଧିକାରୀ ତଥା ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଧାରଣାସ୍ଥଳରେ ପହଞ୍ଚି ବିଜେପି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନର ଲିଖିତ ପ୍ରତିଶ୍ରୁତି ଦେବା ପରେ ଏହି ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଜିର ଏହି ବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମରେ ସୁଜିତ ଦେବ, ସତ୍ୟଜିତ ମିଶ୍ର, ଲୋକନାଥ ଭୂୟାଁ, ଉପେନ୍ଦ୍ର ଶତପଥୀ, ବିବେକାନନ୍ଦ ମହାନ୍ତି, ସଂଯୁକ୍ତା ମହାପାତ୍ର, ରବିନାରାୟଣ ମହାପାତ୍ର, ବିଜୟ ପାଣିଗ୍ରାହୀ, ସୀତାକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ଅନନ୍ତ ନାୟକ, ତ୍ରୈଲୋଚନ ଦାସ, ବିଭୁପଦ ଦାସ, ସନାତନ ବାରିକ, ମନ୍ମଥ ପାତ୍ର, ଦୁକୁଲ ଘୋଡେଇ, ରାଜେନ୍ଦ୍ର ଚାଟାର୍ଜୀ, ଲକ୍ଷ୍ମୀଧର ବେହେରା ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ଗଭୀର ସେଚକୂପ ଏବଂ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଆଜି ରାଜ୍ୟରେ ଗଭୀର ସେଚକୂପ ଏବଂ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଆଭାସୀ(ଭର୍ଚୁଆଲ) ବ୍ୟବସ୍ଥାରେ ଏହି ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟରେ ୨୦୨୦-୨୧ ଆର୍ଥିକ ବର୍ଷରେ ବିଜୁ କୃଷକ ବିକାଶ ଯୋଜନାରେ ଅଦ୍ୟାବଧି ୮୫୦୦୦ରୁ ଅଧିକ ଗଭୀର ସେଚକୂପ ଖୋଳାଯାଇଥିବା ବେଳେ ଆଉ ଅଧିକ ୧୮୦୦୦ ସେଚକୂପ ଖୋଳାଯିବ ବୋଲି ବୈଠକରୁ ଜଣାଯାଇଛି । ସେହିପରି ଏ ବର୍ଷ ୧୫୪୪ଟି ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ନିର୍ମାଣ ଶେଷ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଓଡିଶା ରାଜ୍ୟ ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ଜଳ ସଂପଦ ବିଭାଗର ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ, ଅତିରିକ୍ତ ଶାସନ ସଚିବ, ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ(ଓଏଲଆଇସି), ବିଭାଗୀୟ ଅନ୍ୟ ପଦାଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଡିଲର ଚୟନରେ ଅନିୟମିତତକୁ କେନ୍ଦ୍ର କରି ରାସ୍ତାରୋକ

ନୀଳଗିରି,୧୮/୦୮ (ନି.ପ୍ର): ଡିଲର ଚୟନରେ ଅନିୟମିତତାକୁ କେନ୍ଦ୍ର କରି ବାଉଁଶବଡ଼ିଆ ଛକ ଠାରେ ଆଜି ଶତାଧିକ ହିତାଧିକାରୀମାନେ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ରାସ୍ତାର ବାଉଁଶବଣିଆ ଛକ ଠାରେ ରାସ୍ତାରୋକ ରେ ବସିଥିଲେ । ପ୍ରାପ୍ତ ସୂଚନା ଅନୁସାରେ ବାଉଁଶବଣିଆ ଗ୍ରା.ପ.ର ରାଜସ୍ୱ ଗ୍ରାମ ମଧ୍ୟରୁ ଗୁହାଳିଆ, ମାନଗଡ଼, କାନ୍ଥିପଦା, ସାନପାଟପୁର, କୁମ୍ଭକହୁଣିଆ, ଗୋବର୍ଦ୍ଧନପୁର, ଦକ୍ଷିଣକୁଅଁରପୁର ର ଗ୍ରାମର ଏସ.ଚ.ଜି. ଗ୍ରୁପ ମାନଙ୍କୁ ରିଟେଲର ଭାବେ ନିଯୁକ୍ତି ନ ଦିଆଯାଇ ବେଆଇନ ଭାବେ ଅନ୍ୟ ଗ୍ରାମର ଗ୍ରୁପକୁ ଚଞ୍ଚକତା କରି ରିଟେଲର ଚୟନ କରିଥିବା ପ୍ରକିୟାକୁ ଶତାଧିକ ହିତାଧିକାରୀ ବିରୋଧ କରି ନୀଳଗିରି ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇବା ସହ ଧାରଣା ମଧ୍ୟ ଦେଇଥିଲେ । ଏଯାବତ୍ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନ ନେବା ଯୋଗୁଁ ହିତାଧିକାରୀମାନେ ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳରେ ଯାନବାହନ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା । ନୀଳଗିରି ପୋଲିସ ଧାରଣାସ୍ଥଳରେ ମୁତୟନ ଥିବା ବେଳେ ଔପଦା ବ୍ଲକରେ ବିଡିଓ ଦାୟିତ୍ୱରେ ତହସିଲଦାର ଶରତ ଚନ୍ଦ୍ର ମଲ୍ଲିକ, ଏମ.ଆଇ. ଏଲିନା ସାହୁ ଧାରଣାକାରୀଙ୍କ ସହ ଆଲୋଚନା ପରେ ଧାରଣାପ୍ରତ୍ୟାହୃତ ହୋଇଥିଲା । ଏହି ଧାରଣାରେ ନିରଂଜନ ବାରିକ, ରାଧାଶ୍ୟାମ ଦାସ, ହରେକୃଷ୍ଣ ପଣ୍ଡିତ, ବିଦ୍ୟାଧର ବେହେରା, ପ୍ରକାଶ ଚନ୍ଦ୍ର ଚୌଧୁରୀ, ବେଣୁଧର ସ, ବେଣୁଧର ଗିରି, ନିରଂଜନ ଜେନା, ହରେକୃଷ୍ଣ ସେଠୀ, ପଦ୍ମଲୋଚନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟ ସ୍ତରୀୟ ସିନିୟର ଓ ଜୁନିୟର କ୍ରିକେଟରେ ମୟୂରଭଞ୍ଜ ବିଜୟୀ



ବାରିପଦା,୧୮/୦୮ (ନି.ପ୍ର): ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ରାଜ୍ୟ ସ୍ତରୀୟ ସିନିୟର ଏକ ଦିବସୀୟ କ୍ରିକେଟ କଳାହାଣ୍ଡି କପ ଟୁର୍ଣ୍ଣାମେଂଟରେ ମୟୂରଭଞ୍ଜ ଟିମ ତାର ଶେଷ ଲିଗ ମ୍ୟାଚ ରାୟଗଡା ସହିତ ଖେଳି ବଜୟୀ ହୋଇଥିବାର ଜଣାଯାଇଛି । ଟସ ଜିତି ମୟୂରଭଞ୍ଜ ଟିମ ପ୍ରଥମେ ବ୍ୟାଟିଂ କରି ୧୮୬ ରନ ହାସଲ କରିଥିଲା ବେଳେ, ରାୟଗଡା ଦଳକୁ ୧୬୫ ରନରେ ଅଲଆଉଟ କରିବାରେ ସକ୍ଷମ ହୋଇଥିଲେ । ତେବେ ପ୍ରିତପାଲ ସିଂ ୯ ଅଭର ରେ ୨୮ ରନ ଦେଇ ୬ଟି ଉଂକେଟ ନେଇ ମ୍ୟାନ ଅଫଦି ମ୍ୟାଚ ଘୋଷିତ ହୋଇଥିଲେ । ତେବେ ମୟୂରଭଞ୍ଜର ଆଦିତ୍ୟ କୁମାର ବସା ଓ ସୁବ୍ରତ କୁମାର ସିଂ ସୁପର ଲିଗ ଖେଳିବା ପାଇଁ ମନୋନୀତ ହୋଇଥିବାର ଜଣାଯାଇଛି । ସେହିପରି ୧୬ ବର୍ଷରୁ କମ ଜୁନିୟର ବର୍ଗ କ୍ରିକେଟ ଟୁର୍ଣ୍ଣାମେଂଟରେ ହୋଇଥିବା ପ୍ରଥମ ମ୍ୟାଚରେ ରାୟଗଡା ଟିମ ସହ କେଳି ମୟୂରଭଞ୍ଜ ବିଜୟ ଲାଭ କରିଥିବାର ଜଣାଯାଇଛି । ଟସ ଜିତି ମୟୂରଭଞ୍ଜ ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ୧୫୨ ରନ କରିଥିବା ବେଳେ ରାୟଗଡା ଟିମ ମାତ୍ର ୪୯ ରନରେ ଅଲଆଉଟ ହୋଇଯାଇଥିଲେ । ଫଳରେ ମୟୂରଭଞ୍ଜ ଟିମକୁ ସହଜସାଧ୍ୟ ବିଜୟ ହାସଲ ହୋଇଥିଲା । ନମନ ଶର୍ମା ୫ ଅଭରରେ ୪ଟି ଉଇକେଟ ନେଇ ମ୍ୟାନ ଅଫଦି ମ୍ୟାଚ ଘୋଷିତ ହୋଇଥିବାର ଜଣାଯାଇଛି ।

## ଭଦ୍ରକ ଲାୟନ୍ସ କ୍ଲବ୍ ଓ ଆରୋଗ୍ୟମ୍ କ୍ଲିନିକ୍‌ର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଭଦ୍ରକ,୧୮/୦୮ (ନି.ପ୍ର): ଭଦ୍ରକ ଲାୟନ୍ସ କ୍ଲବ୍ ଓ ଆରୋଗ୍ୟମ୍ କ୍ଲିନିକ୍‌ର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ସ୍ଥାନୀୟ ପ୍ରଜାପତି କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ହୋଇଛି। ଏଥିରେ ଭୁବନେଶ୍ୱର ଏମସ୍‌ର କ୍ୟାନସର ବିଭାଗ ଡାକ୍ତର ଜ୍ୟୋତିରଂଜନ ସ୍ୱାଇଁ, କିମସ୍‌ର କାର୍ଡିଅଲୋଜିର ଡାକ୍ତର ଚନ୍ଦନ ରାୟ ମହାପାତ୍ର, କଳିଙ୍ଗ ହସ୍‌ପିଟାଲର ଗ୍ୟାଷ୍ଟ୍ରୋଲୋଜିର ଡାକ୍ତର ଅନନ୍ତ ଅଗସ୍ତି, ଭଦ୍ରକ ହସ୍‌ପିଟାଲର ଚର୍ମରୋଗ ବିଶେଷଜ୍ଞ ଡାକ୍ତର ଶୋଭନା ସେଠ୍, ଗଂଜାମ ବ୍ରହ୍ମପୁର ଏମ୍‌କେସିଜି ଡାକ୍ତରଖାନାର ଗ୍ୟାଷ୍ଟ୍ରୋଲୋଜିର ଡାକ୍ତର ମୋନାଲିସା ପାଲ୍ ପ୍ରମୁଖ ଯୋଗଦେଇ ୩୨୫ ଜଣଙ୍କୁ ମାଗଣା ଚିକିତ୍ସା ଓ ଔଷଧ ବଣ୍ଟନ କରିଥିଲେ। ଏଥିରେ ଭଦ୍ରକ ଲାୟନ୍ସ କ୍ଲବ୍‌ର ସଭାପତି ଅଶୋକ ମହାନ୍ତି, ପ୍ରକାଶ ଜେନା, ନିରଂଜନଲାଲ ଗୁପ୍ତା, ଗୋବିନ୍ଦ ପ୍ରସାଦ ମୋର୍, ଓମ୍ ପ୍ରକାଶ ଗୁପ୍ତା, ସୁଭ୍ରକାଶ ନାୟକ, ସରୋଜ ଦାସ, ପ୍ରୀତିରଂଜନ ଦାସ, ଦଳଜିତ୍ ସିଂ, ଅଶୋକ ପଟ୍ଟନାୟକ, ଶରତ ମହାନ୍ତି, ଦେବାନନ୍ଦ ତିୱାରୀ, ଗୀତାଞ୍ଜଳି ମହାନ୍ତିଙ୍କ ସମେତ ଆରୋଗ୍ୟମ୍ କ୍ଲିନିକ୍‌ର ସମସ୍ତ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।



## ଜାତୀୟ ଖାଇବା ତେଲ ମିଶନ-ଅଏଲ ପାମର କାର୍ଯ୍ୟକାରିତାକୁ କ୍ୟାବିନେଟ ମଞ୍ଜୁରି

ଭୁବନେଶ୍ୱର,୧୮/୦୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ପାମ ଅଏଲ (ତାଳ ତେଲ) ଲାଗି ଏକ ନୂତନ ମିଶନ ଆରମ୍ଭ କରାଯିବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହି ଯୋଜନା ଜାତୀୟ ଖାଇବା ତେଲ ମିଶନ-ପାମ ଅଏଲ (ଏନଏମଇଓ-ଓପି) ନାମରେ ପରିଚିତ ହେବ। ଏହା ଏକ କେନ୍ଦ୍ର ପ୍ରଯୋଜିତ ଯୋଜନା। ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପ ସମୂହ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇ ଏହି ଯୋଜନା କାର ?ୟକାରୀ କରାଯିବ। ଖାଇବା ତେଲ ପାଇଁ ବର୍ତ୍ତମାନ ଆମଦାନୀ ଉପରେ ଅଧିକ ନିର୍ଭରଶୀଳ ହେବାକୁ ପଡୁଛି, ସେଥିପାଇଁ ଖାଇବା ତେଲ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଏଥିପାଇଁ ପାମ ଅଏଲ ଚାଷ ଓ ଉତ୍ପାଦନ ବଢ଼ାଇବା ଅତ୍ୟନ୍ତ ଜରୁରି। ଏହି ଯୋଜନା ପାଇଁ ୧୧,୦୪୦ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ କେନ୍ଦ୍ର ସରକାର ୮,୮୪୪ କୋଟି ଟଙ୍କା ବ୍ୟୟ କରିବେ। ଅବଶିଷ୍ଟ ୨,୧୯୬ କୋଟି ଟଙ୍କା ରାଜ୍ୟ ମାନଙ୍କୁ ବହନ କରିବାକୁ ହେବ। ଏଥିରେ ଆୟରୁ ଅଧିକ ବ୍ୟୟ ସ୍ଥିତିରେ କ୍ଷତିପୂରଣ ନିମନ୍ତେ ବ୍ୟବସ୍ଥା ମଧ୍ୟ ସାମିଲ ରହିଛି। ଏହି ଯୋଜନା ଅନ୍ତର୍ଗତ, ୨୦୨୫-୨୬ ସୁଦ୍ଧା ପାମ ଅଏଲ ଚାଷର କ୍ଷେତ୍ରକୁ ଅତିରିକ୍ତ ୬.୫ ଲକ୍ଷ ହେକ୍ଟର ପର ?ୟନ୍ତ ବଢ଼ାଇବା ଲାଗି ପ୍ରସ୍ତାବ ରହିଛି। ଶେଷରେ ୧୦ ଲକ୍ଷ ହେକ୍ଟର ପର୍ଯ୍ୟନ୍ତ ପାମ ଅଏଲ ଚାଷକୁ ବୃଦ୍ଧି କରାଯିବ। ଅଶୋଧିତ ପାମ ଅଏଲ (ସିପିଓ)ର ଉତ୍ପାଦନ ପରିମାଣ ୨୦୨୫-୨୬ ସୁଦ୍ଧା ୧୧.୨୦ ଲକ୍ଷ ଟନ ଏବଂ ୨୦୨୯-୩୦ ସୁଦ୍ଧା ୨୮ ଲକ୍ଷ ଟନ ପର ?ୟନ୍ତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ଯୋଜନା ଦ୍ୱାରା ପାମ ଅଏଲ ଚାଷୀମାନଙ୍କୁ ଅଧିକ ଲାଭ ମିଳିବ। ପୁଞ୍ଜି ନିବେଶ ବୃଦ୍ଧି ପାଇବା ସହିତ ରୋଜଗାର ସୁଯୋଗ ସୃଷ୍ଟି ହେବ। ଏଥିସହିତ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ପାଇବ ଏବଂ ଚାଷୀଙ୍କ ଆୟ ମଧ୍ୟ ବଢ଼ିବ। ୧୯୯୧-୯୨ ଠାରୁ ଭାରତ ସରକାର ତୈଳ ବୀଜ ଏବଂ ପାମ ଅଏଲ ଉତ୍ପାଦନ ବଢ଼ାଇବା ଲାଗି ଅନେକ ପ୍ରୟାସ କରିଆସିଛନ୍ତି। ୨୦୧୪-୧୫ରେ ୨୭୫ ଲକ୍ଷ ଟନ ତୈଳବୀଜ ଉତ୍ପାଦିତ ହୋଇଥିଲା। ୨୦୨୦-୨୧ରେ ଏହା ବୃଦ୍ଧି ପାଇଁ ୩୬୫.୬୫ ଲକ୍ଷ ଟନରେ ପହଞ୍ଚିଥିଲା। ପାମ ଅଏଲ ଉତ୍ପାଦନ କ୍ଷମତାକୁ ଦୃଷ୍ଟିରେ ରଖି ୨୦୨୦ରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଅଏଲ ପାମ ରିସର୍ଚ୍ଚ (ଆଇଆଇଓପିଆର) ପକ୍ଷରୁ ପାମ ଅଏଲ ଚାଷ ପାଇଁ ଏକ ଅଧ୍ୟୟନ କରାଯାଇଥିଲା। ପାଖାପାଖି ୨୮ ଲକ୍ଷ ହେକ୍ଟର ଜମିରେ ପାମ ଅଏଲ ଚାଷ ବିଷୟରେ ଏହି ସଂସ୍ଥାନ ପକ୍ଷରୁ ବିଚାର ବ୍ୟକ୍ତ କରାଯାଇଥିଲା। ତେଣୁ ତାଳ ଗଛ ଲଗାଇବାର ଅପାର ସମ୍ଭାବନା ରହିଛି, ଯାହା ଆଧାରରେ କଞ୍ଚା ତାଳ ତେଲ ଉତ୍ପାଦନ ବୃଦ୍ଧି କରାଯାଇପାରିବ। ବର୍ତ୍ତମାନ ସମୟରେ ମାତ୍ର ୩.୭୦ ହେକ୍ଟରରେ ଅଏଲ ପାମ୍ ଚାଷ କରାଯାଉଛି। ଅନ୍ୟ ତୈଳ ବୀଜ ତୁଳନାରେ ତାଳ ତେଲ ଉତ୍ପାଦନ ହେକ୍ଟର ପ୍ରତି ୧୦ରୁ ୪୬ ଗୁଣା ଅଧିକ ହୋଇଥାଏ। ଏହାବ୍ୟତୀତ ଗୋଟିଏ ହେକ୍ଟର ଫସଲରୁ ପାଖାପାଖି ଚାରି ଟନ ତେଲ ବାହାରିଥାଏ। ସେହିପରି ଏହି ଚାଷ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି।ଉପରୋକ୍ତ ବିଷୟ ପ୍ରତି ଧ୍ୟାନ ଦେଇ ତଥା ପାଖାପାଖି ୯୮ ପ୍ରତିଶତ କଞ୍ଚା ତାଳ ତେଲ ଆମଦାନୀ କରାଯାଉଥିବା ଦୃଷ୍ଟିରୁ ଏହି ଯୋଜନା ଆରମ୍ଭ କରାଯିବା ଲାଗି ପ୍ରସ୍ତାବ ଦିଆଯାଇଛି। ଯାହାଫଳରେ ତାଳ ଚାଷର କ୍ଷେତ୍ର ଏବଂ ଉତ୍ପାଦନ ଦେଶରେ ବୃଦ୍ଧି ପାଇବ। ପ୍ରସ୍ତାବିତ ଯୋଜନାରେ ବର୍ତ୍ତମାନର ଜାତୀୟ ଖାଦ୍ୟ ସୁରକ୍ଷା ମିଶନ-ଅଏଲ ପାମ କାର୍ଯ୍ୟକ୍ରମକୁ ସାମିଲ କରି ଦିଆଯିବ। ଏହି ଯୋଜନାରେ ଦୁଇଟି ପ୍ରମୁଖ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ପାମ ଅଏଲ ଚାଷୀମାନେ ସତେଜ ଫଳ ଗୁଚ୍ଛ (ଏଫଏଫବି) ପ୍ରସ୍ତୁତ କରିଥାନ୍ତି, ଯାହାର ବୀଜରୁ ତୈଳ ଉଦ୍ୟୋଗ ତେଲ ବାହାର କରିଥାନ୍ତି। ବର୍ତ୍ତମାନ ସମୟରେ ଏହି ଏଏଫବିର ମୂଲ୍ୟ ସିପିଓର ଅନ୍ତର୍ଜାତୀୟ ମୂଲ୍ୟରେ ଉତ୍ଥାନ-ପତନ ଆଧାରରେ ନିର୍ଦ୍ଧାରିତ ହୋଇଥାଏ। ପ୍ରଥମ ଥର କେନ୍ଦ୍ର ସରକାର ଏହି ଏଫଏଫବି ପାଇଁ ଚାଷୀମାନଙ୍କୁ ସୁନିଶ୍ଚିତ ମୂଲ୍ୟ ପ୍ରଦାନ କରୁଛନ୍ତି। ଏହା ସାଧନଯୋଗ୍ୟତା ମୂଲ୍ୟ (ଭିପି) ନାମରେ ପରିଚିତ ହେବ, ଅର୍ଥାତ ଚାଷୀମାନେ କୌଣସି କ୍ଷତି ସହିବେ ନାହିଁ। ଏହା ଜରିଆରେ ସିପିଓର ଅନ୍ତର୍ଜାତୀୟ ମୂଲ୍ୟରେ ଉତ୍ଥାନ-ପତନ ସମୟରେ ଚାଷୀଙ୍କ ହିତକୁ ସୁରକ୍ଷିତ ରଖାଯିବ। ଏହି ସାଧନଯୋଗ୍ୟତା ମୂଲ୍ୟ ବିଗତ ପାଞ୍ଚ ବର୍ଷ ସମୟରେ ବାର୍ଷିକ ହାରାହାରୀ ସିପିଓ ମୂଲ୍ୟ ଆଧାରରେ ନିର୍ଦ୍ଧାରିତ ହେବ ଏବଂ ପାଇକାରୀ ମୂଲ୍ୟ ସୂଚକାଙ୍କରେ ଦିଆଯାଇଥିବା ପାମ ଅଏଲର ତଥ୍ୟରେ ୧୪.୩ ପ୍ରତିଶତ ବୃଦ୍ଧି କରାଯିବ। ଅର୍ଥାତ ସାଧନଯୋଗ୍ୟତା ମୂଲ୍ୟ ଏହି ଦୁଇଟି ମୂଲ୍ୟକୁ ମିଶାଇ ନିର୍ଦ୍ଧାରିତ କରାଯିବ। ଏହାକୁ ନିର୍ଦ୍ଧାରଣ କରିବାର ପ୍ରାରମ୍ଭିକ ଅବଧି ନଭେମ୍ବର ୧ ତାରିଖ ଠାରୁ ହେବ ଏବଂ ପରବର୍ତ୍ତୀ ବର୍ଷ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ। ଏହି ସମ୍ପୂର୍ଣ୍ଣ ଅବଧିକୁ 'ପାମ ଅଏଲ ବର୍ଷ' କୁହାଯିବ। ଏହି ମୂଲ୍ୟ ସୁନିଶ୍ଚିତତା ଫଳରେ ଭାରତରେ ତାଳ ତେଲ ଚାଷ କରୁଥିବା ଚାଷୀଙ୍କ ମନରେ ବିଶ୍ୱାସ ସୃଷ୍ଟି ହେବ ଏବଂ ସେମାନେ ଚାଷର କ୍ଷେତ୍ର ବୃଦ୍ଧି କରିବେ। ଏହିପରି ଭାବେ ଦେଶରେ ତାଳ ତେଲ ଉତ୍ପାଦନ ବୃଦ୍ଧି ପାଇବ। ଫର୍ମୂଲା ମୂଲ୍ୟ (ଏଫପି) ମଧ୍ୟ ନିର୍ଦ୍ଧାରଣ କରାଯିବ, ଯାହାର ଅନ୍ତର୍ଗତ କ୍ରେତା-ବିକ୍ରେତା ଅଗ୍ରୀମ ଭାବେ ମୂଲ୍ୟ ଉପରେ ସହମତ ହେବେ। ଏହା ମାସିକ ଆଧାରରେ ସିପିଓର ୧୪.୩ ପ୍ରତିଶତ ହେବ। ଆବଶ୍ୟକତା ପଡ଼ିଲେ ସାଧନଯୋଗ୍ୟତା ମୂଲ୍ୟ ଓ ଫର୍ମୁଲା ମୂଲ୍ୟ ଆଧାରରେ ଆୟ-ବ୍ୟୟର ବ୍ୟବଧାନରେ କ୍ଷତିପୂରଣ ଦିଆଯିବ, ଯାହାଫଳରେ ଚାଷୀମାନେ କ୍ଷତି ସହିବେ ନାହିଁ। ଏହି ଅର୍ଥରାଶିକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଜରିଆରେ ସିଧାସଳଖ ଚାଷୀଙ୍କ ଆକାଉଂଟକୁ ପଠାଇ ଦିଆଯିବ। ଚାଷୀଙ୍କୁ ସାଧନଯୋଗ୍ୟତା ବ୍ୟବଧାନର କ୍ଷତିପୂରଣ ରୂପରେ ଆଶ୍ୱାସନା ଦିଆଯିବ।

## ବିଦ୍ୟୁତ୍ ସଂସ୍ପର୍ଷରେ ଆସି ମାଙ୍କଡ ମୃତ

ଜଳେଶ୍ୱର ୧୮/୮(ନିପ୍ର) : ଏବେବି ବହୁ ସ୍ଥାନରେ ମୁକୁଳା ବିଦ୍ୟୁତ୍ ତାର ଟଣା ଯାଇଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟି ଆସୁଛି । ପୂର୍ବରୁ ବିଦ୍ୟୁତ୍ ନେସ୍କୋ ବିତରଣ କରୁଥିଫଫବା ସମୟରେ ଖୋଲା ତାର ମାନ ଖଣ୍ଟରେ ରହିଥିବା ବେଳେ ଏବେ ବିଦ୍ୟୁତ୍‌ର ସଂସ୍କାର ଅଣାଯାଇଥିଲେ ମଧ୍ୟ ଟାଟା ପାର୍ୱାର କମ୍ପାନୀ ଏହାର ପରିବର୍ତ୍ତନ କରିନାହିଁ । ଫଳରେ ଆମ୍ବଳିଅଠା ଗାଁ ମଧ୍ୟରେ ଯାଇଥିବା ୧୧ କେଭିଏ ବିଦ୍ୟୁତ୍‌ତାର ସଂସ୍ପର୍ଶରେ ଆସି ବଡ ମଙ୍କଡ ମୃତ୍ୟୁବରଣ କରିଛି । ତା ଦଳରେ ଥିବା ଅନ୍ୟ ମାଙ୍କଡମାନେ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ କେତେକ ଖଣ୍ଡିଏ ଖବର ହୋଇଛନ୍ତି। ବିଭିନ୍ନ ସ୍ଥାନରେ ତାର ଓହଳି ଥିବାରୁ ସେଗୁଡିକୁ ମରାମତି କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।



## ସ୍ୱର୍ଗତଃ ନାରାୟଣ ଚନ୍ଦ୍ର ଲେଙ୍କା ସ୍ମୃତି କମିଟି ପକ୍ଷରୁ ୭୫ତମ ସ୍ୱାଧୀନତା ଦିବସ ପାଳିତ

ଭଦ୍ରକ,୧୮/୦୮ (ନି.ପ୍ର): ଭଦ୍ରକର କଲେଇ ପଂଚାୟତ ଅଧୀନସ୍ଥ ଅମୃତ ବଜାର ଠାରେ ସ୍ୱର୍ଗତଃ ନାରାୟଣ ଚନ୍ଦ୍ର ଲେଙ୍କା ସ୍ମୃତି କମିଟି ପକ୍ଷରୁ ୭୫ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତ ପତାକା ଉତ୍ତୋଳନ କରିଥିବାବେଳେ ପୂର୍ବତନ ସରପଞ୍ଚ ପୁରସ୍ତମ ବାରିକ, ପୂର୍ବତନ ସମିତି ସଭ୍ୟ ନିତ୍ୟାନନ୍ଦ ବେହେରା, ଶିକ୍ଷାବିତ୍ ବାବୁଲା ରାଉତ, ନିତ୍ୟାନନ୍ଦ ମଳିକ, ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଗୋଟିଏ ଦିନରେ ୯୯୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୮/୦୮(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୭୧୪୬ ବୃଦ୍ଧି ପାଇଛି। ୧୮ ବର୍ଷରୁ କମ ୧୩୮ ଜଣ ସଂକ୍ରମିତ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୮୦୪୭୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୯୫୩୬ ରହିଛି। ଆଜି ଚିହ୍ନଟ ହୋଇଥିବା ୯୯୩ ଜଣଙ୍କ ମଧ୍ୟରୁ ୫୭୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୧୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୧୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ଅନୁଗୋଳ ଜିଲ୍ଲାରୁ ୧୮, ବାଲେଶ୍ୱରରୁ ୩୦, ବରଗଡ଼ରୁ ୧୦, ଭଦ୍ରକ୍ ରୁ ୧୨, ବଲାଙ୍ଗୀରରୁ ୧୩, ବୌଦ୍ଧରୁ ୧, କଟକରୁ ୯୫, ଦେବଗଡରୁ ୪, ଢେଙ୍କାନାଳରୁ ୩୨, ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତିଜିଲ୍ଲାରୁ ୧, ଗଞ୍ଜାମରୁ ୫ ଜଗତସିଂହପୁରରୁ ୫୧, ଯାଜପୁରରୁ ୬୦, ଝାରସୁଗୁଡାରୁ ୨ କଳାହାଣ୍ଡିରୁ ୭, କନ୍ଧମାଳରୁ ୭, କେନ୍ଦ୍ରାପଡ଼ାରୁ ୧୫, କେନ୍ଦୁଝରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଧା ଜିଲ୍ଲାରୁ ୪୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନାଗିରିରୁ ୧, ମୟୁରଭଞ୍ଜରୁ ୪୨ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧, ନୟାଗଡରୁ ୧୬ , ନୂଆପଡାରୁ ୧, ପୁରୀରୁ ୨୫, ରାୟଗଡାରୁ ୩, ସମ୍ବଲପୁରରୁ ୧୧, ସୁବର୍ଣ୍ଣପୁରରୁ ୫, ସୁନ୍ଦରଗଡରୁ ୮ ଓ ଷ୍ଟେଟପୁଲରୁ ୯୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ନରେଗା ଗାଁ ସାଥୀଙ୍କ ପ୍ରତି ସରକାରୀ ଉଦାସୀନତା ଅଭିଯୋଗ
## ଗାଁ'ସାଥୀ ସଂଘର ଗଣଧାରଣା ସେପ୍ଟେମ୍ବର ୨୦ରେ



ବାଲେଶ୍ୱର,୧୮/୦୮ (ନି.ପ୍ର): ସରକାରୀ ଉଦାସୀନତା ଯୋଗୁଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଗାଁ'ସାଥୀ(ମେଟ)ଙ୍କୁ ଉଚିତ ନ୍ୟାୟ ମିଳୁନଥିବା ବେଳେ ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଗାଁ'ସାଥୀ ସଂଘ ଚେତାବନୀ ଦେଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ଗାଁସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟ ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ ଯୋଗଦେଇ ବାଲେଶ୍ୱର ଜିଲାର ୩୨୭୦ ଜଣ ଗାଁ'ସାଥୀଙ୍କ ସମ୍ପ୍ରତିକ ଦୟନୀୟ ସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କର ପଞ୍ଚାୟତି ରାଜ ବିଭାଗରେ ମନରେଗା ଯୋଜନାରେ ସବୁ ଗାଁ'ରେ ଏହି ସାଥୀମାନେ ସୁପରଭିଜନ କାର୍ଯ୍ୟ କରିଥାନ୍ତି। ଅନେକ ଆନ୍ଦୋଳନ ଓ ଆଲୋଚନା ପରେ ପଞ୍ଚାୟତିରାଜ ବିଭାଗର ଚିଠି ଅନୁସାରେ ଗାଁସାଥୀମାନଙ୍କୁ ମାସକୁ ସର୍ବନିମ୍ନ ୧୦ଦିନ ତଥା ବର୍ଷକୁ ଅତିକମରେ ୧୦୦ ଦିନର ଅଣକୁଶଳୀ ଶ୍ରମିକ ମଜୁରି ଅର୍ଥ ପ୍ରଦାନ ପାଇଁ ନିଷ୍ପତ୍ତି ନେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଚିଠି ମଧ୍ୟ ହୋଇଥିଲା। ମାତ୍ର ଅଦ୍ୟାବଧି ବାଲେଶ୍ୱରରେ ତାହା କାର୍ଯ୍ୟକାରୀ ନହେବା ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।ଏମିତିକି ଗା'ସାଥୀ ବାବଦୀୟ ସଠିତ ତଥ୍ୟ ବି ବ୍ଲକ କର୍ତ୍ତୃପକ୍ଷ ରଖିବାକୁ ଇଚ୍ଛା କରୁନଥିବା ସେ କହିଛନ୍ତି। ମୋଟ ଉପରେ ବାଲେଶ୍ୱର ଜିଲା ପ୍ରଶାସନ ଓ ବ୍ଲକ କର୍ତ୍ତୃପକ୍ଷ ଗାଁ'ସାଥୀଙ୍କ ପ୍ରତି ଅବହେଳା କରୁଛନ୍ତି ବୋଲି ସେ ଆରୋପ ଉଠାଇଛନ୍ତି। ରାଜ୍ୟ ସରକାରଙ୍କ ଗାଇଡ ଲାଇନକୁ ଅବଜ୍ଞା ସହ ବେନିୟମ ଆଧାରରେ ବାଛି ବାଛି କାର୍ଯ୍ୟ କରାଯାଇଛି ବୋଲି ସଂଘ ଅଭିଯୋଗ କରିଛି। କାର୍ଯ୍ୟରତ ଗାଁ'ସାଥୀଙ୍କୁ ୨୦ହଜାର ଟଙ୍କା କୋଭିଡ ସହାୟତା ପ୍ରଦାନ ପାଇଁ ଏହି ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ନତୁବା ଆଗାମୀ ଦିନରେ ନ୍ୟାୟ ପାଇଁ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ଆସନ୍ତା ସେପ୍ଟେମ୍ବର ମାସ ୨୦ ତାରିଖରେ ହେବାକୁ ଥିବା ସଂଘର ଦିନିକିଆ ଜିଲା ସମ୍ମିଳନୀ ଦହ ଗଣଧାରଣା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧରେ କ୍ଷାତିଶ କୁମାର ଜେନ, ନକୁଳ କୁମାର ସାହୁ, ନିରୂପମା ମିଶ୍ର, ସସ୍ମିତା ଜେନା ପ୍ରମୁଖ ସଂଗଠନର କାର୍ଯ୍ୟକର୍ତ୍ତା। ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ମିଶନ ଚାଟଶାଳୀର ଉଦ୍‌ଘାଟନୀ ଉତ୍ସବ ଅବସରରେ ସାମ୍ବାଦିକ ସମ୍ମିଳନୀ



ଉଦଳା,୧୮/୦୮ (ନି.ପ୍ର): ମହାମାରୀ କୋଭିଡ୍ ସମଗ୍ର ବିଶ୍ୱବାସୀଙ୍କ ଆଖିରୁ ନିଦ ହଜାଇ ଦେଇଥିବା ବେଳେ, ଆମଦେଶ ମଧ ଏହାର କରାଳ ରୂପର ଦଂଶନରେ ଛଟପଟ ହେବା ସହିତ ଏହାର ମୁକାବିଲା ପାଇଁ ଉଦ୍ୟମ ଜାରି ରଖିଛି । କରୋନା ମୁକାବିଲା ପାଇଁ ସରକାରଙ୍କର ତାଲାବନ୍ଦର ପ୍ରଭାବ ଯୋଗୁଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏଥିଯୋଗୁଁ ଦିର୍ଘଦିନ ଧରି ବିଦ୍ୟାଳୟ ଗୁଡ଼ିକ ଛୁଟି ରହିବା ଫଳରେ ପିଲାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି । ଏତିକି ବେଳେ ଧନି ଘରର ପିଲା ମାନଙ୍କର ଅଭିଭାବହକ ମାନେ ତାଙ୍କ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ମୋଟା ଅଙ୍କରେ ଟଙ୍କା ଖର୍ଚ୍ଚ କରି ଟିଉସନ ଶିକ୍ଷକ ନିଯୁକ୍ତ କରୁଛନ୍ତି । ସରକାରଙ୍କର ଅନଲାଇନ ଶିକ୍ଷା ବ୍ୟବସ୍ଥାର ଫାଇଦା ମଧ କେବଳ ଧନି ଘରର ପିଲାମାନେ ନେଉଛନ୍ତି । କାରଣ ଗରିବ ଘରର ପିଲା ମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେମାନେ ଅନଲାଇନ ଶିକ୍ଷା ପାଇଁ ଆବଶ୍ୟକ ମୋବାଇଲ କିଣିପାରୁ ନାହାଁନ୍ତି । ଫଳରେ ଗାଁ ଗହଳ ମାନଙ୍କରେ ବସବାସ କରୁଥିବା ଗରିବ ଘରର ପିଲା ମାନେ ପାଠ ଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଇ ଅନ୍ୟାନ୍ୟ କାମ ଧନ୍ଦାରେ ଲାଗିଛନ୍ତି । ଏତିକି ବେଳେ ଗରୀବ ଘରର ପିଲାଙ୍କୁ ପୁଣିଥରେ ପାଠ ପଢ଼ା ପ୍ରତି ଆକୃଷ୍ଟ କରାଇବାର ଲକ୍ଷ ନେଇ ଓଡ଼ିଶା ଶ୍ରମଜୀବି ମଞ୍ଚ ଓ ମହିଳା ଶ୍ରମଜୀବି ମଞ୍ଚ ର ନେତୃତ୍ୱରେ ମୟୂରଭଞ୍ଜରେ କାର୍ଯ୍ୟରତ ଲୋକ ସଂଗଠନ 'ଜନଜାଗୃତି ମଞ୍ଚ' ଆରମ୍ଭ କରିଛି ଅଭିନବ ପ୍ରୟାସ । ବିଭିନ୍ନ ଗ୍ରାମରେ ସ୍ୱେଚ୍ଛାସେବକ ନିଯୁକ୍ତ କରି ମଞ୍ଚ ତରଫରୁ ଖୋଲା ଯାଇଛି 'ମୋ ଚାଟଶାଳୀ' । ଏହିପରି ବର୍ତ୍ତମାନ ସୁଦ୍ଧା ସମଗ୍ର ଜିଲ୍ଲାରେ ୪୩୯ଟି ଚାଟଶାଳୀରେ ୪୯୦ ଜଣ ସ୍ୱେଚ୍ଛାସେବକ ମୋଟ ୯୧୫୫ ଜଣ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ପାଖାପାଖି ୧ ବର୍ଷ ଧରି ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଉକ୍ତ ଚାଟଶାଳୀ ମାନଙ୍କରେ ପାଠ ପଢୁଛନ୍ତି। ତେବେ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ବିଦ୍ୟାଳୟ ଗୁଡ଼ିକ ଖୋଲିବା ନେଇ ଅନିଶ୍ଚିତତା ଦେଖା ଦେଇଛି । ଏତିକି ବେଳେ ଏହାର ମୁକାବିଲା ପାଇଁ ମଞ୍ଚ ତରଫରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ସେଥିପାଇଁ ଚଳିତ ଅଗଷ୍ଟ ୧୭ ତାରିଖ ମଙ୍ଗଳବାର ଦିନ ଉଦଳା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ମଞ୍ଚର ଟିମ୍‌ଲିଡ଼ର ଗଦାଧର ଦାଶ 'ମୋ ଚାଟଶାଳୀ' ଏବେ ପୁଣି କିପରି 'ମିଶନ ଚାଟଶାଳୀ'ର ରୂପ ନେବ ଏବଂ ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ମାନେ ପାଠ ପଢ଼ିବାର ଲକ୍ଷ ରଖା ଯାଇଛି ବୋଲି କହିବା ସହିତ ସମଗ୍ର ରାଜ୍ୟର ୧୭ଟି ଜିଲ୍ଲାର ୨୫୦୦୦ ଶିକ୍ଷା ସାଥୀଙ୍କୁ ନେଇ ମୋଟ ୫ଲକ୍ଷ ପିଲାଙ୍କୁ ପାଠ ପଢ଼ାଇବାର ଯୋଜନା ରହିଛି ବୋଲି ଜଣାଇଥିଲେ । ସେଥିରୁ ମୟୂରଭଞ୍ଜରେ ୧୫୦୦ ଚାଟଶାଳୀ ଖୋଲି ମୋଟ ୨୨୫୦୦ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଉଦ୍ୟମ ଜାରୀ ରହିଛି ବୋଲି ଅବଗତ କରାଇଥିଲେ । ସେହି ଅନୁସାରେ 'ସ୍ୱେଚ୍ଛାସେବି' ଯାହାଙ୍କୁ ଏବେ 'ଶିକ୍ଷାସାଥି' ବୋଲି କୁହାଯିବ ତାଙ୍କର ସଂଖ୍ୟା ମଧ ବୃଦ୍ଧି ପାଇବ ବୋଲି ଜଣାଇଥିଲେ । ଏହାପରେ ଗଣମାଧମର ପ୍ରତିନିଧି ମାନେ ବିଭିନ୍ନ ପ୍ରକାର ପ୍ରଶ୍ନ କରିଥିଲେ । ସମସ୍ତ ପ୍ରଶ୍ନର ଉତ୍ତର ଟିମ୍‌ଲିଡ଼ର ଶ୍ରୀଯୁକ୍ତ ଦାଶ ଦେଇଥିଲେ । ପରେ ମଞ୍ଚର ଉଦଳା ବ୍ଲକ କୋଡ଼ିନେଟର ଲାଲ ମୋହନ ବିନ୍ଧାଣୀ 'ମିଶନ ଚାଟଶାଳୀ' ପାଇଁ ଛପା ଯାଇଥିବା ପ୍ରେସ ବିଜ୍ଞପ୍ତି ପାଠ କରିଥିଲେ । ଉଦଳା ଓ ଖୁଣ୍ଟା ଅଞ୍ଚଳରେ କାର୍ଯ୍ୟରତ ଗଣମାଧମର ପ୍ରତିନିଧି ମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ ।

## ସ୍ୱାଧିନତା ସଂଗ୍ରାମୀ ପରିବାର ପକ୍ଷରୁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ପତ୍ର



ଭଦ୍ରକ,୧୮/୦୮ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ତୁଳମତୁଳା ଗ୍ରାମର ସ୍ୱାଧିନତା ସଂଗ୍ରାମୀ ସାରଦା ପ୍ରସାଦ ରାୟଙ୍କୁ କ୍ରାନ୍ତୀ ଦିବସରେ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଛି। ତତ୍କାଳୀନ ଜିଲ୍ଲାପାଳ ଜ୍ଞାନ ଦାସ ସଂଗ୍ରାମୀଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଉତ୍ତରୀୟ ଓ ପ୍ରଶଂସାପତ୍ର ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସମେତ ଉପଜିଲ୍ଲାପାଳ ପିତାମ୍ବର ସାମଲ, ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏଥିନେଇ ଆଜି ସ୍ୱାଧିନତା ସଂଗ୍ରାମୀ ଶ୍ରୀ ରାୟଙ୍କ ସୁଯୋଗ୍ୟ ପୁତ୍ର ମୋଟେଲ ଛକସ୍ଥିତ +୨ କଳ୍ପନାଦେବୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ମହେଶ ଚନ୍ଦ୍ର ରାୟ ବର୍ତ୍ତମାନର ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କୁ ସାକ୍ଷାତ କରି ଏକ ଭାରତର ତ୍ରିରଙ୍ଗା ପତାକା ଚିହ୍ନର ଏକ ଚାରୁକଳା ନିର୍ମିତ ଧନ୍ୟବାଦ ପତ୍ର ରାଷ୍ଟ୍ରପ୍ରତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଯାହାକୁ ନେଇ ଜିଲ୍ଲାପାଳ ଆନନ୍ଦ ପ୍ରକାଶ କରିଛନ୍ତି। ଏହି ଧନ୍ୟବାଦ ପତ୍ରରେ ସ୍ୱାଧିନତା ସଂଗ୍ରମୀ ଶ୍ରୀ ରାୟ ଓ ତାଙ୍କ ପରିବାର ପକ୍ଷରୁ ରାଷ୍ଟପ୍ରତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କର୍କଟରେ ଆକ୍ରାନ୍ତ ଶଙ୍କର୍ଷଣଙ୍କୁ ମିଳିଲା ସହାୟତାର ହାତ

ନୀଳଗିରି,୧୮/୦୮ (ନି.ପ୍ର): କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ନୀଳଗିରି ଉପଖଣ୍ଡର ଶ୍ୟାମସୁନ୍ଦରପୁର ଗ୍ରାମର ଟ୍ରକ ଡ୍ରାଇଭର ଶଙ୍କର୍ଷଣ ପତିଙ୍କୁ ଅନେକ ସମାଜସେବୀ ସହାୟତାର ହାତ ବଢ଼ାଇଛନ୍ତି । ଟ୍ରକ ଡ୍ରାଇଭର ଭାବେ ପାଞ୍ଚ ପ୍ରାଣୀ କୁଟୁମ୍ବକୁ ପ୍ରତିପୋଷଣ କରୁଥିବା ଶଙ୍କର୍ଷଣ ଗତ କିଛି ମାସ ପୂର୍ବରୁ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଏବେ ଶଯ୍ୟାଶାୟୀ ଅଛନ୍ତି । ଅଭାବ ଅନାଟନ ସହ ଚିକିତ୍ସା ପାଇଁ ଆର୍ଥିକ ସଂକଟ ଥିବା ନେଇ ପରିବାର ପକ୍ଷରୁ ସହାୟତା ପାଇଁ ନିବେଦନ କରିଥିଲେ । ଏ ନେଇ ଗଣମାଧମରେ ଖବର ପ୍ରକାଶିତ ହେଲା ପରେ ନୀଳଗିରିର ଯୁବ ସମାଜସେବୀ ତଥା ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର ତିନି ହଜାର ଟଙ୍କା ସହାୟତା କରିଛନ୍ତି । ସେହିପରି ମହାବୀର ଫାଉଣ୍ଡେସନ ପକ୍ଷରୁ ପ୍ରତିଷ୍ଠାତା ବିଦ୍ୟାଧର ବାରିକ ଦୁଇ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି । ପ୍ରଶାସନ ପକ୍ଷରୁ ତୁରନ୍ତ କର୍କଟ ପୀଡ଼ିତ ଶଙ୍କର୍ଷଣଙ୍କୁ ସରକାରୀ ସହାୟତା ପାଇଁ ଦାବୀ କରିଛନ୍ତି ନୀଳଗିରିର ସାନରାଣୀ ଜ୍ୟୋସ୍ନା ଦେବୀ ମର୍ଦ୍ଦରାଜ ହରିଚନ୍ଦନ ।

## ପରିବେଶ ପ୍ରଦୂଷଣ ସଂକ୍ରାନ୍ତୀୟ ଗୃହ କମିଟି ବୈଠକ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଭିଡିଓ କନଫେରେନ୍ସିଂ ଜରିଆରେ ବୁଧବାର ଦିନ ପରିବେଶ ପ୍ରଦୂଷଣ ସଂକ୍ରାନ୍ତୀୟ ଗୃହ କମିଟି ବୈଠକ ବିଧାନସଭା ପ୍ରକୋଷ୍ଠ ୫୯ରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ପରିବେଶ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଛି। କ୍ରସରମାନଙ୍କ ଦ୍ୱାରା ନିର୍ଗତ ଛୋଟ ଛୋଟ ପଥରଗୁଣ୍ଡ କ୍ୟାନସର, କିଡନୀ ଜଟିଳତା ଭଳି ଦୂରାରୋଗ୍ୟ ସୃଷ୍ଟି କରୁଥିବାରୁ ବାଚସ୍ପତି ଡ଼ଃ ପାତ୍ର ଘୋର ଉଦବେଗ ପ୍ରକାଶ କରିଥିଲେ ଏବଂ ଏହାର ନିରାକରଣ ପାଇଁ ପଦକ୍ଷେପ ନିଆଯିବା ଉଚିତ୍ ବୋଲି କହିଥିଲେ । ଭାରତୀୟ ଜାତୀୟ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗ୍ରୀନ୍ ଟ୍ରିବ୍ୟୁନାଲ ଦ୍ୱାରା ପ୍ରଦତ୍ତ ରାୟ ଗୁଡିକର ବିବରଣୀ ଏ ସଂକ୍ରାନ୍ତୀୟ ଗଠିତ ସବ୍-କମିଟିକୁ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ପରିବେଶ ପ୍ରଦୂଷଣ ଉଦବେଗଜନକ ଭାବେ ବଢୁଥିବାରୁ ଘୋର ଚିନ୍ତା ପ୍ରକଟ କରିଥିଲେ । ବିଧାୟକ ଅମର ପ୍ରସାଦ ଶତପଥୀ ବିଭିନ୍ନ କଳକାରଖାନାଙ୍କରୁ ନିର୍ଗତ କାର୍ବନ ପରିବେଶ ଉପରେ ଗଭୀର ପ୍ରଭାବ ପକାଉଥିବା ଦର୍ଶାଇଥିଲେ ଏବଂ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ବିଧାୟକ ସୁବାସ ଚନ୍ଦ୍ର ବେହେରା ସମ୍ପ୍ରତି ପଲିଥିନର ବହୁଳ ବ୍ୟବହାର ହେଉଥିବାରୁ ପରିବେଶ ଉପରେ କୁପ୍ରଭାବ ପଡୁଥିବା ଦର୍ଶାଇଥିଲେ ଏବଂ ଏହାକୁ ରୋକିବାକୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ଦେଇଥିଲେ । ସହରାଂଚଳ ଏବଂ ଗ୍ରାମାଂଚଳରେ ପ୍ରଦୂଷଣ ଉପରେ ଗଠିତ ସବ୍-କମିଟିର ଅଧକ୍ଷ ନରସିଂହ ମିଶ୍ର, ବିବିନ୍ନ ଶିଳ୍ପ ସଂସ୍ଥା ଦ୍ୱାରା ନିର୍ଗତ ଦୂଷିତ ଜଳ ଉପରେ ଗଠିତ ସବ୍ – କମିଟିର ଅଧକ୍ଷ ମୋହନ ଚରଣ ମାଝୀ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଦ୍ୱାରା ନିର୍ଗତ କାର୍ବନ ଉପରେ ଗଠିତ ସବ୍-କମିଟିର ଅଧକ୍ଷ ବଦ୍ରି ନାରାୟଣ ପାତ୍ର ବିଧାନସଭାକୁ ପରିବେଶ ପ୍ରଦୂଷଣ ଉପରେ ଚୁଡାନ୍ତ ରିପୋର୍ଟ ଦେବେ ଏବଂ ରିପୋର୍ଟ ଉପରେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଥିଲେ ।

## ବିଜୁ ଯୁବ ଜନତା ଦଳର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୧୮/୦୮ (ନି.ପ୍ର): ବିଜୁ ଯୁବ ଜନତା ଦଳ ସଦର ଶାଖା ପକ୍ଷରୁ ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଭେନ୍ୟା ପାରାଡାଇଜ କଲ୍ୟାଣ ମଣ୍ଡପରେ ଆଜି ଅନୁଷ୍ଠିତ ହୋଇଯାଇଛି। ସଦର ମଣ୍ଡଳ ଯୁବ ବିଜେଡି ସଭାପତି ଦିଲୀପ ମହାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନବନିଯୁକ୍ତ ମଣ୍ଡଳ କର୍ମକର୍ତ୍ତା, ପଞ୍ଚାୟତ ଯୁବ ସଭାପତି ଓ ପଞ୍ଚାୟତ ସାମାଜିକ ଗଣମାଧ୍ୟମା ସଂଯୋଜକମାନେ ଯୋଗ ଦେଇଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏଥିରେ ଯୋଗ ଦେଇ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ପଞ୍ଚାୟତ ଏବଂ ୱାର୍ଡ ସ୍ତରରେ ଦଳୀୟ ସଂଗଠନ ଆହୁରି ସୁଦୃଢ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳ ସ୍ତରରେ ସଂଗଠନ ଜାରି ରଖିବା ସହ ସାଧାରଣ ଲୋକଙ୍କ ସମସ୍ୟା ସମାଧାନକୁ ଅଧିକ ଗୁରୁତ୍ୱ ଦେବା ପାଇଁ ଦୁଇ ବିଧାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବକୁ ସୋସିଆଲ ମିଡ଼ିଆରେ ସକ୍ରିୟ ରହିବା ପାଇଁ ଦୁଇ ବିଧାୟକ ଯୁବକର୍ମୀଙ୍କୁ କହିଥିଲେ। ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ରଞ୍ଜିତ ମହାପାତ୍ର, ରାଜ୍ୟ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ବିଜେଡି ଜିଲା ସାଧାରଣ ସମ୍ପାଦକ ବରଦା ପସନ୍ନ ପଟ୍ଟନାୟକ, ଜିଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଜିଲା ଯୁବ ଡିଜିଟାଲ ସମ୍ପାଦକ ଅବିନାଶ ନାୟକ, ସଦର ମଣ୍ଡଳ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ଉପ-ନଗରପାଳ ମନୋଜ ରାଉତ, ସଦର ମଣ୍ଡଳ ବିଜେଡି ସଭାପତି ବସନ୍ତ ପଣ୍ଡା, ବ୍ଲକ ଯୁବ ଡିଜିଟାଲ ସମ୍ପାଦକ ଗୌରବ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଦିବ୍ୟଶକ୍ତି ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକରେ ବିଜେପିର ମିଶ୍ରଣ ପର୍ବ



ଭଦ୍ରକ,୧୮/୦୮ (ନି.ପ୍ର): ଭଦ୍ରକ ଜିଲ୍ଲା ବିଜେପି ସଭାପତି ହେମନ୍ତ କୁମାର ପାଢୀ, ଭଦ୍ରକ ବିଧାନସଭା ନେତା ଡାକ୍ତର ପ୍ରଦିପ ନାୟକ ନେତୃତ୍ୱରେ ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବ୍ଲକର ବଣିଆ, ଜଗଦଳପୁର, ଗୋରାମାଟି ପଞ୍ଚାୟତର ଶତାଧିକ ବିଜୁ ଜନତାଦଳର କର୍ମୀ ନିଜ ଦଳ ଛାଡି ବିଜେପିରେ ଯୋଗ ଦେଇଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଜନକଲ୍ୟାଣ ଯୋଜନାରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ଯୋଗଦାନ କରିଥିବା କଥା ପ୍ରକାଶ କରିଛନ୍ତି। ବିଜୁ ଜନତା ଦଳ ଦୀର୍ଘ ୨୨ ବର୍ଷ ଶାସନରେ ରହି ଗରିବ ଲୋକଙ୍କୁ ସହାୟତା ପରିବର୍ତ୍ତେ ଶୋଷଣ କରୁଛନ୍ତି। ବିଜେଡି ଦଳର ଦୌରାତ୍ମ୍ୟରେ ଲୋକେ ଅତିଷ୍ଠ ହୋଇ ଗଲେଣି। ବଣିଆ ପଞ୍ଚାୟତର ୨ଥର ସରପଞ୍ଚ ହୋଇଥିବା ଅଜୟ ସାମଲ ତାଙ୍କର ସହଯୋଗୀ ବିଜୁ ଜନତା ଦଳର ବରିଷ୍ଠ କର୍ମୀ ପୂର୍ଣ୍ଣଚନ୍ଦ୍ର ନାୟକ, ରବିନ୍ଦ୍ର ଓଝା, ମଳୟ ନାୟକ, ଗଣେଶ ନାୟକ, ଭାଗିରଥୀ ମହାରଣା, ଜଗବନ୍ଧୁ ଓଝା, ଉଦୟ ପେଡା, ରତିରଂଜନ ରାଉତ, ଦିଲିପ ପାଢୀ, ରାଜେଶ ପାକଳ, ସରୋଜ ରାଉତ, ବିଏସ୍‌ପି ର ବିଧାୟକ ପ୍ରାର୍ଥୀ (ଭଦ୍ରକ ବିଧାନସଭା) ରାଜକିଶୋର ପାତ୍ର, ଭୀମସେନ ଶଙ୍ଖୁଆ, ବିଷ୍ଣୁ ଚାନ୍ଦ, ବିନୋଦ ସ୍ୱାଇଁ, ନରହରି ଓଝା, ଭୀମସେନ ସେଠୀ, ମୁରଲୀ ପଲାଇ, ରଂଜନ ପାକଳ, ଜଗନ୍ନାଥ ବେହେରା, ପ୍ରଦୋଷ ପାଢୀ,ଅଜୟ ଓଝା, ଜଗଦଳପୁର ପଞ୍ଚାୟତର ସୁଶାନ୍ତ ସାମଲ, ଦାମୋଦର ବେହେରା, ନିରଞ୍ଜନ ନାୟକ, ସଞ୍ଜୟ ବେହେରା, ବିଜୟ ଦାସ, ବାବୁରାମ ଜେନା, ଗିରିଧାରୀ ମଲ୍ଲିକ, ରବିନ୍ଦ୍ର ରଣା, ଗୋରାମାଟି ପଞ୍ଚାୟତର ହୃଷିକେଶ ସାହୁ, ବସନ୍ତ ମଲ୍ଲିକ, ବିଜୟ କୁମାର ଜେନା, କୃପାସିନ୍ଧୁ ଦାସ, ସୁକାନ୍ତ ସାହୁ, ଶରତ ସାହୁ, ଧର୍ମେନ୍ଦ୍ର ପାଢୀ ପ୍ରମୁଖ ଶତାଧିକ କର୍ମୀ ବିଜେଡି ଛାଡି ବିଜେପିରେ ଯୋଗଦାନ କରି ବିନା ସର୍ତ୍ତରେ ବିଜେପିକୁ ପଞ୍ଚାୟତ ନିର୍ବାଚନରେ ଜିତାଇବେ ବୋଲି ଦୃଢ ସଂକଳ୍ପ ନେଇଥିଲେ।

## ପୁରୀ ଜିଲ୍ଲାରେ ନୂଆ ୨୫ କରୋନା ପଜିଟିଭ୍ ଚିହ୍ନଟ

ପୁରୀ,୧୮/୦୮ (ନି.ପ୍ର): ପୁରୀ ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ ନୂଆ ୨୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ବ୍ଲକରୁ ୩ ଜଣ, ବ୍ରହ୍ମଗିରି ବ୍ଲକରୁ ଜଣେ, ଡ଼େଲାଙ୍ଗ ବ୍ଲକରୁ ଜଣେ, ଗୋପ ବ୍ଲକରୁ ୨ ଜଣ, କାକଟପୁର ବ୍ଲକରୁ ସର୍ବାଧିକ ୬ ଜଣ, ନିମାପଡ଼ା ବ୍ଲକରୁ ୩ ଜଣ, ନିମାପଡ଼ା ବିଜ୍ଞାପିତ ଅଂଚଳରୁ ୨ ଜଣ, ପିପିଲି ବ୍ଲକରୁ ଜଣେ, ପିପିଲି ବିଜ୍ଞାପିତ ଅଂଚଳରୁ ଜଣେ, ପୁରୀ ସଦର ବ୍ଲକରୁ ଜଣେ ଏବଂ ପୁରୀ ପୌରାଚଂଳରୁ ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।

## ରଗବି ଖେଳର ଆଦୃତି ବଢୁଛି
### ୧୮ ବର୍ଷରୁ କମ ଆନ୍ତର୍ଜାତୀୟ ରଗବି ଖେଳରେ ମୟୂରଭଞ୍ଜରୁ ୪ ବାଳିକାଙ୍କୁ ଟ୍ରେନିଂ ପାଇଁ ଚୟନ



ବାରିପଦା,୧୮/୦୮ (ନି.ପ୍ର): ଓଡ଼ିଶା ହେଉଛି ଭାରତରେ ରଗବିର ଆରମ୍ଭ ସ୍ଥଳି । ଆଉ ଆମର ଖେଳାଳୀ ଉଭୟ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିସାରିଛନ୍ତି । ତେବେ ଗତ କିଛି ବର୍ଷ ହେଲା ପୁରା ଦେଶରେ ରଗବି ଖେଳର ଦୃତ ଅଭିବୃଦ୍ଧି ଓ ବିକାଶ ହେବାରେ ଲାଗିଛି । ତେଣୁ ଏନେଇ ଏବେ ଓଡ଼ିଶାରେ ଏହି ଖେଳକୁ ମହିଳା ଖେଳାଳୀ ମାନେ ବେଶ ଆପଣାଉ ଥିବାର ଦେଖା ଯାଉଛି । ଗତ ୨୦୧୭ ମସିହାରେ ମୟୂରଭଞ୍ଜ ଜିଲ୍ଲାର ରାଣିଭୋଳ ସ୍କୁଲ ଓ ଶିରିଶବଣୀ ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମର କିଛି ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ରଗବି ଖେଳର ପ୍ରଚାର ପ୍ରସାର କରାଯାଇଥିଲା । ଆଉ ପ୍ରବଳ ଇଚ୍ଛାଶକ୍ତି କାରଣରୁ ଏହା ଧିରେ ଧିରେ ଅନ୍ୟାନ୍ୟ ସ୍କୁଲ ଛାତ୍ରଛାତ୍ରୀଙ୍କୁ ମଧ ଆକୃଷ୍ଟ କରୁଛି । ଅଲମ୍ପିକ୍ ହେଉ କିମ୍ବା ଫୁଟବଲ ଅବା କ୍ରିକେଟ ସବୁଥିରେ ନାରୀ ଆଜି ଆଗୁଆ । ଆଉ ଏହାକୁ ପ୍ରମାଣିତ କରିଛନ୍ତି ମୟୂରଭଞ୍ଜ ଜିଲ୍ଲାର ୪ ଜଣ ଝିଅ । ମୟୂଭଞ୍ଜର ଜିଲ୍ଲା ପାଇଁ ଏବେ ଏମାନେ ସାଜିଛନ୍ତି ଗୌରବର ବିଷୟ । ଏମାନେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଚମ୍ପାଝର ଠାରେ ଥିବା ଫିୟୁଚର ଷ୍ଟାର ସ୍ପୋର୍ଟସ୍ ଏକାଡେମୀର ଆରତୀ ମୁର୍ମୁ , ସାରଥି ହାଁସଦା , ପୁଲକ ମଞ୍ଜରୀ ମହାନ୍ତ ଓ ପାର୍ବତୀ ହାଁସଦା । ଏହି ୪ଜଣ ଙ୍କୁ ଆସନ୍ତା ସେପ୍ଟେମ୍ବର ମାସରେ ଉଜବେକିସ୍ଥାନରେ ହେବାକୁ ଯାଉଥିବା ୧୮ ବର୍ଷରୁ କମ୍ ବାଳିକା ବିଭାଗର ରଗବି ଚମ୍ପିୟାନ ସିପ୍ ୨୦୨୧ ପାଇଁ ଭାରତରୁ ୫୪ ଜଣିଆ ଦଳରେ ଚୟନ କରାଯାଇଛି । ଆଉ ଏହି ୫୪ଜଣିଆ ଦଳରେ ଓଡିଶାରୁ ୧୨ଜଣ ବାଳିକା ସ୍ଥାନ ପାଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରୁ ୪ଜଣ ବାଳିକାଙ୍କୁ ସ୍ଥାନ ମିଳିଛି । ଏନେଇ ୧୪ଅଗଷ୍ଟ ଠାରୁ ୧୬ସେପଟେମ୍ବର ପର୍ଯ୍ୟନ୍ତ ଇଣ୍ଡିଆନ ରଗବି ଫୁଟବଲ ୟୁନିୟନ ତରଫରୁ ଭୁବନେଶ୍ୱର ସ୍ଥିତ କିଟ କ୍ୟାମ୍ପସ୍ ଠାରେ ଏମାନଙ୍କୁ ଦିଆଯାଉଛି ସ୍ୱତନ୍ତ୍ର ଟ୍ରେନିଂ । ଜାତୀୟ ଦଳକୁ ମନୋନୀତ ହୋଇଥିବା ଏହି ୧୨ଜଣ ଖେଳାଳୀଙ୍କୁ ସେପଟେମ୍ବର ୧୮ ଓ ୧୯ ତାରିଖରେ ଉଜବେକିସ୍ଥାନର ତାସକେଣ୍ଟ ଠାରେ ଅନୁଷ୍ଠିତ ହେବାକୁ ଥିବା ଏସୀୟା ରଗବି ଚମ୍ପୀୟନସିପ୍ ୨୦୨୧ରେ ଭାଗନେବାପାଇଁ ଯିବେ ବୋଲି ଜଣା ଯାଇଛି । ତେବେ ଏହି ଖେଳାଳୀ ମାନେ ପୂର୍ବରୁ ପ୍ରଶିକ୍ଷଣ ନେଉଥିବା ବେଳେ କରୋନା ପ୍ରଭାବରେ ଟ୍ରେନିଂ କିଛିଦିନ ହେଲା ବନ୍ଦ ରହିଥିଲା । ତେବେ ଜାତୀୟ ଦଳରେ ମନୋନୀତ ହେବାର ଖବର ମିଳିବା ପରେ ଏମାନଙ୍କୁ ପୁଣି ପ୍ରଶିକ୍ଷଣ ଦିଆଯାଉଛି । ଜିଲ୍ଲାର ଏହି ୪ଖେଳାଳୀ ଭାରତ ପାଇଁ ନିଶ୍ଚିତ ମନୋନୀତ ହେବେ ବୋଲି ଆଶା ବାନ୍ଧିଛନ୍ତି ଖେଳାଳି ମାନେ ତଥା ତାଙ୍କର ପ୍ରଶିକ୍ଷକ । ତେବେ ରଗବି ଖେଳର ଆମ ଦେଶରେ ଅନେକ ଲୋକପ୍ରିୟତା ଅଛି । ତେଣୁ ମୟୂରଭଞ୍ଜ ଭଳି ପଛୁଆ ଜିଲ୍ଲାରୁ ଭାଗନେଇଥିବା ଏହି ୪ଜଣ ବାଳିକା ଖେଳାଳୀଙ୍କୁ ନେଇ ବେଶ ଆଶାବାଦୀ ଅଛନ୍ତି ମୟୂରଭଞ୍ଜ ବାସୀ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo